ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, June 6/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 191 | ମୂଲ୍ୟ₹୭/-



DSPL-96



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ

ନୂତନ ଭାବେ ମନୋନୀତ ୭ଟି ବିଭାଗର
**୧୨୪୮ ଜଣ ପ୍ରାର୍ଥୀଙ୍କୁ**

## ନିଯୁକ୍ତିପତ୍ର ପ୍ରଦାନ

୮୨୬
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

୧୭୮
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

୮୧
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

୬୩
ବାଣିଜ୍ୟ ଓ ପରିବହନ ବିଭାଗ

୪୯
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

୩୨
ଅବକାରୀ ବିଭାଗ

୧୯
ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ

୦୬ ଜୁନ୍ ୨୦୨୫ । ରେଳ ଅଡିଟୋରିୟମ୍, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ । ବାଣିଜ୍ୟ ଓ ପରିବହନ ବିଭାଗ ।
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ । ଅବକାରୀ ବିଭାଗ । ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ।
ଓଡ଼ିଶା ସରକାର

OIPR-11033/13/0014/2526

# ଜମ୍ମୁ ଓ କଶ୍ମୀର
# ବିକାଶର ଅୟମାରମ୍ଭ





## ₹୪୪,୦୦୦ କୋଟିର
## ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

**ଚେନାବ୍ ସେତୁ**
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**
- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

**ଅଞ୍ଜି ସେତୁ**
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଳ ସେତୁ)**
- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

**ଉଧମପୁର-ଶ୍ରୀନଗର-ବାରାମୁଲା**
**ରେଳ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**
- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

**୨ ବନ୍ଦେ ଭାରତ ଟ୍ରେନ୍**
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**
- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର
ଅଧ୍ୟକ୍ଷ, ଶ୍ରୀ ମାତା ବୈଷ୍ଣୋଦେବୀ ଶ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର

**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ଶ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

## ଭାରତୀୟ ରେଳପଥ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | www.indianrailways.gov.in | ଆମକୁ ଅନୁସରଣ କରନ୍ତୁ /RailMinIndia

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ | Bhubaneswar, Friday, June 6/2025




ତ୍ରିପୁରାର ଅଗରତାଲାସ୍ଥିତ ଅକ୍ସିଜେନ୍ ପାର୍କରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମ ବେଳେ ଛାତ୍ରୀମାନେ ବୃକ୍ଷକୁ ଆଲିଙ୍ଗନ କରୁଛନ୍ତି।

# ଆମେରିକାରୁ ମୁହଁ ଫେରାଉଛନ୍ତି ଭାରତୀୟ ଛାତ୍ରୀଛାତ୍ର

**ଜର୍ମାନୀ, ରୁଷିଆ, ବ୍ରିଟେନ୍ ମୁହାଁ ବିଦ୍ୟାର୍ଥୀ**

ଟ୍ରମ୍ପ୍ ପ୍ରଶାସନର ସଦ୍ୟ ନୀତି ପରିବର୍ତ୍ତନ ଆମେରିକାକୁ ପାଠ ପଢ଼ିବାକୁ ଯିବା ପାଇଁ ଚାହୁଁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଆଶା ଆକାଂକ୍ଷାକୁ ବହୁଳ ଭାବେ ପ୍ରଭାବିତ କରିଛି। ହାର୍ଭାର୍ଡ ୟୁନିଭର୍ସିଟିରେ ନାମ ଲେଖାଇବାକୁ ଚାହୁଁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ଭିଜା ରଦ୍ଦ ସମେତ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଆପ୍ରବାସନ ନିରୋଧୀ ପଦକ୍ଷେପ ଭାରତୀୟ ପିଲାଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି କରିବା ସହ ସେମାନଙ୍କ ଚିନ୍ତା ବଢ଼ାଇଦେଇଛି। ଏଥିଯୋଗୁ ଆମେରିକାରେ ନାମ ଲେଖାଉଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଆଖିଦୃଶିଆ ହ୍ରାସ ପାଇଛି। ୨୦୨୩ରେ ଆମେରିକାରେ ୨,୩୪,୪୭୩ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨୦୨୪ରେ ଏଥିରେ ୧୩% ହ୍ରାସ ପାଇ ସେମାନଙ୍କ ସଂଖ୍ୟା ୨,୦୪,୦୫୮କୁ ଖସିଆସିଥିଲା। ୨୦୨୫ରେ ଏଥିରେ ୨୮% ହ୍ରାସ ପାଇଥିବା ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ଆବେଦନକାରୀଙ୍କ ପାଇଁ ଯାଞ୍ଚ ବୃଦ୍ଧି, ଭିଜା ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବା ଆଦି କାରଣରୁ ଭାରତୀୟ ମାତାପିତା ସାରା ଜୀବନର କଷ୍ଟୋପାର୍ଜିତ ଧନକୁ ଆଉ ନିଜ ପିଲାଙ୍କ ପଛରେ ଲଗାଇ ସେମାନଙ୍କୁ ଆମେରିକା ପଠାଇବାକୁ ଚାହୁଁନାହାନ୍ତି। ଏଭଳି ସ୍ଥିତିରେ ଭାରତୀୟ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଜର୍ମାନୀ, ରୁଷିଆ ଓ ବ୍ରିଟେନ୍‌କୁ ବିକଳ୍ପ ପସନ୍ଦ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ଜର୍ମାନୀରେ ଅପେକ୍ଷାକୃତ ସ୍ୱଳ୍ପ ଟିଉଶନ୍ ଫି' ରହିଥିବାବେଳେ ଇଂଲିଶ୍ ମାଧ୍ୟମରେ ପାଠ୍ୟକ୍ରମ ଓ ସରଳ ଭିଜା ପ୍ରକ୍ରିୟା ଯୋଗୁ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୯% ବୃଦ୍ଧି ପାଇଛି। ସେହିପରି ରୁଷିଆରେ କମ୍ ଶିକ୍ଷା ଖର୍ଚ୍ଚ ଓ ନିମ୍ନ ଜୀବନ ଧାରଣ ବ୍ୟୟ ହେତୁ ମେଡିକାଲ ପଢ଼ିବା ପାଇଁ ପୂର୍ବାପେକ୍ଷା ୩୪% ଅଧିକ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଶିକ୍ଷାକ୍ଷେତ୍ରର ବୈଶ୍ୱିକ ଦୃଶ୍ୟପଟରେ ଏହି ପରିବର୍ତ୍ତନ ଭାରତୀୟ ବିଦ୍ୟାର୍ଥୀଙ୍କ ପାଇଁ ନୂଆ ଅଧ୍ୟୟନ ପରିବେଶ ସୃଷ୍ଟି କରିଛି।

ୱାଶିଂଟନ/ନୂଆଦିଲ୍ଲୀ,୫।୬

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଜାତୀୟ ସ୍ୱାର୍ଥର ଦ୍ୱାହିଦେଇ ଅନେକ କଠୋର ପଦକ୍ଷେପ ନେଇଚାଲିଛନ୍ତି। ତାଙ୍କ ପ୍ରଶାନସନର ଏଭଳି ପଦକ୍ଷେପ ଯୋଗୁ ୟୁଏସ୍ ଷ୍ଟୁଡେଣ୍ଟ ଭିଜାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଫଳରେ ଭାରତୀୟ ପରିବାରଗୁଡ଼ିକ ନିଜ ପିଲାଙ୍କୁ ଆମେରିକା ପଠାଇବା ଉପରେ ପୁନର୍ବିଚାର କରୁଛନ୍ତି। ଏଥିଯୋଗୁ ଆମେରିକାକୁ ପାଠପଢ଼ିବାକୁ ଯାଉଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ଜର୍ମାନୀ, ☞ ପୃଷ୍ଠା-୨



## ବିମୁଖତାର ପ୍ରମୁଖ କାରଣ

୧. ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳିରେ ପ୍ରଶାସନ ପକ୍ଷରୁ ନିଆଯାଉଥିବା ଆପ୍ରବାସନ ନିରୋଧୀ ପଦକ୍ଷେପ ଯୋଗୁ ଅଧିକାଂଶ ଭାରତୀୟ ଛାତ୍ରୀଛାତ୍ର ସେଠାକୁ ପାଠ ପଢ଼ିବାକୁ ଯିବା ପାଇଁ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି।

୨. ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ବିଦେଶୀ ଛାତ୍ରୀଛାତ୍ରଙ୍କ ଭିଜା ରଦ୍ଦ/ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ କରାଯିବା କାରଣରୁ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବିପୁଳ ଅର୍ଥ ଖର୍ଚ୍ଚକରି ମାତାପିତା ନିଜ ପିଲାଙ୍କୁ ଆମେରିକାକୁ ପଠାଇବା ପାଇଁ ରିସ୍କ ନେବାକୁ ଚାହୁଁନାହାନ୍ତି।

୩. ଆମେରିକାର ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସ୍‌ଗୁଡ଼ିକରେ ପାଲେଷ୍ଟିନୀୟଙ୍କ ସପକ୍ଷରେ ଆୟୋଜିତ ରାଲିଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ୍ ପ୍ରଶାସନ ଅନ୍ତର୍ଜାତୀୟ ଆବେଦନକାରୀଙ୍କ ପାଇଁ ସୋସିଆଲ ମିଡିଆ ସ୍କ୍ରିନିଂକୁ ତ୍ୱରାନ୍ୱିତ କରିଛି। ଏହାଦ୍ୱାରା ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକ ଭିଜା ଆବେଦନକାରୀଙ୍କ ଇଣ୍ଟରଭ୍ୟୁ ପାଇଁ ସମୟ ନିର୍ଦ୍ଧାରଣ କରୁଛନ୍ତି।

# ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ସୁଧାକର ନିହତ

ମାଲକାନଗିରି,୫।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାର ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ହୋଇଛି। ଏଥିରେ ମାଓବାଦୀ ସଙ୍ଗଠନର ଅନ୍ୟତମ ଶୀର୍ଷ ନେତା ତଥା କେନ୍ଦ୍ରୀୟ କମିଟି ସଦସ୍ୟ ସୁଧାକରଙ୍କ ମୃତ୍ୟୁ ଘଟିଛି। ସୁଧାକରଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରହିଥିଲା।

ଗତ କିଛିଦିନ ଧରି ଛତିଶଗଡ଼ରେ ଜୋର୍‌ଦାର ମାଓବାଦୀ ଦମନ ଅଭିଯାନ ଚାଲିଥିବାବେଳେ ଏଥିରେ ବହୁ ଟପ୍ କ୍ୟାଡର ନେତାଙ୍କ ମୃତ୍ୟୁ ହୋଇଛି। ବିଶେଷକରି ବିଜାପୁର ଜିଲା ଆବୁଝମାଡ ଜଙ୍ଗଲ, ଛତିଶଗଡ-ତେଲଙ୍ଗାନା ସୀମାବର୍ତ୍ତୀ କେରିଗୁଟା ଜଙ୍ଗଲରେ କୋମ୍ବିଂ କରାଯାଇ ସଂଗଠନର ବହୁ ଟପ୍ ଓ କେନ୍ଦ୍ରୀୟ କ୍ୟାଡର ନେତାମାନେ ନିହତ ହୋଇଛନ୍ତି। ଛତିଶଗଡ ବିଜାପୁର ଜିଲା ନ୍ୟାଶନାଲ ପାର୍କ ଜଙ୍ଗଲ ମାଓବାଦୀଙ୍କ



ସୁଧାକର

ଆଡ୍ଡାସ୍ଥଳ ମଧ୍ୟରୁ ଅନ୍ୟତମ। ସେହି ଅଞ୍ଚଳରେ କୋମ୍ବିଂବେଳେ ଅନ୍ୟ କେତେଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। କୋମ୍ବିଂ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ବିଜାପୁର ପୋଲିସ ତରଫରୁ ସୂଚନା ଦିଆଯାଇଛି। ମେ ୨୧ ତାରିଖରେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ବାସଭାରାଜୁଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଥିଲା।

# ଗଣଆନ୍ଦୋଳନ ହେଉ ପ୍ଲାଷ୍ଟିକ୍ ବର୍ଜନ: ମୁଖ୍ୟମନ୍ତ୍ରୀ



ଓୟୁଏଟି କୃଷି ଶିକ୍ଷା ସଦନଠାରେ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)

- **ବର୍ଷକ ମଧ୍ୟରେ ୭.୫ କୋଟି ଚାରାରୋପଣ ଲକ୍ଷ୍ୟ**
- **'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସରକାର ଲଗାଇଲେ ସାଢ଼େ ୬ କୋଟି ଗଛ**

ରାଜ୍ୟ ସରକାର ବର୍ଷକ ମଧ୍ୟରେ ୭.୫ କୋଟି ଗଛ ଲଗାଇବେ। ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥିବୀର ଭୟାବହତାକୁ ହୃଦୟଙ୍ଗମକରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ ମାଧ୍ୟମ ହୋଇପାରିବ। ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ୍ ଅପରିହାର୍ଯ୍ୟ ହୋଇସାରିଛି, ବିଶେଷକରି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍। ପ୍ଲାଷ୍ଟିକ୍‌ର ଅଧିକ ବ୍ୟବହାର ୩ଟି ସମସ୍ୟା ଭାବେ ଉଭା ହୋଇଛି, ଜଳବାୟୁ ପରିବର୍ତ୍ତନ, ଜଳ, ସ୍ଥଳ ଏବଂ ଜୈବ ବିବିଧତାରେ କ୍ଷୟ ଏବଂ ପ୍ରଦୂଷଣ ଓ ଆବର୍ଜନାର ସମସ୍ୟା। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ବର୍ଜନ ଏକ ଗଣ ଆନ୍ଦୋଳନରେ ପରିଣତ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମଧ୍ୟ ଷ୍ଟେଟ୍ କ୍ଲିନ୍ ଏୟାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଜନସଂଖ୍ୟା ବହୁଳ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରା କମାଇବ ଏବଂ ବାୟୁମଣ୍ଡଳରେ ବାୟୁର ଗୁଣବତ୍ତା ବଢ଼ାଇବ। ସେଥିପାଇଁ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ମଧ୍ୟ ତତ୍ପର ଅଛି। ଆମ ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଇଛନ୍ତି। ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିପଦରେ ତିବ୍ବତ ମାଳଭୂମି**

# ଝିଅଙ୍କୁ ଗଣବଳାତ୍କାର କରାଉଥିଲେ ଭାଜପା ନେତ୍ରୀ

## ଅନାମିକା ଶର୍ମା, ପୁରୁଷ ବନ୍ଧୁ ଗିରଫ

ହରିଦ୍ୱାର,୫।୬

ଭାଜପା ନେତ୍ରୀଙ୍କ ୧୩ ବର୍ଷୀୟା ଝିଅଙ୍କୁ ତାଙ୍କ ପୁରୁଷ ବନ୍ଧୁ ଓ ଜଣେ ସହଯୋଗୀ ମିଶି ଅନେକ ଥର ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଭାଜପା ମହିଳା ମୋର୍ଚ୍ଚାର ହରିଦ୍ୱାର ଜିଲା ଶାଖାର ପୂର୍ବତନ ସଭାନେତ୍ରୀ ଅନାମିକା ଶର୍ମା ଓ ତାଙ୍କ ବୟଫ୍ରେଣ୍ଡ ସୁମିତ ପଟୱାଲଙ୍କୁ ବୁଧବାର ହରିଦ୍ୱାରର ଏକ ହୋଟେଲରୁ ଗିରଫ କରାଯାଇଛି। ଘଟଣା ସମ୍ପର୍କରେ ପୀଡ଼ିତା ତାଙ୍କ ବାପାଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିବାରୁ ମଙ୍ଗଳବାର ଘଟଣା ସାମ୍ନାକୁ ଆସିଥିଲା ବୋଲି ହରିଦ୍ୱାର ଏସ୍‌ଏସ୍‌ପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି। ଏହି ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଏନ୍‌ଏସ୍‌ର ବିଭିନ୍ନ ଧାରା ସମେତ ପୋକ୍‌ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ସୁମିତଙ୍କ ସହ ଏହି ଅପରାଧରେ ସମ୍ପୃକ୍ତ ଶୁଭମ୍ ନାମକ ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି। ଖବର ପ୍ରକାଶ ପାଇବା ପରେ ଅନାମିକାଙ୍କୁ ଦଳର ପ୍ରାଥମିକ ସଭ୍ୟପଦରୁ ବହିଷ୍କାର କରାଯାଇଛି। ମହିଳା ନେତ୍ରୀଙ୍କ ସମ୍ମତି କ୍ରମେ ଓ ତାଙ୍କ ଉପସ୍ଥିତିରେ ସୁମିତ ଓ ଶୁଭମ୍ ପୀଡ଼ିତାଙ୍କୁ ଗତ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଅନେକ ଥର ଗଣବଳାତ୍କାର କରିଥିଲେ। ପୀଡ଼ିତା ଏକଥା କାହାକୁ ଜଣାଇଲେ, ତାଙ୍କ ବାପାଙ୍କୁ ସେମାନେ ମାରିଦେବାକୁ ଧମକ ଦେଇଥିଲେ। ସୂଚନାଯୋଗ୍ୟ, ଅନାମିକା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ବୟଫ୍ରେଣ୍ଡଙ୍କ ସହ ହୋଟେଲରେ ରହୁଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପକ୍ଷରୁ ଚାରିଟେବୁଲ କ୍ଲିନିକ୍ ଉଦ୍‌ଘାଟନ, ସ୍ଥାନ: ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ, ପୋଖରୀପୁଟ, ସମୟ: ସକାଳ ୯ଟା ୩୦।
- ନିଯୁକ୍ତି ମେଳା, ସ୍ଥାନ: ରେଳ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଥାଶିଳ୍ପୀ ଘନବିହାରୀ ମହାରଣାଙ୍କ ୩ୟ ଗଳ୍ପ ସଂକଳନର ଲୋକାର୍ପଣ 'ମଉନା ମଇନା', ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ସତୀଚଉରା, ସମୟ: ସକାଳ ୮ଟା।
- ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୬ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବନମାଳୀ ବ୍ରହ୍ମଚାରୀ ଭବନ, ଝାଞ୍ଜିରମଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ରାଜନେତା ତଥା ଆଇନଜୀବୀ ଦୀପକ ଦେ'ଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।

## ପୁରୀ
- ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ କବିତା ପାଠ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବକୁଳ ବାଟିକା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ବଉଳକାଠ ଶଗଡ଼ି ମେଲାଣି ଶୋଭାଯାତ୍ରା, ସ୍ଥାନ: ଶ୍ରୀ ସିଦ୍ଧବକୁଳ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଚାରି ପ୍ରହର ନାମ ଯଜ୍ଞ ଓ ମହୋତ୍ସବ,ସ୍ଥାନ: ଭେଲୋରା,ବସ୍ତା,ସମୟ:ଦିବସବ୍ୟାପୀ
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ
- ନିରାମୟ ସ୍ୱାସ୍ଥ୍ୟ ସେବାର ଯତ୍ନ ଓ ନିରାକରଣ କାର୍ଯ୍ୟକ୍ରମ,ସ୍ଥାନ:ଉଦଳା ବରିଷ୍ଠ ନାଗରିକ ସଂଘ ସଭାମଣ୍ଡପ, ସମୟ:ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁ ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର,ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା,ସମୟ:ସକାଳ ୯ଟା।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଚିତ୍ରଡ଼ା ପୁରୁଣାପାଣି କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ନିଚୁଆପଦା ପ୍ରିମିୟର ଲିଗର ଦ୍ୱିତୀୟ ଦିନ, ସ୍ଥାନ: ନିଚୁଆପଦା ଖେଳ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ସୁନ୍ଦର କାଣ୍ଡ ପାରାୟଣ ଓ ୧୦୮ ହନୁମାନ ଚାଳିଶା ପାଠ, ସ୍ଥାନ: ମାନସ ପଡ଼ିଆ କ. ନୂଆଗାଁ, ସମୟ: ସକାଳ ୮ଟା।

## ନୟାଗଡ଼
- ପାର୍ଶ୍ୱ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ଓ ଧ୍ୱାନାଭିଷେକ, ସ୍ଥାନ:ଖଣ୍ଡପଡା ସିଦ୍ଧାମୂଳାସ୍ଥ ଗୋଳକୁଳାନନ୍ଦଙ୍କ ପୀଠ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଓ ଖାଦ୍ୟ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ, ନୂଆଗାଁ ବ୍ଲକ୍ ମହିପୁର ନିକଟସ୍ଥ ଭିରୁଡା କଲ୍ୟାଣ ମଣ୍ଡପ, ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ:ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ସାଧାରଣ କର୍ମଶାଳା, ସ୍ଥାନ:ନୟାଗଡ଼ ସହରର ବେବର୍ତ୍ତାପଲ୍ଲୀର ବହୁମୁଖୀ କଲ୍ୟାଣମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା।
- ନୀଳମାଧବଙ୍କ ମନ୍ଦିରରେ ରୁକ୍ମିଣି ବିବାହ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।
- ରୁକ୍ମିଣି ବିବାହ ଅବସରରରେ ଭଜନ ସମାରୋହ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ରାତି ୮ଟା।
- ରାମଲୀଳା ଆରମ୍ଭ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା।

## ରାୟଗଡ଼ା
- ମୁନିଗୁଡା ରୋଟାରୀ କ୍ଲବ୍ ପକ୍ଷରୁ ଚିକିତ୍ସା ଶିବିର, ସ୍ଥାନ: ପୱନ କମ୍ପ୍ଲେକ୍ସ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି
- ଜିଲ୍ଲା ପ୍ରଶାସନର ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଗ୍ରୀଷ୍ମକାଳୀନ କ୍ୟାମ୍ପ ଉଦ୍‌ଘାଟନ, ସ୍ଥାନ:ଏକଲବ୍ୟ ମଡେଲ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଫାଇଟ ଅଫ ଫେଣ୍ଟାସି କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର ସ୍ଥିତ ଦୁର୍ଗା ମଙ୍ଗଳମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ପକ୍ଷରୁ ଦ୍ୱିତୀୟ ଶିବରାମ ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ ମାନେଶ୍ୱର ବ୍ଲକ ଅର୍ନ୍ତଗତ ଗୁଲୁଣ୍ଡା ଗ୍ରାମ, ସମୟ : ଅପରାହ୍ନ ୫ଟା।
- ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।
- ଆରଣ୍ୟକ ଶୀତଳ ଷଷ୍ଠୀ ଯାତ୍ରାର ସମୀକ୍ଷା ବୈଠକ, ବନ୍ଧୁ ମିଳନ ଓ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା।

## ବଲାଙ୍ଗୀର
- କବିତାର ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ କଲ୍ୟାଣ ମଣ୍ଡପ,ଟିଟିଲାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା ସାଧାରଣ ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା
- ନ୍ୟାଶନାଲ କ୍ଲବରେ ଯୋଗ ଶିବିର, ସ୍ଥାନ: ପାୱାରହାଉସ୍ ରୋଡ୍, ସମୟ: ସକାଳ ୫ଟା ୩୦।
- ଓଡିଆରଏଫ୍ ଟିମ୍ ପକ୍ଷରୁ ସୁଇମିଂ ପ୍ରଶିକ୍ଷଣ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଧନଞ୍ଜୟ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ହରିହର ହାଇସ୍କୁଲ,କୁଆଁରମୁଣ୍ଡା,ସମୟ: ସକାଳ ୮ରୁ ମଧ୍ୟାହ୍ନ ୧୨ଟା।

## ବରଗଡ଼
- ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ସକାଳ ୭ଟା।

## କଳାହାଣ୍ଡି
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସାନ ରେଙ୍ଗାଲି, ସମୟ: ସକାଳ ୯ଟା।
- ଭବାନୀପାଟଣା ସହରର ସୌନ୍ଦର୍ଯ୍ୟକରଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଥୁଆମୂଳ ରାମପୁର, ତାଳବନ୍ଦପଡା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ହରିଶଙ୍କର କଳାମଣ୍ଡପ, କଣ୍ଟାମାଳ, ବୌଦ୍ଧ, ସମୟ: ସକାଳ ୮ଟା।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣ ମଣ୍ଡପ ମୁଣ୍ଡାପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରରେ ବୀର ଯାଦବ ଯବାନଙ୍କ ସ୍ମୃତିରେ ଶୋଭାଯାତ୍ରା, ସ୍ଥାନ: ତେଲ ନଦୀ ବ୍ରିଜ୍, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମ କାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଚତୁର୍ଥ ଦିବସ, ସ୍ଥାନ: ସ୍ଥାନୀୟ କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମୂଷାପାଲି ଗାଁ, ସମୟ: ସକାଳ ୯ଟା ୩୦।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

# ଭାଜପା ଉତ୍ସବ ପାଳନ ନ କରି ସେହି ଅର୍ଥରେ ଆମ୍ବୁଲାନ୍ସ କିଣୁ: ବିଜେଡି

ଭୁବନେଶ୍ୱର,୫।୬(ସୁନିତ୍ ମିଶ୍ର)

ରାଜ୍ୟରେ ସ୍ୱାସ୍ଥ୍ୟସେବା ଉଦ୍‌ବେଗଜନକ ସ୍ଥିତିରେ ଥିବାବେଳେ ଆମ୍ବୁଲାନ୍ସ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀ କରି ଦଳୀୟ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପରିତାପର ବିଷୟ, ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବା ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ରାଜ୍ୟବାସୀଙ୍କ କଷ୍ଟୋପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ଭାଜପା ଉତ୍ସବ ପାଳନରେ ଖର୍ଚ୍ଚ ନ କରି ସେହି ଅର୍ଥରେ ଆମ୍ବୁଲାନ୍ସ କିଣନ୍ତୁ। ଗତ ବୁଧବାର କୋରାପୁଟର ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକସନ୍ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା। ବର୍ତ୍ତମାନ ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି। ଜଗତ୍‌ସିଂହପୁର ଜିଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କ୍‌ଚର ହୋଇଯାଇଥିଲା। ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାରଙ୍କ ଇଞ୍ଜିନ ଅଚଳ ହୋଇପଡ଼ିଛି ବୋଲି ଲେଖାଶ୍ରୀ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତରକି ଚାଲିଥାଏ ବାଟ**
**ଏଣେ ତେଣେ ଯେବେ ଆଖି ପିଛାଡ଼ିବୁ**
**ତଳେ ପଡ଼ିଯିବ ପେଟ ।**

ଜୀବନ ପଥ ବହୁ କଣ୍ଟକିତ। ସବୁଆଡେ ଦେଖି ଚାହିଁ ଟିକେ ହୁସିଆର ହୋଇ ନ ଚଳିଲେ କେତେବେଳେ ଯେ ବିପଦରେ ପଡ଼ିଯିବ ତାହା କହିହେବ ନାହିଁ। ବୟସ ବାଉଳାରେ ଅନ୍ୟମନସ୍କ ହୋଇ ପଥ ହୁଡ଼ିଲେ ବିଷମ ଫଳ ଭୋଗିବାକୁ ପଡିପାରେ। ତେଣୁ ନିଜ ଆୟତ୍ତରେ ନିଜ ବାଟ ଚାଲିବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲ ଘଡି ଢବଢବ**
**ମୋ ଖଣ୍ଡି କାଶକୁ ଅନେଇଥିବ**
**କବାଟ ଫିଟାଇ ଦେବ ।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡିଯାଏ ଅନେକ ଦୂର, ଠିକ ସେମିତି ସୁଗନ୍ଧିତ ଫୁଲରୁ ମଧୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ ପ୍ରେମ ନଈ ସୁଅ ଉଚ୍ଛୁଳି ଉଠେ। ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିବା ନେଇ ପ୍ରେମୀ ଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଏପରିସ୍ଥଳେ ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବଦଳିଲେ ଭଦ୍ରକ, ନବରଙ୍ଗପୁର ଏସ୍‌ପି

ଭୁବନେଶ୍ୱର/ଭଦ୍ରକ,୫।୬
(ରବିନାରାୟଣ ଜେନା/ସନାତନ ରାଉତ)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଗୁରୁବାର ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୧୨ ବ୍ୟାଚର ଆଇପିଏସ୍ ଅଧିକାରୀ ତଥା ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପତଙ୍କୁ ନବରଙ୍ଗପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି କେନ୍ଦୁଝରରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଭଦ୍ରକ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଭଦ୍ରକର ଅତିରିକ୍ତ ଏସ୍‌ପି ମନୋଜ କୁମାର ରାଉତଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ଚଳିତମାସ ୪ରେ ମୁଖ୍ୟମନ୍ତ୍ରୀ ଭଦ୍ରକ ଗସ୍ତ କରିଥିଲେ। ଏହାର ଦୁଇଦିନ ପୂର୍ବରୁ ତିହିଡ଼ି ବ୍ଲକର ଦୋଲସାହି ନିକଟରେ ଜଣେ ଗୋରକ୍ଷକଙ୍କୁ ଗୋରୁ ମାଫିଆମାନେ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ସଂପୃକ୍ତ ବ୍ୟକ୍ତି ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଅବସ୍ଥା ଜଟିଳ ଅଛି। ଏହିଘଟଣାକୁ ନେଇ ଭଦ୍ରକ ଭାଜପା ବିଧାୟକ ସିତାଂଶୁ ଶେଖର ମହାପାତ୍ର ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଗୋରୁ, ବ୍ରାଉନସୁଗାର ଚୋରା ଚାଲାଣକୁ ବନ୍ଦ କରିବା ସହ ଆକ୍ରମଣ କରିଥିବା ଗୋମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ଥାନୀୟ ମନ୍ତ୍ରୀ ମଧ୍ୟ ହସ୍ତକ୍ଷେପ କରିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ

ଅପରପକ୍ଷେ କିଛିବର୍ଷ ତଳେ ଭଦ୍ରକରେ ଦଙ୍ଗା ସମୟରେ ମନୋଜ ରାଉତ ଟାଉନ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦଙ୍ଗା ନିୟନ୍ତ୍ରଣରେ ତାଙ୍କର ଦକ୍ଷତାକୁ ନେଇ ଏସ୍‌ପି ଭାବେ ଭଦ୍ରକରେ ନିଯୁକ୍ତି ମିଳିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଭୋଟକୁ ଆଶା ରଖି ବଦଳି କରା ନ ଯାଉ: ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୫।୬(ରବିନାରାୟଣ ଜେନା)

## ଶିକ୍ଷକଙ୍କ ବଦଳି ରାଜନୀତି

ଶିକ୍ଷକଙ୍କ ବଦଳିରେ ବିଧାୟକଙ୍କ ସୁପାରିସ ପ୍ରସଙ୍ଗ ଏବେ ରାଜନୈତିକ ମୋଡ଼ ନେଇଛି। ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ପରେ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

ମନ୍ତ୍ରୀ କହିଛନ୍ତି, ବିଧାୟକମାନେ ହେଲେ ଜନପ୍ରତିନିଧି। ରାଜନୀତିରେ ଚାପ ରହିବ, ହେଲେ ଭୋଟ ପାଇବା ପାଇଁ ଆଶା ରଖି ଶିକ୍ଷକମାନଙ୍କୁ ବଦଳି କରା ନ ଯାଉ। ନିର୍ବାଚନମଣ୍ଡଳୀରେ କିଛି ଶିକ୍ଷକଙ୍କ ଜରୁରୀ ଆବଶ୍ୟକତା ଥିବ ତାକୁ ଦେଖିବାର ରହିଛି। ଏହାସହିତ ସରକାରଙ୍କ ନୀତି ଅନୁଯାୟୀ, ୬ବର୍ଷ ଚାକିରିକୁ ମଧ୍ୟ ଗୁରୁତ୍ୱ ଦେବାର ରହିଛି। ଛାତ୍ରୀଛାତ୍ରଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ମିଳିବ ତାହା ବିଧାୟକମାନଙ୍କ ପ୍ରାଥମିକତା ହେବା ଉଚିତ। ଏହାସହିତ ବିଦ୍ୟାଳୟରେ ଶିକ୍ଷକଙ୍କ ଆନୁପାତିକ ହାରକୁ ବିଚାର କରି ବିଧାୟକମାନେ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ଗଣେଶ୍ୱର ବେହେରାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ସମୟରେ ମଧ୍ୟ ୧୦ଜଣ ଶିକ୍ଷକଙ୍କୁ ବଦଳି ନେଇ ବିଧାୟକଙ୍କ ସୁପାରିସ ପ୍ରକ୍ରିୟା ରହିଥିଲା। ବର୍ତ୍ତମାନ ରାଜ୍ୟ ସରକାର ଏହି ବ୍ୟବସ୍ଥା ଆପଣାଇଛନ୍ତି। ଏହାଦ୍ୱାରା ନିର୍ବାଚନମଣ୍ଡଳୀରେ ଯେଉଁ ଶିକ୍ଷକ ସମସ୍ୟାରେ ଥିବେ ତାହା ଲାଘବ ହୋଇପାରିବ। ମାତ୍ର ଏହାକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ।

ଉଲ୍ଲେଖଯୋଗ୍ୟ, ଶିକ୍ଷକଙ୍କ ବଦଳି ସଂକ୍ରାନ୍ତରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ବୁଧବାର କହିଥିଲେ, ଶିକ୍ଷକଙ୍କ ବଦଳି ଲାଗି ଲୋକେ ଦୁଆରେ ଧାଡ଼ି ବାନ୍ଧୁଛନ୍ତି। ତେବେ ୧୫ଜଣ ଶିକ୍ଷକଙ୍କ ବଦଳି ଦାୟିତ୍ୱ ବିଧାୟକଙ୍କୁ ଏବେ ଅଡୁଆରେ ପକାଇଛି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଭାଗୀୟ ମନ୍ତ୍ରୀ ବର୍ଷକରେ ୫ହଜାର ଶିକ୍ଷକଙ୍କୁ ବଦଳି କରୁଛନ୍ତି। ବିଧାୟକଙ୍କୁ ୫୦୦ ଶିକ୍ଷକଙ୍କ ବଦଳି ଦାୟିତ୍ୱ ଦିଅନ୍ତୁ।

ପ୍ରଥମ ପୃଷ୍ଠାରୁ...

## ଆମେରିକାରୁ ମୁହଁ...

ରୁଷିଆ ଓ ବ୍ରିଟେନ୍‌ସମେତ ଅନ୍ୟ କେତେକ ଦେଶରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ହତୋତ୍ସାହିତ ପିଲା, ଭୟଭୀତ ମାତାପିତା ଅହମଦାବାଦରେ ଏକ ଶିକ୍ଷା କନ୍‌ସଲ୍ଟାନ୍ସି ଚଳାଉଥିବା ସୁଭାଷ ଦେବତ୍ୱାଲଙ୍କୁ କଲ୍ କରି ତାଙ୍କ ପରାମର୍ଶ ନେଉଛନ୍ତି। ସେମାନେ ସମସ୍ତେ ଗୋଟିଏ ପ୍ରଶ୍ନ କରୁଛନ୍ତି-ଆମେରିକାରେ ପାଠ ପଢ଼ିବା କ'ଣ ଏବେ ବି ସମ୍ଭବ?

ଗତବର୍ଷ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୩,୩୦,୦୦୦ ଭାରତୀୟ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଏପରି କି ସେଠାରେ ସର୍ବାଧିକ ପାଠପଢୁଥିବା ଚାଇନା ପିଲାଙ୍କୁ ଭାରତୀୟ ବିଦ୍ୟାର୍ଥୀ ସଂଖ୍ୟାରେ ପ୍ରଥମ ଥର ପାଇଁ ଟପିଯାଇଥିଲେ। ଭାରତୀୟ ପରିବାରମାନେ ସେମାନଙ୍କ ଜୀବନର ସଞ୍ଚିତ ସବୁ ଅର୍ଥକୁ ଆମେରିକାରେ ନିଜ ପିଲାଙ୍କ ପାଠପଢ଼ା ପାଇଁ ବିନିଯୋଗ କରୁଥିଲେ। କାରଣ ଆମେରିକାରେ ପାଠପଢ଼ିଲେ ସଫଳତା ସୁନିଶ୍ଚିତ ବୋଲି ଅଧିକାଂଶ ଭାରତୀୟ ବିବେଚନା କରନ୍ତି। ତେବେ ଟ୍ରମ୍ପ ପ୍ରଶାସନ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ କରୁଥିବାରୁ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଦେବତ୍ୱାଲଙ୍କ ସଂସ୍ଥା ପୂର୍ବବର୍ଷଗୁଡ଼ିକରେ ଆମେରିକାକୁ ଶତାଧିକ ପିଲାଙ୍କୁ ପଠାଉଥିବାବେଳେ ଏବେ ଏହି ସଂଖ୍ୟା ୧୦କୁ ଖସିଆସିଛି।

ଟ୍ରମ୍ପ ପ୍ରଶାସନ ସମସ୍ତ ବିଦେଶୀ ପିଲାଙ୍କ ଉପଯୁକ୍ତତାକୁ ନ ପରଖି ସୋସିଆଲ ମିଡିଆ ଜରିଆରେ ଯାଞ୍ଚ କାର୍ଯ୍ୟକୁ ଜୋର୍‌ଦାର କରିଛି। ଏଥିସହ ବୈଶ୍ୱିକ ସ୍ତରରେ ସମସ୍ତ ଷ୍ଟୁଡେଣ୍ଟ ଭିଜାକୁ ବନ୍ଦ କରିଦେଇଛି। ଏଥିଯୋଗୁ ବହୁ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଆମେରିକା ସ୍ୱପ୍ନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଭାରତୀୟ ଛାତ୍ରୀଛାତ୍ର ଆମେରିକାରେ ପଢ଼ିବା ପାଇଁ ଅନେକ ବର୍ଷ ଧରି ପ୍ରସ୍ତୁତି ଚଳାଇଥାଆନ୍ତି। କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନୀତିକୁ ନେଇ ସେମାନେ ଆମେରିକାକୁ ପାଠ ପଢ଼ିବାକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେରିକାରେ ବର୍ଷକର ଟିଉଶନ ଫି ବର୍ତ୍ତମାନ ୪୦,୦୦୦ ଡଲାରରୁ ୮୦,୦୦୦ ଡଲାରକୁ ବୃଦ୍ଧି ପାଇଛି।

ସୁରଟର ଟେକ୍ସଟାଇଲ ବ୍ୟବସାୟୀ ବ୍ରିଜେଶ ପଟେଲ କହିଛନ୍ତି, ସେ ପୁଅଙ୍କୁ ଆମେରିକା ପଠାଇବା ପାଇଁ ପ୍ରାୟ ୧୦ ବର୍ଷଧରି ଟଙ୍କା ସଞ୍ଚୟ କରିଆସୁଥିଲେ। ଏପରି କି ନିଜ ସ୍ତ୍ରୀଙ୍କ ସୁନା ଅଳଙ୍କାର ବିକିଦେବା ସହ ସମ୍ପର୍କୀୟମାନଙ୍କଠାରୁ ଧାର କରିଥିଲେ। କିନ୍ତୁ ଏବେ ରିସ୍କ ନେବାକୁ ଚାହୁଁନାହାନ୍ତି। ପୁଅ ଆମେରିକାକୁ ଯିବା ପରେ ସବୁକିଛି ଠିକ୍‌ରେ ନ ଚାଲିଲେ ଟଙ୍କା ପାଣିରେ ପଡ଼ିଯିବ। ପୁଣି ଏତେ ଟଙ୍କା କେଉଁଠୁ ଆଣିବୁ ବୋଲି ବ୍ରିଜେଶ ପ୍ରଶ୍ନ କରିଛନ୍ତି। ଆବେଦନ ପାଇଁ ସହାୟତା ପ୍ରଦାନ କରିଥିବା କନ୍‌ସଲ୍ଟାନ୍ସିକୁ ବ୍ରିଜେଶ ୭ ଲକ୍ଷ ଟଙ୍କା ପଇଠ କରିଥିଲେ। ବର୍ତ୍ତମାନ ସେ କହୁଛନ୍ତି, ଆଉ ବର୍ଷେ ଅପେକ୍ଷା କରିବେ। ସ୍ଥିତିରେ ଉନ୍ନତି ଆସିଲେ ପୁଅକୁ ପଠାଇବେ। ସେହିପରି ଏଜୁକେଶନ୍ ଟେକ୍ନୋଲୋଜି କମ୍ପାନୀ ଆଡ୍‌ମିଟ୍‌କାର୍ଡର ସହପ୍ରତିଷ୍ଠାତା ପୀୟୂଷ ଭାରତୀୟ କହିଛନ୍ତି, ଅନେକ ପିତାମାତା ନିଜ ପିଲାଙ୍କୁ ଆମେରିକା ପଠାଇବା ଉପରେ ପୁନର୍ବିଚାର କରୁଛନ୍ତି। ନ୍ୟୁୟର୍କ ୟୁନିଭର୍ସିଟିରେ ପଢୁଥିବା କେତେଜଣ ଭାରତୀୟ ଛାତ୍ରୀଛାତ୍ର ୟୁଏସ୍ ଭିଜା ଇଣ୍ଟରଭ୍ୟୁ ବନ୍ଦ ହେବା ପରେ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକୋନୋମିକ୍ସକୁ ଯିବା ପାଇଁ ଯୋଜନା କରୁଛନ୍ତି। ଆମେରିକାରେ ବିଶେଷକରି ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମେଥ୍ସ ପଢୁଥିବା ପିଲା ଅନ୍ୟ ଦେଶଗୁଡ଼ିକ ଆଡ଼କୁ ମୁହାଁଉଛନ୍ତି। ଏଭଳି ବିଷୟ ସମ୍ପର୍କିତ ପାଠ୍ୟକ୍ରମ ସକାଶେ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଏବେ ଜର୍ମାନୀ ପ୍ରଥମ ପସନ୍ଦ ହୋଇଥିବାବେଳେ ଆୟର୍ଲାଣ୍ଡ, ଫ୍ରାନ୍ସ, ନେଦରଲାଣ୍ଡ୍ସ ମଧ୍ୟ ଉପଯୁକ୍ତ ଷ୍ଟଡି ଡେଷ୍ଟିନେଶନ୍ ପାଲଟିଛି।

## ପ୍ଲାଷ୍ଟିକ୍ ବର୍ଜନ...

ରାଜ୍ୟ ସରକାର ପ୍ରାୟ ସାଢେ ୬ କୋଟି ରୁ ଊର୍ଦ୍ଧ୍ୱ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କି.ମି. ନେଟ୍ ବୃଦ୍ଧି ହୋଇଛି, ଯାହା ସମସ୍ତ ରାଜ୍ୟ ମଧ୍ୟରେ ୪ର୍ଥ ସର୍ବାଧିକ। ଜନସାଧାରଣ ଓ ଅନୁଷ୍ଠାନଗୁଡ଼ିକ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣକରି ରେକର୍ଡ ସୃଷ୍ଟି କରିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ୧୦୭ତମ ଜାତୀୟ ଉଦ୍ୟାନର ମାନ୍ୟତା ଶିମିଳିପାଳ ପାଇଛି। 'ଆମ ଶିମିଳିପାଳ' ଯୋଜନା ମାଧ୍ୟମରେ ବନ୍ୟପ୍ରାଣୀ ଓ ଉଦ୍ଭିଦ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ଏକ ନୂତନ ପ୍ରୟାସ ରାଜ୍ୟ ସରକାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନଠାରେ ଚାରାରୋପଣ କରିଥିଲେ ଏବଂ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ପ୍ରଦର୍ଶନୀ ବୁଲି ଦେଖିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗ ସକାଶେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନାରୁ ସାମୟିକ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳି ଯିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ଆଜିର ଶନି ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଅଫିସରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ବୃଦ୍ଧି ଚିନ୍ତାକୁ ବଢାଇ ଦେବ। କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** ଶନିଙ୍କ ଦୃଷ୍ଟିରେ ବୁଧ ଦୈହିକ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତିକୁ ବିଗାଡି ଦେବ। ଋଣ ପରିଶୋଧ ପାଇଁ ବିଭିନ୍ନ ଧନ୍ଦା କରିବା ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି ଓ ତାଙ୍କ ସାହାଯ୍ୟ ମଧ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଅନୁକୂଳ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯାଇ ନିୟନ୍ତ୍ରଣ ମଧରେ ରହିବ। ପରିବାରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ବୁଝାମଣା ଭିତ୍ତିରେ ସୁଧାରିନେବେ। ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ସିଂହ** ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ। ପିଲାଙ୍କ ଇଚ୍ଛା ଓ ଅଭିଳାଷ ସମ୍ପର୍କରେ ଆଲୋଚନା କରିପାରନ୍ତି। ଆତ୍ମୀୟଙ୍କ ସକାଶେ ଯେତେ ସୁବିଧା କଲେ ମଧ ଓଲଟି ନିନ୍ଦା ଶୁଣିବେ। ବୟସ୍କଙ୍କ ସାହାଯ୍ୟ ଓ ସମର୍ଥନକ୍ରମେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା** କର୍ମଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଆଶା ପୂରଣ ହୋଇଯିବ। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବା ଫଳରେ ସହକର୍ମୀମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବାରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଫିସ୍‌ରୁ ଫେରିବା ସମୟରେ ଘରର ବରାଦୀ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଶନି ଓ ରାହୁଙ୍କ ଦ୍ୱାରା କବଳିତ ଚନ୍ଦ୍ର ଯୋଗୁ ଅତୀତ ଘଟଣାକୁ କେନ୍ଦ୍ରକରି ମନଟା ଗୋଳେଇଘାଣ୍ଟି ହେବ। ଘର କାମ ସାଙ୍ଗକୁ ଅବହେଳାକ୍ରମେ ରହିଯାଇଥିବା ଅଫିସ୍ କାମର ଜଞ୍ଜାଳ ମଧ ବଳିପଡିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକକୁ ପରଖି ଯାହା କରିବା କଥା କରନ୍ତୁ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରର ସମସ୍ୟା ଦୂରେଇ ନେବେ।

**ଧନୁ** ରାଶି ଅପେକ୍ଷା ସପ୍ତମସ୍ଥାନ ପ୍ରଭାବଶାଳୀ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଅନୁକୂଳ ରହି ନ ପାରେ। ମନର ଅସନ୍ତୋଷକୁ ଚାପି ରଖି ମୁହଁରେ ହସ ଫୁଟାଇ ଓ ଶ୍ରୁତିମଧୁର କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ଗଣ ଯୋଗାଯୋଗ, ସାମ୍ବାଦିକତା ଓ ପ୍ରକାଶନ କ୍ଷେତ୍ରରୁ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବ।

**ମକର** ପ୍ରତିକୂଳ ଗ୍ରହଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ର ଓ କାର୍ଯ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ରହିବ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସହକର୍ମୀ କିମ୍ବା ଆତ୍ମୀୟଙ୍କଠାରୁ ସାହାଯ୍ୟ ଲାଭ କରିବେ। ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ପ୍ରତିବନ୍ଧକ ରହିଥିଲେ ମଧ ଆପଣଙ୍କ କାମ ଅଟକିବ ନାହିଁ। ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହିପାରିବ ନାହିଁ। ଅବଶ୍ୟ ବନ୍ଧୁମାନଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** କର୍ମକ୍ଷେତ୍ର ପ୍ରତି ଗ୍ରହଦୃଷ୍ଟି ପ୍ରଭାବ ଅସଜଡ଼ା ସ୍ଥିତିକୁ ସଜାଡିବାରେ ସାହାଯ୍ୟ କରିବ। ଶିକ୍ଷା, ସନ୍ତାନ, ଆଲୋଚନା ପାଇଁ ପ୍ରକୃଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବ୍ୟବସାୟ, ମକଦ୍ଦମା, ସଂଗଠନ, ଲେଖାପଢ଼ାରେ ସମସ୍ୟା ସମାଧାନ ହୋଇଯିବ। କୌଣସି ନୂଆ କାମଟିଏ ଆରମ୍ଭ ସକାଶେ ମନ ବଳାଇପାରନ୍ତି।

ଆଜି ଜୁନ ୬ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ନିର୍ଜଳା ଏକାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ, ଜଳକ୍ରୀଡା, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ମକ୍କାରେ ହଜ୍‌ର ଦ୍ୱିତୀୟ ଦିବସ। ରାଶିନକ୍ଷତ୍ର-ଚିତ୍ରା/କନ୍ୟା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ ଗତେ, ଘ.୦୬।୫୬ ମଧ୍ୟେ, ଘ.୧୨।୧୧ ଗତେ, ଘ.୦୨।୪୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୬ ମି. ଗତେ, ଘ.୧୧।୪୫ ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### କୋଭିଡ୍ ସକ୍ରିୟ ମାମଲା ୪,୮୬୬
### ୨୪ ଘଣ୍ଟାରେ ୭ ମୃତ

ନୂଆଦିଲ୍ଲୀ,୫।୬

ଗତ ୨୪ ଘଣ୍ଟା ମଧ୍ୟରେ ୫୬୪ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ଗୁରୁବାର ଭାରତରେ ମୋଟ କୋଭିଡ୍ ସକ୍ରିୟ ମାମଲା ସଂଖ୍ୟା ୪,୮୬୬ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୪ ଘଣ୍ଟା ମଧ୍ୟରେ ଜଣେ ୫ ମାସର ଶିଶୁ ସମେତ ୭ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୩ ଜଣ ରହିଥିବାବେଳେ ଦିଲ୍ଲୀ ଓ କର୍ଣ୍ଣାଟକରୁ ୨ ଜଣ ଲେଖାଏ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କର ବହୁବିଧ ରୋଗ ରହିଥିଲା। ନୂଆ ଭାରିଆଣ୍ଟ ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ସବ୍‌ଭାରିଆଣ୍ଟ ଏନ୍‌ବି.୧.୮.୧ ପାଇଁ ଭାରତରେ ସଂକ୍ରମଣ ବଢ଼ିଚାଲିଛି। କେରଳରେ ସକ୍ରିୟ ମାମଲା ସଂଖ୍ୟା ୧,୪୮୭ରେ ପହଞ୍ଚିଥିବାବେଳେ ମହାରାଷ୍ଟ୍ରରେ ୫୨୬, ଗୁଜରାଟରେ ୫୦୮ ଏବଂ ଦିଲ୍ଲୀରେ ୫୬୨ ହୋଇଛି।

### ସିକିମ୍ ଭୂସ୍ଖଳନ ଅଞ୍ଚଳରୁ ୬୩ ଜଣଙ୍କୁ ହେଲିକପ୍ଟରରେ ଉଦ୍ଧାର କରାଗଲା

ଗାଙ୍ଗଟକ୍,୫।୬

ଭୂସ୍ଖଳନ ଯୋଗୁ ଉତ୍ତର ସିକିମ୍‌ର ଚାତେନ ଅଞ୍ଚଳରେ ଫସିରହିଥିବା ୬୩ ଜଣଙ୍କୁ ଗୁରୁବାର ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ। ଏବେ ବି ସେଠାରେ ଆଉ ୬୪ ଜଣ ପର୍ଯ୍ୟଟକ ଫସିରହିଥିବାବେଳେ ସେନା ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରତିକୂଳ ପାଗ ଓ ଚ୍ୟାଲେଞ୍ଜିଂ ଅଞ୍ଚଳ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଉଦ୍ଧାର ହୋଇଥିବା ୩୯ ପର୍ଯ୍ୟଟକଙ୍କୁ ୨ଟି ଏମ୍‌ଆଇ-୧୭ ହେଲିକପ୍ଟରରେ ଚାତେନ୍‌ରୁ ପକ୍ୟୋଙ୍ଗ ବିମାନବନ୍ଦରକୁ ନିଆଯାଇଥିଲା। ଚିତାହ ହେଲିକପ୍ଟରରେ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୨୦ ଜଣଙ୍କୁ ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ସୁରକ୍ଷିତ ଉଦ୍ଧାର କରାଯାଇଛି।

### ଶର୍ମିଷ୍ଠା ପନୋଲିଙ୍କୁ ଅନ୍ତରୀଣ ଜାମିନ



କୋଲକାତା, ୫।୬ (ପି.ଟି.)

ସୋସିଆଲ ମିଡିଆରେ ଏକ ଧର୍ମ ବିଶେଷକୁ ଆକ୍ଷେପ କରି ମନ୍ତବ୍ୟ ଦେବା ସହ ଭିଡିଓ ଅପ୍‌ଲୋଡ୍ କରିବା ଅଭିଯୋଗରେ ଗିରଫ ହୋଇଥିବା ଇନ୍‌ଫ୍ଲୁଏନ୍ସର ତଥା ଆଇନ ଛାତ୍ରୀ ଶର୍ମିଷ୍ଠା ପନୋଲି (୨୨)ଙ୍କୁ ଗୁରୁବାର କୋଲକାତା ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ରାଜା ବସୁ ଶର୍ମିଷ୍ଠାଙ୍କୁ ଜାମିନ ଦେବା ସମୟରେ ତାଙ୍କ ଉପରେ କିଛି ସର୍ତ୍ତ ଲଗାଇଛନ୍ତି। ଦେଶ ଛାଡ଼ିବା ନେଇ ହାଇକୋର୍ଟ ଶର୍ମିଷ୍ଠାଙ୍କୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ (ସିଜେଏମ୍)ଙ୍କ ବିନା ଅନୁମତିରେ ଶର୍ମିଷ୍ଠା ଦେଶ ବାହାରକୁ ଯାଇପାରିବେ ନାହିଁ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ସେହିପରି ଜାମିନ ପାଇଁ ଶର୍ମିଷ୍ଠାଙ୍କୁ ୧୦ ହଜାର ଟଙ୍କାର ରାଶି ଜମା କରିବାକୁ ପଡ଼ିବ।

### ଅଟୋକୁ ଧକ୍କାଦେଲା ଟ୍ରକ୍, ୭ ମୃତ

ରେୱା, ୫।୬

ମଧ୍ୟପ୍ରଦେଶର ରେୱା ଜିଲା ସୋହାଗି ଉପତାକାଠାରେ ଜାତୀୟ ରାଜପଥ-୩୦ରେ ଗୁରୁବାର ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ଏକ ଅଟୋକୁ ପିଟିବାରୁ ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଯାଇଛି। ପ୍ରୟାଗରାଜସ୍ଥିତ ଗଙ୍ଗା ନଦୀରେ ବୁଡ଼ ପକାଇବା ପରେ ୮ ଜଣ ଶ୍ରଦ୍ଧାଳୁ ଉକ୍ତ ଅଟୋରିକ୍ସାରେ ଫେରୁଥିଲେ। ଗୁରୁତର ଅବସ୍ଥାରେ ଜଣେ ଶ୍ରଦ୍ଧାଳୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ କହିଛି।

# ଭାରତରେ ନିର୍ମାଣ ହେବ ରାଫାଲ ଫ୍ୟୁଜ୍‌ଲେଜ୍

## ଟାଟା ଆଡ୍‌ଭାନ୍ସଡ୍ ସିଷ୍ଟମ୍ସ ସହ ଡାସଲ୍ଟ ଆଭିଏଶନ ମଧ୍ୟରେ ଚୁକ୍ତିନାମା

ନୂଆଦିଲ୍ଲୀ,୫।୬(ପି.ଟି.)



ରାଫାଲ ଯୁଦ୍ଧବିମାନର ଫ୍ୟୁଜ୍‌ଲେଜ୍ ଭାରତରେ ନିର୍ମାଣ ପାଇଁ ଫ୍ରାନ୍ସର ବୃହତ୍ ଏରୋସ୍ପେସ୍ କମ୍ପାନୀ ଡାସଲ୍ଟ ଆଭିଏଶନ ଟାଟା ଆଡ୍‌ଭାନ୍ସଡ ସିଷ୍ଟମ ଲିଃ (ଟିଏଏସ୍‌ଏଲ୍) ସହ ଚୁକ୍ତିନାମା କରିଥିବା ଗୁରୁବାର ଘୋଷଣା କରିଛି। ଏହି ସହଭାଗିତାରେ ଟିଏଏସ୍‌ଏଲ୍ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଉକ୍ତ କାରଖାନାରୁ ୨୦୨୮ ଆର୍ଥିକ ବର୍ଷରେ ପ୍ରଥମ ଫ୍ୟୁଜ୍‌ଲେଜ୍ ନିର୍ମାଣ ହୋଇ ଆସେମ୍ବ୍ଲି ଲାଇନ୍‌କୁ ଯିବ ବୋଲି ଆଶା କରାଯାଉଛି। କାରଖାନାରୁ ମାସକୁ ୨ଟି ସମ୍ପୂର୍ଣ୍ଣ ଫ୍ୟୁଜ୍‌ଲେଜ୍ ଯୋଗାଣ ହୋଇପାରିବ ବୋଲି ଟାଟା ଆଡ୍‌ଭାନ୍ସଡ୍ ପକ୍ଷରୁ କୁହାଯାଇଛି। ରାଫାଲ ଯୁଦ୍ଧବିମାନର ପ୍ରମୁଖ ଢାଞ୍ଚା ସମେତ ଏହାର ଲାଟେରାଲ ସେଲ୍, ସମ୍ପୂର୍ଣ୍ଣ ପଛଭାଗ , କେନ୍ଦ୍ରୀୟ ଫ୍ୟୁଜ୍‌ଲେଜ୍ ଏବଂ ସମ୍ମୁଖ ଭାଗ ହାଇଦ୍ରାବାଦରେ ନିର୍ମାଣ ହେବ। ପ୍ରଥମ ଥର ପାଇଁ ଫ୍ରାନ୍ସ ବାହାରେ ରାଫାଲ ଫ୍ୟୁଜ୍‌ଲେଜ୍ ନିର୍ମାଣ ହେବାକୁ ଯାଉଛି। ଭାରତରେ ଆମ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବାରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ଡାସଲ୍ଟ ଆଭିଏଶନର ଅଧ୍ୟକ୍ଷ ତଥା ସିଇଓ ଏରିକ୍ ଟ୍ରାପିଏର କହିଛନ୍ତି। ଭାରତର ଏରୋସ୍ପେସ୍ ଯାତ୍ରାରେ ଏହି ଭାଗିଦାରିତା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଟିଏଏସ୍‌ଏଲ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୁକରନ ସିଂ କହିଛନ୍ତି।

# ୧୨ ଦେଶର ନାଗରିକଙ୍କ ଆମେରିକା ଭ୍ରମଣ ଉପରେ ରୋକ୍ ଲଗାଇଲେ ଟ୍ରମ୍ପ

ୱାଶିଂଟନ,୫।୬



ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ସରକାର ସମୟର ଭ୍ରମଣ ନିଷେଧ ନୀତିକୁ ପୁନର୍ବାର କାର୍ଯ୍ୟକାରୀ କରାଇଛନ୍ତି। ସେ ବୁଧବାର ରାତିରେ ଏନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଘୋଷଣାନାମା ଅନୁଯାୟୀ, ଆଫଗାନିସ୍ତାନ, ମ୍ୟାନ୍‌ମାର, ଚାଦ୍, କଙ୍ଗୋ ରିପବ୍ଲିକ୍, ଇକ୍ୱେଟୋରିଆଲ୍ ଗିନି, ଏରିଟ୍ରିଆ, ହାଇତି, ଇରାନ, ଲିବ୍ୟା, ସୋମାଲିଆ, ସୁଦାନ ଏବଂ ୟେମେନର ନାଗରିକଙ୍କୁ ଆମେରିକା ପ୍ରବେଶ ମନା ହୋଇଛି। ସୋମବାର ରାତି ୧୨ଟା ପରେ ଏହି କଟକଣା କାର୍ଯ୍ୟକାରୀ ହେବାକୁ ଯାଉଛି। ସେହିପରି ବୁରୁଣ୍ଡି, କ୍ୟୁବା, ଲାଓସ୍, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଏବଂ ଭେନେଜୁଏଲାରୁ ଭିଜିଟରମାନଙ୍କ ଉପରେ ମଧ୍ୟ କଟକଣା ଲଗାଯାଇଛି। ଆମେରିକା ଓ ଏହାର ଜନସାଧାରଣଙ୍କ ଜାତୀୟ ସୁରକ୍ଷା ଓ ସ୍ୱାର୍ଥରକ୍ଷା ନିମନ୍ତେ ମୋତେ କାର୍ଯ୍ୟ କରିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ସୂଚନାଯୋଗ୍ୟ, ଟ୍ରମ୍ପ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୭ ଜାନୁଆରୀରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରି ୭ ମୁସଲମାନବହୁଳ ଦେଶ ଇରାକ, ସିରିଆ, ଇରାନ, ସୁଦାନ, ଲିବ୍ୟା, ସୋମାଲିଆ ଏବଂ ୟେମେନ୍‌ର ନାଗରିକଙ୍କ ଆମେରିକା ଭ୍ରମଣ ଉପରେ ନିଷେଧାଦେଶ ଲଗାଇଥିଲେ।

# ରାମ ଦରବାର ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଲକ୍ଷ୍ନୌ,୫।୬

ଅଯୋଧ୍ୟା ରାମମନ୍ଦିର ମଧ୍ୟରେ ରାମ ଦରବାର ୩ ଦିନିଆ ଅଭିଷେକ ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ଦରବାରରେ ଭଗବାନ ରାମ ରାଜା ଭାବେ ସିଂହାସନରେ ଅଭିଷିକ୍ତ ହୋଇଥିବାବେଳେ ପାଖରେ ଦେବୀ ସୀତାଙ୍କ ସହ ଭାଇ ଭରତ, ଶତ୍ରୁଘ୍ନ, ଲକ୍ଷ୍ମଣ ଏବଂ ହନୁମାନ ରହିଛନ୍ତି। ଶ୍ରୀରାମ ଜନ୍ମଭୂମି କମ୍ପ୍ଲେକ୍ସର ନବନିର୍ମିତ ରାମମନ୍ଦିରର ପ୍ରଥମ ମହଲାରେ ରାମ ଦରବାର ରହିଛି। ଗୁରୁବାର ପୂର୍ବାହ୍ନ ୧୧ଟା ୨୫ରୁ ୧୧ଟା ୪୦ ପବିତ୍ର 'ଅଭିଜିତ ମହୁରତ' ମୁହୂର୍ତ୍ତରେ ଭଗବାନ ରାମ ସିଂହାସନାରୂଢ଼ ହୋଇଥିବାବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ରହିଥିଲେ। ୧୦୧ ଜଣ ପୂଜକ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଚୂଡ଼ାନ୍ତ ରୀତିନୀତି ସମ୍ପନ୍ନ କରିଥିଲେ। ଗୁରୁବାର ଯୋଗୀଙ୍କ ୫୩ତମ ଜନ୍ମଦିନ ଥିବାବେଳେ ସେ ଦିନତମାମ ଉପସ୍ଥିତ ରହି ଅଭିଷେକ ଉତ୍ସବର ନେତୃତ୍ୱ ନେଇଥିଲେ। ସେ ତଳମହଲାରେ ଥିବା ଗର୍ଭଗୃହରେ ରାମଲାଲାଙ୍କୁ ଆରତି କରିବା ପରେ ପ୍ରଥମ ମହଲାରେ ରାମଦରବାରର ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପାଦନ କରିଥିଲେ।



ଅଯୋଧ୍ୟାରେ ରାମ ଦରବାର ପ୍ରାଣପ୍ରତିଷ୍ଠା ଉତ୍ସବରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟମାନେ।

### ବଳାତ୍କାର ପୀଡ଼ିତାଙ୍କ ମା'ଙ୍କୁ ଚିକିତ୍ସା କରିବାରୁ ଡାକ୍ତରଙ୍କୁ ଗଛରେ ବାନ୍ଧି ପିଟିଲେ

ପାଟନା, ୫।୬

**୩ ଗିରଫ**

ବିହାରର ଗୟା ଜିଲାର ଗୁରପା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବଳାତ୍କାର ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ଚିକିତ୍ସା କରିଥିବାରୁ ଗାଁର କେତେଜଣ ବ୍ୟକ୍ତି ଡାକ୍ତରଙ୍କୁ ଗଛରେ ବାନ୍ଧି ପିଟିଥିବାର ମାମଲା ସାମ୍ନାକୁ ଆସିଛି। ପୋଲିସର ସୂଚନା ଅନୁଯାୟୀ, ଉକ୍ତ ବଳାତ୍କାର ମାମଲାରେ ଅଭିଯୁକ୍ତ ଜଣକ ମାମଲା ଫେରାଇନେବା ପାଇଁ ପୀଡ଼ିତା ଏବଂ ତାଙ୍କ ପରିବାର ଉପରେ ଗତ କିଛି ଦିନ ଧରି ଚାପ ପ୍ରୟୋଗ କରୁଥିଲେ। ବୁଧବାର ପୀଡ଼ିତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ପୀଡ଼ିତାଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଡାକ୍ତର ଜିତେନ୍ଦ୍ର ଯାଦବ ଗୁରପା ଗ୍ରାମସ୍ଥିତ ପୀଡ଼ିତାଙ୍କ ଘରେ ପହଞ୍ଚିଥିଲେ। ତେବେ ଏଥିରେ ଗାଁର ୧୦ରୁ ୧୨ ଜଣ ଲୋକ ପ୍ରତିବାଦ କରିବା ସହ ଜିତେନ୍ଦ୍ରଙ୍କୁ ଗଛରେ ବାନ୍ଧି ତାଙ୍କୁ ନିଘୁଞ୍ଚ ମାଡ଼ ମାରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ କେନ୍ଦ୍ରକରି ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି।

# ଟ୍ରମ୍ପ-ପୁଟିନ୍ ଆଲୋଚନାରେ ଭାରତ-ପାକ୍ ସଂଘର୍ଷ ପ୍ରସଙ୍ଗ

ମସ୍କୋ,୫।୬(ପି.ଟି.)



ଭ୍ଲାଡିମିର ପୁଟିନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ବୁଧବାର ଫୋନ୍‌କଲ୍ ବେଳେ ଭାରତ-ପାକିସ୍ତାନ ସଂଘର୍ଷ ପ୍ରସଙ୍ଗ ସ୍ଥାନ ପାଇଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ଉଭୟ ନେତା ୟୁକ୍ରେନ୍ ଓ ଅନ୍ୟ କେତେକ ପ୍ରସଙ୍ଗ ଉପରେ ମଧ୍ୟ କଥା ହୋଇଥିବା କ୍ରେମଲିନ୍ ସହଯୋଗୀ ୟୁରୀ ଉଷାକୋଭ୍ କହିଛନ୍ତି। ଏହା ବ୍ୟତୀତ ମଧ୍ୟପ୍ରାଚ୍ୟ ଏବଂ ଭାରତ-ପାକ୍ ସଶସ୍ତ୍ର ସଂଘର୍ଷ ପ୍ରସଙ୍ଗ ସ୍ଥାନ ପାଇଥିଲା। ଟ୍ରମ୍ପଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ସଂଘର୍ଷ ବନ୍ଦ ହୋଇଥିଲା ବୋଲି ସେ କହିଥିବା ରୁଷିଆ ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ଏହା ଉପରେ ଉଷାକୋଭ୍ ଅଧିକ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷକୁ ବନ୍ଦ କରାଇଥିବା ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଭାରତ ଏହାକୁ ଖଣ୍ଡନ କରିବା ସହ ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ (ଡିଜିଏମ୍‌ଓ) ସ୍ତରରେ ସିଧାସଳଖ କଥାବାର୍ତ୍ତା ଜରିଆରେ ଅସ୍ତ୍ରବିରତି ହୋଇଥିଲା ବୋଲି କହିଛି। ଭାରତ ସହ ବିବାଦର ସମାଧାନରେ ସହାୟତା କରିବାକୁ ଇତିମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ରୁଷିଆ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିବା ତାଙ୍କ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି କହିଛନ୍ତି। ଫତେମି ମଙ୍ଗଳବାର ମସ୍କୋରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭଙ୍କୁ ଭେଟି ପୁଟିନ୍‌ଙ୍କ ଉଦ୍ଦେଶ୍ୟରେ ଶରିଫ୍‌ଙ୍କ ପତ୍ର ହସ୍ତାନ୍ତର କରିଥିଲେ।

# ହନିମୁନ୍‌ରେ ମେଘାଳୟ ଯାଇ ନବବଧୂ ନିଖୋଜ, ବର ମୃତ

ଭୋପାଳ,୫।୬



ବିବାହ ପରେ ହନିମୁନ୍‌ରେ ମେଘାଳୟ ଯାଇଥିବା ନବଦମ୍ପତିଙ୍କ ମଧ୍ୟରୁ ନବବଧୂ ନିଖୋଜ ଥିବାବେଳେ ବରଙ୍କ ମୃତଦେହ ମିଳିଛି। ପ୍ରତିକୂଳ ପାଗ ସତ୍ତ୍ୱେ ୮ ଦିନ ଧରି ବ୍ୟାପକ ଖୋଜାଖୋଜି ପରେ ଗତ ୨ ତାରିଖରେ ପୋଲିସ ଡ୍ରୋନ୍ ମେଘାଳୟର ଚେରାପୁଞ୍ଜି ଅନ୍ତର୍ଗତ ୱେଇ ସାଡଙ୍ଗ ଖାତର ଏକ ପଥରରେ ନବବିବାହିତା ମହିଳାଙ୍କ ଧଳା ଶାର୍ଟ ଲାଗି ରହିଥିବା ଠାବ କରିଥିଲା। ଏହାର କିଛି ଦୂରରେ ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତାଙ୍କ ହାତରେ ସ୍ମାର୍ଟୱାଚ୍ ରହିଥିଲା। ରିଆତ ଆର୍ଲିଆଙ୍ଗ ନିକଟବର୍ତ୍ତୀ ଏହି ଗଡ଼ାଣିଆ ସ୍ଥାନ ଏବେ ମେଘାଳୟ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପାଇଁ ତଦନ୍ତର କେନ୍ଦ୍ରସ୍ଥଳ ପାଲଟିଛି। ଇନ୍ଦୋରର ଏହି ଦମ୍ପତିଙ୍କ ପ୍ରତି କ'ଣ ଘଟିଥିଲା, ତାହା ରହସ୍ୟମୟ ହୋଇରହିଥିବାବେଳେ ଏସ୍‌ଆଇଟି ଏହା ଖୋଜି ବାହାର କରିବାକୁ ଉଦ୍ୟମ ଚଳାଇଛି। ପରିବହନ ବ୍ୟବସାୟ ଚଳାଉଥିବା ଇନ୍ଦୋରର ରାଜା ରଘୁବଂଶୀ(୨୮) ତାଙ୍କ ସ୍ତ୍ରୀ ସୋନମ୍(୨୪)ଙ୍କୁ ନେଇ ହନିମୁନ୍‌ରେ ମେଘାଳୟର ଇନ୍‌ଷ୍ଟାଗ୍ରାମ ପ୍ରସିଦ୍ଧ ଲିଭିଂ ରୁଟ୍ ବ୍ରିଜ୍ ବୁଲିବାକୁ ଯାଇଥିଲେ।

# ଜଳବାୟୁ ପରିବର୍ତ୍ତନ ବଢ଼ାଉଛି ଉତ୍ତର-ପୂର୍ବାଞ୍ଚଳରେ ବନାଗ୍ନି

ନୂଆଦିଲ୍ଲୀ, ୫।୬



ସେଭେନ୍ ସିଷ୍ଟର ଷ୍ଟେଟ୍ କୁହାଯାଉଥିବା ଉତ୍ତରପୂର୍ବ ଭାରତରେ ଜଙ୍ଗଲ ନିଆଁ ଘଟଣା ଲଗାତର ଭାବେ ବଢ଼ିଚାଲିଛି। ଉତ୍ତର ପୂର୍ବାଞ୍ଚଳର ସବୁଜ ବିସ୍ତାରରେ ବନାଗ୍ନି ଏକ ନୂତନ ବିପଦ ଭାବେ ଉଭା ହୋଇଛି। ଜଳବାୟୁ ପରିବର୍ତ୍ତନଶୀଳତା ଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳରେ ବନାଗ୍ନିର ତୀବ୍ରତା ଚିନ୍ତାଜନକ ଭାବେ ବୃଦ୍ଧି ପାଉଥିବା ନେଇ ଏକ ନୂତନ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି। ଭାରତ ଏବଂ ବ୍ରାଜିଲର କେତେଜଣ ଜଳବାୟୁ ଏବଂ ଭୂ-ବିଶେଷଜ୍ଞଙ୍କୁ ନେଇ ଏକ ଦଳ ୨୦୦୧ରୁ ୨୦୨୨ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ ଏବଂ ତ୍ରିପୁରାରେ ଘଟିଥିବା ୩.୬ ଲକ୍ଷରୁ ଅଧିକ ବନାଗ୍ନି ଘଟଣାକୁ ଆମେରିକୀୟ ମହାକାଶ ସଂସ୍ଥା 'ନାସା'ର ଏମ୍‌ଓଡିଆଇଏସ୍ ସାଟେଲାଇଟ ବ୍ୟବହାର କରି ବିଶ୍ଳେଷଣ କରିଥିଲେ। ଏହି ଅଧ୍ୟୟନରେ ସେମାନେ ଜଙ୍ଗଲ ନିଆଁ ଘଟଣାଗୁଡ଼ିକୁ ତାପମାତ୍ରା, ବର୍ଷା, ସୌର ବିକିରଣ, ପବନର ବେଗ ଆଦି ବିଭିନ୍ନ ଜଳବାୟୁ କାରକ ସହ ଯୋଡ଼ିଥିଲେ। ଉକ୍ତ ଅଧ୍ୟୟନ ଅନୁଯାୟୀ, ବାର୍ଷିକ ବନାଗ୍ନି ଘଟଣାର କେବଳ ୮୦% ଘଟଣା ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ହୋଇଥାଏ। ୨୦୦୬ରୁ ୨୦୧୦ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ଅଞ୍ଚଳରେ ଅସାଧାରଣ ଭାବେ ଅଧିକ ଏବଂ ତୀବ୍ରତାର ସହ ବନାଗ୍ନି ଘଟିଥିଲା।

ସେଭେନ୍ ସିଷ୍ଟର ଷ୍ଟେଟ୍ ମଧ୍ୟରୁ ମିଜୋରାମରେ ଗତ ୨ ଦଶନ୍ଧି ମଧ୍ୟରେ ସବୁଠାରୁ ଅଧିକ ବନାଗ୍ନି ଘଟିଥିବା ଏହି ଅଧ୍ୟୟନ କହିଛି। ୨୦୦୧ରୁ ୨୦୨୨ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳରେ ଘଟିଥିବା ସମୁଦାୟ ବନାଗ୍ନି ଘଟଣା ମଧ୍ୟରୁ କେବଳ ୨୪.୨% ଘଟଣା ମିଜୋରାମରେ ଘଟିଥିବାବେଳେ ଏହାପଛକୁ ଆସାମ (୧୯.୮%), ମଣିପୁର (୧୬.୩%), ନାଗାଲାଣ୍ଡ (୧୧.୮%), ଅରୁଣାଚଳ ପ୍ରଦେଶ (୯.୧%) ଏବଂ ତ୍ରିପୁରା (୬.୬%) ରହିଛି। ଉତ୍ତର-ପୂର୍ବାଞ୍ଚଳରେ ଦେଖାଦେଉଥିବା ବନାଗ୍ନି ଘଟଣାଗୁଡ଼ିକ ସହ କମ୍ ବର୍ଷା, ଉଚ୍ଚ ସୌର ବିକିରଣ ଆଦି ବିଭିନ୍ନ ଜଳବାୟୁ କାରକର ଦୃଢ଼ ସମ୍ପର୍କ ରହିଥିବା ଏହି ଅଧ୍ୟୟନ କହିଛି।

# ତାମିଲନାଡୁ ଉପକୂଳରୁ ମିଳିଲା ଦୁର୍ଲଭ ଓର୍‌ଫିସ୍

## ସୁନାମିର ସଙ୍କେତ ଭାବି ଲୋକେ ଭୟଭୀତ

ଚେନ୍ନାଇ



ତାମିଲନାଡୁର ତଟୀୟ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ଏକ ଦଳ ସମୁଦ୍ରରୁ ଦୁର୍ଲଭ ମାଛ 'ଓର୍‌ଫିସ୍'କୁ ଧରିଛନ୍ତି। ଏହି ମାଛକୁ 'ଡୁମ୍ସଡେ ଫିସ୍' ମଧ୍ୟ କୁହାଯାଏ। ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ୭ ଜଣ ମତ୍ସ୍ୟଜୀବୀ ଏକ ବିଶାଳ 'ଓର୍‌ଫିସ୍'କୁ ଧରି ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ଏହି ମାଛର ଲମ୍ବ ପ୍ରାୟ ୩୦ ଫୁଟ ହୋଇଥିବାବେଳେ ଏହାର ଶରୀର ରୁପା ପରି ଚକଚକିଆ ରହିଛି। ତେବେ ସାଧାରଣତଃ ଓର୍‌ଫିସ୍‌କୁ ଦେଖିବା ଦୁର୍ଭାଗ୍ୟ ସହ ଜଡିତ ଯାହା ଭୂମିକମ୍ପ, ସୁନାମି କିମ୍ବା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ଚେତାବନୀ ବୋଲି ଜାପାନ ଏବଂ ଅନ୍ୟ କିଛି ଦେଶର ଲୋକେ ବିଶ୍ୱାସ କରିଥାନ୍ତି। ଏନେଇ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ୨୦୧୧ରେ ଜାପାନରେ ହୋଇଥିବା ପ୍ରଳୟଙ୍କାରୀ ଭୂକମ୍ପ ଏବଂ ଏହା ପରବର୍ତ୍ତୀ ସୁନାମିର କିଛି ଦିନ ପୂର୍ବରୁ ଦେଶର ଉପକୂଳରେ ଅନେକ ଓର୍‌ଫିସ୍‌କୁ ଦେଖିବାକୁ ମିଳିଥିଲା। ତେବେ ଓର୍‌ଫିସ୍‌କୁ ନେଇ ଏହିସବୁ ଦାବିକୁ ବୈଜ୍ଞାନିକମାନେ ଖାରଜ୍ କରିଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ମାଛ ସାଧାରଣତଃ ଗଭୀର ସମୁଦ୍ରରେ ରହିଥାଏ ଏବଂ ଅସୁସ୍ଥ କିମ୍ବା ଆହତ ହେଲେ ଯାଇ ଏହା କୂଳ ନିକଟକୁ ଆସିଥାଏ। 'ଓର୍‌ଫିସ୍'ର ପ୍ରଜାତି ଏବଂ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଏହାର ଅଧିକ ବୈଜ୍ଞାନିକ ପରୀକ୍ଷଣ ଉପରେ ବୈଜ୍ଞାନିକମାନେ ଜୋର୍ ଦେଇଛନ୍ତି।

## ଫୁରସତ୍

# ଗୋଇନ୍ଦା ଅଧିକାରୀ ଭୂମିକାରେ ପ୍ରିୟଙ୍କା

ଲସ୍‌ଏଞ୍ଜେଲ୍ସ



ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ହଲିଉଡ୍ ଫିଲ୍ମ 'ହେଡ୍ସ ଅଫ୍ ଷ୍ଟେଟ୍'ର ଟ୍ରେଲରକୁ ଗୁରୁବାର ଜାରି କରାଯାଇଛି। ଫିଲ୍ମରେ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, ଆମେରିକୀୟ ଅଭିନେତା ଜନ୍ ସିନା ଏବଂ ଇଂଲିଶ ଅଭିନେତା ଇଡ୍ରିସ୍ ଏଲ୍‌ବା ମୁଖ୍ୟ ଭୂମିକାରେ ରହିଛନ୍ତି। ଇଲ୍ୟା ନୈଶୁଲ୍ଲେରଙ୍କ ନିର୍ଦ୍ଦେଶିତ 'ହେଡ୍ସ ଅଫ୍ ଷ୍ଟେଟ୍'ର ଟ୍ରେଲରକୁ ଦର୍ଶକ ଖୁବ ପସନ୍ଦ କରିଛନ୍ତି। ଟ୍ରେଲର ରିଲିଜ୍ ପରେ ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଆସନ୍ତା ଜୁଲାଇ ୨ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମରେ ଜନ୍ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକା ତୁଲାଉଥିବା ବେଳେ ଇଡ୍ରିସ୍ ୟୁକେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ନିଭାଉଛନ୍ତି। ସେହିପରି ପ୍ରିୟଙ୍କା ୟୁକେର ବିଦେଶୀ ଗୋଇନ୍ଦା ସେବା ସଂସ୍ଥା 'ଏମ୍‌ଆଇ୬'ର ଜଣେ ପ୍ରତିଭାଶାଳୀ ଗୋଇନ୍ଦା ଅଧିକାରୀ ନୋଏଲ ବିସେଟ୍‌ଙ୍କ ଭୂମିକା ନିର୍ବାହ କରୁଛନ୍ତି। ଇଡ୍ରିସ୍ ଏବଂ ଜନ୍ ୨ ଦେଶର ରାଷ୍ଟ୍ରମୁଖ୍ୟ ହୋଇଥିବାବେଳେ ସେମାନଙ୍କ ବିରୋଧରେ ରଚାଯାଇଥିବା ଆକ୍ରମଣ ଷଡ଼ଯନ୍ତ୍ରକୁ ପ୍ରିୟଙ୍କା ନଷ୍ଟ କରିବା ସହ ଉଭୟଙ୍କୁ ସୁରକ୍ଷା ଦେଉଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉଭୟ ଆମେରିକା ରାଷ୍ଟ୍ରପତି ଏବଂ ୟୁକେ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିବା ବେଳେ ଏକ ବୈଶ୍ୱିକ ବିପଦକୁ ଦୃଷ୍ଟିରେ ରଖି ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେଉଛି।

### 'ହେଡ୍ସ ଅଫ୍ ଷ୍ଟେଟ୍' ଟ୍ରେଲର ଆଉଟ୍

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

-ରୁକ୍ମିଣୀ ବିବାହ, ନିର୍ଜଳା ଏକାଦଶୀ
ଉପବାସ ଓ ହଳ ନିଷେଧ



# ବିପଦରେ ତିବ୍ବତ ମାଳଭୂମି



ବ୍ରହ୍ମ ଚେଲାନି

ସମୁଦ୍ର ପତନଠାରୁ ବହୁ ଉଚ୍ଚରେ ଥିବା ତିବ୍ବତ ମାଳଭୂମି ହେଉଛି ବିଶାଳ ହିମ ଭଣ୍ଡାର। ଉତ୍ତର ମେରୁ ଓ ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଏଠାରେ ସବୁଠୁ ଅଧିକ ମଧୁର ଜଳ ଗଚ୍ଛିତ ହୋଇ ରହିଛି। ଏହା ମଧ୍ୟ ଏସିଆର ୧୦ଟି ପ୍ରମୁଖ ନଦୀର ଉତ୍ସ। ଏପରି କି ଚାଇନାର ପ୍ରମୁଖ ଅଞ୍ଚଳର ଦୁଇ ନଦୀ ୟେଲୋ ଓ ୟାଙ୍ଗତେଜ, ଦକ୍ଷିଣପୂର୍ବ ଏସିଆର ମେକଙ୍ଗ, ସାଲୱିନଓ ଇରାୱାଡ଼ି ନଦୀ ଏବଂ ଦକ୍ଷିଣ ଏସିଆର ସିନ୍ଧୁ ଓ ବ୍ରହ୍ମପୁତ୍ର ନଦୀ ମଧ୍ୟ ଏଠାରୁ ବାହାରିଛନ୍ତି। ଏହିସବୁ ନଦୀ ବିଶ୍ୱ ଜନସଂଖ୍ୟାର ପାଖାପାଖି ୨୦% ଲୋକଙ୍କୁ ପାଣି ଯୋଗାଉଛନ୍ତି। ଏବେ ଏହା ବିପତ୍ତିର ସାମ୍ନା କରୁଛି। ସମ୍ପୂର୍ଣ୍ଣ ପରିବେଶ ଧୀରେ ଧୀରେ ଉତ୍ତପ୍ତ ହେବାରେ ଲାଗିଛି, ଯାହା ସମଗ୍ର ଏସୀୟ ଉପମହାଦେଶର ଜଳ ସୁରକ୍ଷା, ପରିସଂସ୍ଥାଗତ ସମନ୍ୱୟ ଏବଂ ଭୂରାଜନୈତିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିଛି। ଦୁଇ ଦଶନ୍ଧି ଧରି ଚାଇନା ଲଗାତର ଭାବେ ଡ୍ୟାମ ନିର୍ମାଣ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେଇ ଆସିଛି। ତିବ୍ବତ ବ୍ୟତୀତ ଅନ୍ୟ ସ୍ଥାନରେ ବି ଏହା କରୁଛି। ତଥାପି ଚାଇନା ସରକାର ଏହି ନଦୀଗୁଡ଼ିକର ତଳମୁଣ୍ଡରେ ଥିବା ଦେଶଗୁଡ଼ିକ ସହ ଏକ ଜଳ ବଣ୍ଟନ ଚୁକ୍ତି ପାଇଁ ମନା କରିଦେଇଛି। ଫଳରେ ଉପର ମୁଣ୍ଡରେ ଥିବା ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ଚାଇନା ନିଷ୍ପତ୍ତିର ପରିଣାମ ହିଁ ଭୋଗ କରିବାକୁ ପଡ଼ିବ।

ତିବ୍ବତ ସୀମା ନିକଟରେ ଚାଇନା ବୃହତ୍ ଡ୍ୟାମଗୁଡ଼ିକ ନିର୍ମାଣ କରିସାରିଲାଣି। ଫଳରେ ମେକଙ୍ଗ ନଦୀ ଜଳସ୍ତର ଅତ୍ୟଧିକ କମିଯାଇଛି। କାମ୍ବୋଡ଼ିଆ, ଲାଓସ, ଥାଇଲାଣ୍ଡ ଏବଂ ଭିଏଟନାମ ଭଳି ଦେଶଗୁଡ଼ିକର ଜୀବନଜୀବିକା ଓ ମତ୍ସ୍ୟସମ୍ପଦ ଉପରେ ଏହା ବିନାଶକ ପ୍ରଭାବ ପକାଇଛି। ଚାଇନା ଡ୍ୟାମ୍ ନିର୍ମାଣ କରିବା ଦ୍ୱାରା ଦକ୍ଷିଣ ଭିଏଟନାମରେ ମେକଙ୍ଗ ଧୋୟା ଅଞ୍ଚଳ ଶୁଷ୍କ ହୋଇଯାଉଥିବାରୁ ଧାନଚାଷୀମାନେ ସେମାନଙ୍କ ପାରମ୍ପରିକ ଜୀବିକା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଏହା ପରିବର୍ତ୍ତେ ଚିଙ୍ଗୁଡ଼ି କିମ୍ବା ରିଡ୍ (ଏକ ପ୍ରକାର ଡେଙ୍ଗା ଘାସ) ଚାଷ କରୁଛନ୍ତି। ୟାଙ୍ଗତେଜ ନଦୀ ଉପରେ ନିର୍ମାଣ କରିଥିବା ଦି ଥ୍ରି ଜର୍ଜସ୍ ଡ୍ୟାମ ବିଶ୍ୱର ସବୁଠୁ ବଡ଼। କିନ୍ତୁ ଏହି ଡ୍ୟାମ୍ ଏବେ ୟାରଲଙ୍ଗ ଜାଙ୍ଗବୋ ନଦୀ (ଏହା ମଧ୍ୟ ବ୍ରହ୍ମପୁତ୍ର ଭାବେ ଜଣାଶୁଣା)ରେ ଚାଇନା ନିର୍ମାଣ କରୁଥିବା ଡ୍ୟାମ୍‌ଠାରୁ ଛୋଟ ହେବ। ଉଲ୍ଲେଖନୀୟ ଯେ, ତିବ୍ବତର ଭୂମିକମ୍ପ ପ୍ରବଣ ଅଞ୍ଚଳରେ ଏହା ନିର୍ମାଣ କରାଯାଉଛି। ଯଦି ଏହି ପ୍ରକଳ୍ପ ଶେଷ ହୁଏ, ତେବେ ଭାରତ ଓ ବାଂଲାଦେଶରେ ଜଳପ୍ରବାହ ଭୀଷଣ ଭାବେ ପ୍ରଭାବିତ ହେବ। ଏହି ଦେଶଗୁଡ଼ିକରେ ଖାଦ୍ୟ ସୁରକ୍ଷା, ପରିସଂସ୍ଥାଗତ ସମନ୍ୱୟ ଉପରେ ବିପଦ ସୃଷ୍ଟି ହେବ।

ବିଶ୍ୱରେ ଏବେ ଜଳଯୁଦ୍ଧର ସଙ୍କଟ ବଢୁଛି। ପାଣି ଖୁବ୍‌ଶୀଘ୍ର



ଶକ୍ତିର ନୂଆ ଇନ୍ଧନ, ଏକ ରଣନୀତିକ ସାଧନ ହେବାକୁ ଯାଉଥିବାରୁ ତାହାକୁ ନେଇ ବିବାଦ ସୃଷ୍ଟି ହେବାର ଅଧିକ ସମ୍ଭାବନା ରହିଛି। ଦେଖିବାକୁ ଗଲେ ଦେଶ ଭିତରେ ବିଭିନ୍ନ ରାଜ୍ୟ ତଥା ଦେଶ-ଦେଶ ମଧ୍ୟରେ ଜଳ ବିବାଦ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। କିନ୍ତୁ ତିବ୍ବତ ମାଳଅଞ୍ଚଳ ଉପରେ ଚାଇନାର ଆକ୍ରମଣ କେବଳ ଜଳରେ ସୀମିତ ରହିନାହିଁ। ତିବ୍ବତର ଖଣିଜ ସମୃଦ୍ଧ ଅଞ୍ଚଳକୁ ଦଖଲ କରି ଖନନ କରୁଛି; ଯେଉଁଠି ଲିଥିୟମ, ସୁନା ଏବଂ ତାମ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସଂସାଧନ ଗଚ୍ଛିତ ଅଛି। ଫଳରେ ଜଙ୍ଗଲ ଧ୍ୱଂସ ହେବା ସହ ବିଷାକ୍ତ ବର୍ଜ୍ୟ ସୃଷ୍ଟି ହେଉଛି । ତେବେ ଚାଇନା କରୁଥିବା କ୍ଷତି ସମ୍ପର୍କରେ ସବିଶେଷ ଜାଣିବା ଅସମ୍ଭବ। କାରଣ ଏହି ଅଞ୍ଚଳକୁ ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକଙ୍କ ପ୍ରବେଶ ନିଷେଧ। ତିବ୍ବତୀୟ ସ୍ଥାନୀୟ ଅଧିବାସୀଙ୍କର ପରିବେଶ ଓ ସଂସ୍କୃତି ପ୍ରତି ଥିବା ଭଲ ପାଇବା ପରିବେଶଗତ ନେତୃତ୍ୱର ଲମ୍ବା ଇତିହାସକୁ ଦୃଢ଼ କରିଛି। ହେଲେ ସେମାନଙ୍କ ଅଞ୍ଚଳ ପ୍ରତି ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ଜଣାଇବା ଲାଗି ସେମାନେ ନେଉଥିବା ପଦକ୍ଷେପଗୁଡ଼ିକୁ ଦବାଇ ଦିଆଯାଉଛି। ବହୁ ସମୟରେ ସେମାନଙ୍କୁ ଜେଲରେ ରଖାଯାଉଛି କିମ୍ବା ନିର୍ବାସିତ କରାଯାଉଛି।

ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ବିପଦ ବୃଦ୍ଧିକୁ ଦେଖିଲେ, ଏହା ନିଃସନ୍ଦେହ ଯେ, ତିବ୍ବତ ମାଳଭୂମିର ପରିସଂସ୍ଥା ଅଧିକ କ୍ଷତିଗ୍ରସ୍ତ ହୋଇଚାଲିଛି। ଏହି ମାଳଭୂମି ବୈଶ୍ୱିକ ହାରାହାରି ପ୍ରତିଶତର ଦୁଇଗୁଣ ବେଗରେ ଉତ୍ତପ୍ତ ହେଉଛି ଏବଂ ଏଠାରେ ଥିବା ବରଫ ମେରୁ ତୁଳନାରେ ଶୀଘ୍ର ତରଳୁଛି। ଫଳରେ ଏହି ଅଞ୍ଚଳରୁ ଜଳ ଧାରଣ କ୍ଷମତା ହ୍ରାସ ପାଇବା ସହ ନଦୀର ଜଳ ପ୍ରବାହରେ ପରିବର୍ତ୍ତନ ଘଟୁଛି। ଏଭଳି କ୍ଷତିର ଦୀର୍ଘମିଆଦୀ ପରିଣାମ ରହିଛି। ଅନ୍ୟସବୁଏସୀୟ ଦେଶଠାରୁ ଉଚ୍ଚରେ ଥିବା ତିବ୍ବତ ମାଳଭୂମି ଏସିଆର ଜଳବାୟୁ, ପାଣିପାଗ ଏବଂ ମୌସୁମୀର ଧାରାକୁ ଅତ୍ୟଧିକ ପ୍ରଭାବିତ କରେ। ବିଶୁବରେଖାରୁ ଉଷ୍ମ ବାୟୁକୁ ଉତ୍ତରଗୋଲାର୍ଦ୍ଧର ସମୁଦ୍ର ପତନଠାରୁ ଅଧିକ ଉଚ୍ଚରେ ଥିବା ଅଞ୍ଚଳରେ ପହଞ୍ଚାଉ ଥିବା ବାୟୁପ୍ରବାହର ପ୍ରଣାଳୀକୁ ଏହା ମଧ୍ୟ ପ୍ରଭାବିତ କରେ। ଏଣୁ ଏହି ଅଞ୍ଚଳର କ୍ଷତି ହେଲେ ମରୁଡ଼ି ଓ ବନ୍ୟା ସହ ଜୈବବିବିଧତାର କ୍ଷତି ଅଧିକ ବଢ଼ିଯିବା ସହ କୃଷି ଭୁଶୁଡ଼ି ପଡ଼ିବ। ଫଳରେ ସମଗ୍ର ଏସିଆରେ ଗଣପଳାୟନ ସ୍ଥିତି ଉପୁଜିବ। ଏଭଳି ବିପଦଥିବା ସତ୍ତ୍ୱେ, ବୈଶ୍ୱିକ ଜଳବାୟୁ ମଞ୍ଚଠାରୁ ଆରମ୍ଭ କରି ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ତିବ୍ବତର ସ୍ଥିତିକୁ ନେଇ ପୂରା ନୀରବ ରହିଛନ୍ତି। ଏହାର କାରଣ ଯେ ସେମାନେ ଅଣଦେଖା କରୁଛନ୍ତି ତାହା ନୁହେଁ ବରଂ ଭୟ କରୁଛନ୍ତି। 'ପୃଥିବୀର ଛାତ' କୁହାଯାଉଥିବା ତିବ୍ବତ ମାଳଭୂମିରେ ଚାଇନାର କାର୍ଯ୍ୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ସମାଲୋଚନା ଉଠୁଛି। କିନ୍ତୁ ଚାଇନା ତାହାକୁ ଦବାଇ ଦେବା ପାଇଁ ଶକ୍ତି ପ୍ରୟୋଗ କରୁଛି। ବିପଦକୁ ଦେଖିଲେ, ଅନ୍ତର୍ଜାତୀୟ ସମୁଦାୟ ଚାଇନା ସୃଷ୍ଟି କରୁଥିବା କ୍ଷତି ବିରୋଧରେ ସ୍ୱର ଉଠାଇପାରୁନାହାନ୍ତି। ତିବ୍ବତରେ ଚାଇନାର କାର୍ଯ୍ୟକଳାପଗୁଡ଼ିକର ସ୍ୱଚ୍ଛତା ପାଇଁ ଅନ୍ତଃରାଷ୍ଟ୍ରୀୟ ସମୁଦାୟ ଲଗାତର ଚାପ ପକାଇବା ଦରକାର। ଅନ୍ତଃରାଷ୍ଟ୍ରୀୟ ପରିବେଶ ଆକଳନ ପାଇଁ ଚାଇନା ସମୟ ଅନୁଯାୟୀ ଜଳ ପ୍ରବାହ, ବଣ୍ଟନର ବାସ୍ତବ ତଥ୍ୟ ଏବଂ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଜଣାଇବା ଦରକାର। ସ୍ୱାଧୀନ ଭାବେ ପରିବେଶ ସମ୍ପର୍କରେ ଗବେଷଣା ଓ ସମୀକ୍ଷା କରୁଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ଏବଂ ନିଷ୍ପକ୍ଷ ଅନୁଧ୍ୟାନ କରିବା ପାଇଁ ତିବ୍ବତକୁ ଯିବା ସକାଶେ ଅନୁମତି ଦିଆଯିବା ଆବଶ୍ୟକ।

ତିବ୍ବତର ମୂଳ ଅଧିବାସୀଙ୍କ ସମେତ ୨୦୦୦ ମସିହାରୁ ପୈତୃକ ଭିଟାମାଟିରୁ ବଳପୂର୍ବକ ସ୍ଥାନାନ୍ତର ହୋଇଥିବା ଲୋକଙ୍କ ଅଧିକାରକୁ ଚାଇନା ଉଲ୍ଲଂଘନ କରୁଥିବାରୁ ଏଥିପାଇଁ ତାହାକୁ ଉତ୍ତରଦାୟୀ କରାଯିବା ଉଚିତ। ଚାଇନାକୁ ଦାୟୀ କରିବାରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଏବଂ ଅନ୍ତଃରାଷ୍ଟ୍ରୀୟ ସଂସ୍ଥାର ସବୁ କ୍ଷମତା ଅଛି। ପରିବେଶଗତ ସ୍ୱଚ୍ଛତା, ମୂଳ ଅଧିବାସୀଙ୍କ ଅଧିକାରକୁ ସମ୍ମାନ ଓ ନଦୀଜଳ ବଣ୍ଟନ ବ୍ୟବସ୍ଥାର ନ୍ୟାୟସଙ୍ଗତ ପରିଚାଳନାଠାରୁ ଆରମ୍ଭ କରି ବାଣିଜ୍ୟିକ ବୁଝାମଣା ଓ ଜଳବାୟୁ ସହଯୋଗ ପାଇଁ ଚେଷ୍ଟା କରି ସେମାନେ ଚାଇନାକୁ ତାହାର କାର୍ଯ୍ୟକଳାପରେ ପରିବର୍ତ୍ତନ କରିବା ପାଇଁ ଚାପ ପକାଇପାରିବେ। ତିବ୍ବତର ସ୍ଥାନୀୟ ସ୍ୱର ଓ ନାଗରିକ ସମାଜର ନେଟୱର୍କଗୁଡ଼ିକୁ ସିଧାସଳଖ ସମର୍ଥନ ମଧ୍ୟ ସ୍ୱଚ୍ଛତା ବଢ଼ାଇବାରେ ସାହାଯ୍ୟ କରିବ। ତିବ୍ବତ ମାଳଭୂମିରେ ବଢୁଥିବା ସଙ୍କଟକୁ ଏବେ ଅଣଦେଖା କରିବା ଭବିଷ୍ୟତ ପାଇଁ ଠିକ୍ ନୁହେଁ। ଚାଇନାର ଅତ୍ୟଧିକ ଆର୍ଥିକ ଓ ଭୂରାଜନୈତିକ ପ୍ରଭାବ ଅଛି ଏବଂ ଏହାକୁ ପ୍ରୟୋଗ କରିବାକୁ ଭୟ କରେ ନାହିଁ। କିନ୍ତୁ ତା' ଉପରେ ପଦକ୍ଷେପ ନ ନିଆଯିବା ଅତ୍ୟନ୍ତ ଦୁଃଖଦାୟକ। ତିବ୍ବତ ହେଉଛି ଏସିଆର ପରିସଂସ୍ଥାଗତ ଜୀବନରେଖା। ଏହାକୁ କ୍ଷତି କରି ସାରା ଉପମହାଦେଶ ଏବଂ ଏହା ବାହାରେ ଥିବା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସକାଶେ ଚାଇନାକୁ ଅନୁମତି ଦେବା ଉଚିତ ନୁହେଁ।

**ପ୍ରଫେସର ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର ଫର ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଏକ କୁଲିର କାହାଣୀ



ଅନୀତା ପଟ୍ଟନାୟକ

କଟକ ରେଳଷ୍ଟେଶନର ପଛପଟେ ଥାଏ ଏକ କୁଲିବସ୍ତି। ସେହି ବସ୍ତିରେ ଅନେକପ୍ରକାର ଦୁରାରୋଗ୍ୟ ଦେଖାଦିଏ। ଭାରି ଅପରିଷ୍କାର ଓ ଅପରିଚ୍ଛନ୍ନ ବସ୍ତିଟି। କୁଢ଼ କୁଢ଼ ମଇଳା ଭିତରେ ଗଣେଶ କୁଲି, ତା' ସ୍ତ୍ରୀ ସବିତା ଓ ତା'ର ଗୋଟିଏ ଛୋଟ ଝିଅ ରୀତା ରହୁଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ସେଠାକୁ ଯାଏନା। ସେ ଗାଡ଼ିଟି କେବଳ କଟକ ସହରରେ ରହୁଥିବା ଧନାଢ୍ୟ ବ୍ୟକ୍ତିମାନଙ୍କ ଘର ଦେଇ ଯାଏ। ଗଣେଶ ଥରେ କଟକର ମେୟରଙ୍କୁ ଦେଖି ତାଙ୍କ ବସ୍ତିକୁ ଅଳିଆ ଆବର୍ଜନା ଉଠାଉଥିବା ଗାଡ଼ି କାହିଁକି ଆସୁନାହିଁ ବୋଲି ପଚାରିଲା। ମେୟର କହିଲେ, ସରକାରଙ୍କ ସଂକଳ୍ପ ଅନୁସାରେ ସବୁକିଛି ଘଟୁଛି। ଗଣେଶ ପଚାରିଲା, ସଂକଳ୍ପମାନେ କ'ଣ? ତା'ର ସ୍ତ୍ରୀର ଦେହରେ କିଛିଦିନ ହେବ ଜ୍ୱର ରହୁଛି, ଝିଅକୁ ମଧ୍ୟ ଜ୍ୱର। ତେଣୁ ସେ ମେୟରଙ୍କୁ ପଚାରିଲା, ଆମ ଆଡ଼େ କେବେ ଆବର୍ଜନା ଉଠାଉଥିବା ଗାଡ଼ି ଆସିବ?

ମେୟରଙ୍କ ସହ ଯାଇଥିବା ନରହରି ଆଡ଼କୁ ମେୟର ଚାହିଁ କହିଲେ, ଏ ମୂର୍ଖଟାକୁ ବୁଝାଇଦେ। ନରହରି କହିଲା ସଂକଳ୍ପ ତିନି ପ୍ରକାର। ଯଥା ଯୋଜନା ସଂକଳ୍ପ, ଯାହାର ଅର୍ଥ ଅନେକ ବିଚାର ଆଲୋଚନା ପରେ ଯେଉଁ ସଂକଳ୍ପ ଗ୍ରହଣ କରାଯାଏ ତାକୁ ଯୋଜନା ସଂକଳ୍ପ କହନ୍ତି। ଦ୍ୱିତୀୟ ମନନ ସଂକଳ୍ପ। କୌଣସି କର୍ମ କରିବାର ଇଚ୍ଛା ଜାଗ୍ରତ ହେଲା ପରେ କିଛି ସଂକଳ୍ପ ଗ୍ରହଣ କରିବାକୁ ମନନ ସଂକଳ୍ପ କୁହାଯାଏ। ତୃତୀୟ ହେଲା ସ୍ୱ ସଂକଳ୍ପ - ସଂକଳ୍ପ ଓ ସିଦ୍ଧି ତତ୍‌କ୍ଷଣାତ ଘଟେ। ଯେମିତି ବନ୍ଧୁକରେ ଗୁଳି ଫୁଟିବା ଓ ଲକ୍ଷ୍ୟ ଭେଦ ହେବାରେ ସମୟ ବ୍ୟବଧାନ କିଛି ନ ଥାଏ।

ଗଣେଶ ଏସବୁ କିଛି ବୁଝିପାରିଲା ନାହିଁ। କହିଲା ବାବୁ, ମୁଁ ଏସବୁ କିଛି ବୁଝିପାରୁନାହିଁ। ନରହରି କହିଲା, ସରକାରୀ ଜମି ମାଡ଼ିବସି ବସ୍ତି କୁଡ଼ିଆ କରି ରହୁଛୁ। କଟକ ସହରରେ ରହୁଥିବା ବଡ଼ବଡ଼ିଆ ଲୋକଙ୍କ ପାଇଁ ସଂକଳ୍ପ ଯୋଜନା ପ୍ରସ୍ତୁତ ହେଉଛି। ତୁ ତ କୁଲି ମୂଲିଆଟେ। ତମମାନଙ୍କ ପାଇଁ ସ୍ୱସଂକଳ୍ପ ହିଁ ପ୍ରୟୋଜନ। ତୁମ ପାଖକୁ କେବେ ମଧ୍ୟ ଅଳିଆ ଆବର୍ଜନା ସଫା କରୁଥିବା ଗାଡ଼ି ଆସିବ ନାହିଁ। ତେଣୁ ବନ୍ଧୁକରୁ ଗୁଳି ଫୁଟିବା ପରି ଓ ଲକ୍ଷ୍ୟଭେଦ ହେବାପରି ତୁ ଓ ସ୍ତ୍ରୀ ଏବଂ ଝିଅ ବସ୍ତି ସଫାକର ନଚେତ ମେୟର ବାବୁ ରାଗିଗଲେ ତୁମେ ବସ୍ତି ଉଜାଡ଼ି ଦେବେ। ମନେ ମନେ ଗୁଣୁଗୁଣୁ ହୋଇ ନରହରି କହିଲା ସ୍ତ୍ରୀ, ଝିଅଙ୍କ ଜର ଦେଖାଉଛି। ଏ ଦେଶରେ ସେମାନେ ବଞ୍ଚିଲେ କେତେ ମଲେ କେତେ।

ନଭେମ୍ବର ୨୩, ୨୦୨୪ ମସିହା ଝିଅର ମୁଦିପିନ୍ଧା କଲିକତାରେ ହେବ। ମେୟର କେବେଠାରୁ ଅବସର ନେଇଗଲେଣି। ଧର୍ମପତ୍ନୀ ବୃଦ୍ଧା ହୋଇଯାଇଛନ୍ତି। ଝିଅ ଆଗରୁ କଲିକତା ଚାଲିଯାଇଥିବାରୁ ସ୍ୱାମୀ ସ୍ତ୍ରୀ ଗୁଡ଼ାଏ ଜିନିଷପତ୍ର ସହିତ ପୁରୀ-ହାଓଡା ଏକ୍ସପ୍ରେସ୍‌ରେ ଯିବା ପାଇଁ ଷ୍ଟେଶନକୁ ଆସିଥାନ୍ତି। ଶୀତଦିନ ଏତେଗୁଡ଼ାଏ ଜିନିଷ ବୋହିବା କଷ୍ଟକର ହୋଇଥିବାରୁ ମେୟର କୁଲିଟିଏ ଖୋଜୁଥାନ୍ତି। ଏହି ସମୟରେ ଗଣେଶ ଉପରେ ମେୟରଙ୍କ ନଜର ପଡ଼ିଲା। ମେୟର ଗଣେଶକୁ କହିଲେ, ମୋର ଜିନିଷପତ୍ର ଟ୍ରେନ୍‌କୁ ଉଠାଇଦେବ। ମୁଁ ପଇସା ଦେବି। ଗଣେଶ ମେୟରଙ୍କୁ ଚିହ୍ନି ପକାଇଲା, କିନ୍ତୁ ମେୟର ଗଣେଶକୁ ଚିହ୍ନିପାରୁ ନ ଥାନ୍ତି। ମେୟରଙ୍କ ସ୍ତ୍ରୀ କହିଲେ, ମୋ ଝିଅର ମୁଦିପିନ୍ଧା ଉତ୍ସବ ଅଛି। ସେଥିପାଇଁ କଟକରୁ ଏତେ ଜିନିଷ ନେଇ ଯାଉଛି। ଜିନିଷପତ୍ର ଧୀରେ ଉଠାଇ ଦେବ। ମୁଁ ବୁଢ଼ୀଲୋକ ଟ୍ରେନ୍‌ରେ ଉଠିବା ମୋ ପାଇଁ କଷ୍ଟକର। ଗଣେଶ କହିଲା, ମା' ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସବୁବେଳେ ଧୀର ସ୍ଥିର ଭାବେ କାମ କରେ। ଆମେ ସଂସାରକୁ ଆସିଛେ ପୁଣିଥରେ ଈଶ୍ୱରଙ୍କଠାରେ ପହଞ୍ଚିବା ପାଇଁ। ସେହି ଲକ୍ଷ୍ୟକୁ ଭୁଲି ଯାଇ ମାୟାର ବୋଝକୁ ମୁଣ୍ଡରେ ମୁଣ୍ଡାଇ ବୁଲୁଛେ। ବେକ କଟକଟ ହେଲେ ବୋଝ ଓଓାରିବା ପାଇଁ ବିକଳ ହେଉଛେ। ଦି'ଦିନିଆ ଭୋଗ ବିଳାସ ପଛରେ ଧାଇଁ କ'ଣ ପାଉଛେ? ଏହି ଭୋଗ ବିଳାସର ବୋଝ ବୋହି ବୋହି ମଣିଷ ଈଶ୍ୱରଙ୍କୁ ଚିହ୍ନିପାରୁ ନାହିଁ। ବାବୁ ଥରେ ଆମ ବସ୍ତିକୁ ଆସିଥିଲେ। ଅଳିଆର ବୋଝକୁ କାଢ଼ିବା ପାଇଁ କେତେ ନେହୁରା ହୋଇଥିଲି। ବାବୁ ଭୁଲିଯାଇଛନ୍ତି। ନରହରି ବାବୁ କହିଥିଲେ, ତୁମ ବସ୍ତିକୁ ନିଜେ ସଫାକର ନ ହେଲେ ମର। କୋଭିଡ୍ ରୋଗରେ ମୋର ସ୍ତ୍ରୀ ଓ ଝିଅ ମରିଗଲେ। ମୋର ଝିଅ ବଞ୍ଚିଥିଲେ ଆଜି ତା'ର ମଧ୍ୟ ବାହାଘର ହେଉଥାନ୍ତା। ଏହି ସମୟରେ ପୁରୀ-ହାଓଡା ଏକ୍ସପ୍ରେସ୍ ଆସି ପହଞ୍ଚିଲା। ମେୟରବାବୁ ତାଙ୍କ ସ୍ତ୍ରୀଙ୍କୁ ଧରି ଟ୍ରେନ୍‌ରେ ଉଠିଗଲେ। ଗଣେଶ ମେୟର ବାବୁଙ୍କର ସବୁ ଜିନିଷ ଚଢ଼ାଇ ଦେଲା। ମେୟର ବାବୁ ପଇସା ଦେବାକୁ ଉଦ୍ୟତ ହେଉଥିବା ସମୟରେ ଗଣେଶ ଗାମୁଛାରେ ଝାଳ ପୋଛି ପୋଛି ଥାଉ ବାବୁ। ମୋର ମଜୁରିରେ କିଛି ଗୋଟିଏ କିଣି ଝିଅଟିକୁ ଉପହାର ଦେଇଦେବେ। ସେ ମୋ'ର ଝିଅ ପରି। ମୁଁ ଆପଣଙ୍କଠାରୁ କୌଣସି ପାରିଶ୍ରମିକ ନେବି ନାହିଁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଶିକ୍ଷୟିତ୍ରୀଙ୍କ ବୟସ ୪୮। କିନ୍ତୁ ସେ ପଢ଼ାଉନ୍ତି ତାଙ୍କଠାରୁ ଅଧିକ ବୟସ୍କା ମହିଳାଙ୍କୁ। ଏମିତି ଏକ ଶିକ୍ଷାଦାନ କେନ୍ଦ୍ର ଚାଲିଛି ଗୁଜରାଟ ସୁରଟରେ। ଏଠାରେ ବୀଣା କଲାଥିୟା ୧୨୦ ଜଣ ମହିଳାଙ୍କୁ ପ୍ରତିଦିନ ଅପରାହ୍ନ ୩ଟାରୁ ୫ଟା ଯାଏ ପଢ଼ାଇ ସାକ୍ଷର କରିବାରେ ଲାଗିଛନ୍ତି। ସବୁଠୁ ବଡ଼ କଥା ହେଉଛି ବୀଣା ଓ ତାଙ୍କ ଭଉଣୀ ମୁଖବାସ (ମାଉଥ୍‌ରିଫ୍ରେସର) ବିକ୍ରି କରି ଯାହା ରୋଜଗାର କରୁଛନ୍ତି ସେଥିରେ ମହିଳାଙ୍କ ପାଇଁ ଖାତା, କଲମ, ପେନ୍‌ସିଲ ଆଦି କିଣୁଛନ୍ତି। କହିବାକୁ ଗଲେ ବୀଣା ତାଙ୍କ ନିଜ ଖର୍ଚ୍ଚରେ ପାଠଶାଳାର ପରିଚାଳନା କରୁଛନ୍ତି। ସେ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ପ୍ରଶିକ୍ଷଣ କେନ୍ଦ୍ରରେ ପଢ଼ିନାହାନ୍ତି। କିନ୍ତୁ ଘରେ ତାଙ୍କ ପିଲାଙ୍କୁ ପଢ଼ାଇବା ସମୟରେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପିଲାମାନେ ବଡ଼ ହୋଇଯିବା ପରେ ବୀଣା ସୁରଟର ରାସ୍ତା ଆଲୋକରେ ପ୍ରଥମେ ଜଣେ ଦୁଇଜଣ ମହିଳାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ମହିଳାଙ୍କ ସଂଖ୍ୟା ବଢ଼ିଚାଲିଲା ଓ ନଅ ବର୍ଷ ପରେ ଏବେ ମହିଳାଙ୍କ ସଂଖ୍ୟା ୧୨୦ରେ ପହଞ୍ଚିଛି। ଏବେ ଆଉ ରାସ୍ତାରେ ନ ପଢ଼ାଇ ଏକ ବରିଷ୍ଠ ନାଗରିକ କେନ୍ଦ୍ରର ଘରେ ସେମାନଙ୍କୁ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୬ ଜୁନ୍ ୧୯୭୬

- ପଶ୍ଚିମ ଉପକୂଳରେ ଭୀଷଣ ଝଡ଼ତୋଫାନ ପ୍ରବାହିତ ହେବା ଫଳରେ ୧୪ ଜଣ ମାଛଧରା ଧୀବରଙ୍କ ମୃତ୍ୟୁ।
- ଉତ୍ତରପ୍ରଦେଶସ୍ଥିତ ଚାମୋଲି ଜିଲାର ସଦର ମହକୁମାଠାରୁ ପାଞ୍ଚ କିଲୋମିଟ ଦୂରରେ ଅବସ୍ଥିତ ଚିଙ୍କା ନିକଟରେ ଏକ ଯାତ୍ରୀବାହୀ ବସ୍ ଅଳକାନନ୍ଦା ନଦୀ ଭିତରକୁ ଖସିପଡ଼ିବା ଫଳରେ ୩୯ ଜଣ ଯାତ୍ରୀ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 5 | | | | |
| | | | 1 | | 4 | | | |
| | | 4 | | 6 | | 5 | | |
| | | 2 | | 7 | 9 | | | |
| | 4 | | | | | 2 | | 3 |
| | | 6 | | | 3 | | 9 | 5 |
| | 8 | | 5 | 2 | | | | 6 |
| 3 | | | 7 | 4 | | | | |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 8 | 5 | 7 | 6 | 1 | 2 |
| 2 | 6 | 8 | 9 | 1 | 3 | 4 | 5 | 7 |
| 5 | 1 | 7 | 6 | 2 | 4 | 3 | 8 | 9 |
| 7 | 3 | 9 | 1 | 6 | 5 | 2 | 4 | 8 |
| 6 | 2 | 4 | 3 | 8 | 9 | 5 | 7 | 1 |
| 1 | 8 | 5 | 4 | 7 | 2 | 9 | 3 | 6 |
| 8 | 5 | 1 | 2 | 4 | 6 | 7 | 9 | 3 |
| 9 | 4 | 2 | 7 | 3 | 1 | 8 | 6 | 5 |
| 3 | 7 | 6 | 5 | 9 | 8 | 1 | 2 | 4 |

ଗତକାଲିର ଉତ୍ତର

# କପେ ଚା'ର ମୂଲ୍ୟ



ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଗୋଟିଏ ବ୍ୟକ୍ତିଗତ କାମ ନେଇ ଆମ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ଅବସରରେ ସମସ୍ତଙ୍କ ମୁହଁରେ ବଡ଼ବାବୁ (ହେଡ୍‌କ୍ଲର୍କ)ଙ୍କ ପ୍ରଶଂସା ଶୁଣିବାକୁ ପାଇଲି। ଫଳରେ ମୋ କାମଟି ସହଜ ଓ ସରଳରେ ହୋଇଯିବ ବୋଲି ଭାବି ଯେତିକି ଆନନ୍ଦିତ ହେଉଥିଲି ତା'ଠାରୁ ଅଧିକ ଉଲ୍ଲସିତ ହେଉଥିଲି । ସେଠାକାର ଅମଲାମାନଙ୍କ କଥା ହେଲା ଆମ ବଡ଼ବାବୁ ଚା କପ୍‌ଟେ ପିଅନ୍ତି ନାହିଁ କି କଷା ଗୁଆ ଖଣ୍ଡେ ମଧ୍ୟ ଚୋବାନ୍ତି ନାହିଁ। ମୁଁ ଭାବିଲି ଯିଏ ପାନ ଖାଏନାହିଁ କିମ୍ବା ଚା ପିଏନାହିଁ ସିଏ ସଚ୍ଚୋଟ ହେବା କ'ଣ ପ୍ରମାଣ ଆଧାରିତ ? ଏକଥା ମନରେ ରଖି ବଡ଼ବାବୁଙ୍କୁ କଥାଛଳରେ ପାନ-ଚା ବିବର୍ଜିତ କରିବାର କାରଣ ପଚାରିବାରୁ ସିଏ ତା'ର ଯେଉଁ ଉତ୍ତର ଦେଇଥିଲେ ତାହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ସମୟୋପଯୋଗୀ ଏବଂ ଉପଦେଶାତ୍ମକ ଥିଲା । ସିଏ କହିଲେ ପିଲାବେଳେ ମୋ ମା' ଶିଖାଇଥିଲା 'ଚା, ପାନ ନୁହେଁ ଛୋଟିଆ ନିଶା, ଧୀରେଧୀରେ ସିଏ ଟାଣେ ପଇସା' । ମୋ ଭଳି ଜଣେ ଗରିବ ଘରର ପିଲା ଏ ପ୍ରକାର ନିଶାର ବଶବର୍ତ୍ତୀ ହେବିନାହିଁ ବୋଲି ସେବେଠାରୁ ମନେମନେ ନିଷ୍ପତ୍ତି ନେଇଥିଲି । ଚାକିରି କରିବା ପରେ ଗରିବୀ ହଟିଗଲା । ଚା ପାନ ପାଇଁ ମୋ ପାଖରେ ଆଉ ଟଙ୍କା ପଇସାର ଅଭାବ ନାହିଁ କିନ୍ତୁ ମୋତେ କାଳେ କିଏ ଧୀରେଧୀରେ ଚା କପେ କିମ୍ବା ପାନ ଖଣ୍ଡେ ଦେଇ ବଶ କରିଦେବ ଏବଂ କୌଣସି ଅନ୍ୟାୟ ଅନୀତି କରିବା ପାଇଁ ପ୍ରବର୍ତ୍ତାଇବ କିମ୍ବା ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିବ ସେ କଥା ଭାବି ଏହା ଗ୍ରହଣ କରୁନାହିଁ । ମୋ ଉତ୍ତର ଜୀବନରେ ଚା କପେ ପାଇଁ କାଳେ କାହା ଉପରେ ନିର୍ଭରଶୀଳ ହୋଇଯିବି ଏବଂ ଅଯଥାରେ ଏଥିପାଇଁ କାଳେ କାହାର ମନରେ ଅଶାନ୍ତି ଆସିବ ଯାହାଦ୍ୱାରା ମୋ ମନ ଅଯଥାରେ ଊଣା ହେବ ସେଥିପାଇଁ ମଧ୍ୟ ଉତ୍ତର ଜୀବନରେ ଚା କପେ ପିଇବି ନାହିଁ ବୋଲି ମୁଁ ନିଷ୍ପତ୍ତି ନେଇଛି । ଚା କପ୍‌କୁ ନେଇ ଏ ପ୍ରକାର ହିସାବ-କିତାବ ତଥା ଜୀବନଦର୍ଶନ କଥା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ମୋର ମନେ ହେଲା। ଏହି କପେ ଚା'ର ହିସାବକିତାବକୁ ନେଇ ମୋ ମନରେ ଅନେକ ପ୍ରଶ୍ନ ଉଙ୍କିମାରିଲା ଯାହା ଅଦ୍ୟାବଧି ଅସମାହିତ ହୋଇ ରହିଆସିଛି।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାପଡ଼େ ଲୋକମାନ୍ୟ ବାଲ୍‌ଗଙ୍ଗାଧର ତିଲକ ଥରେ କିଛି ଖ୍ରୀଷ୍ଟିଆନ ବନ୍ଧୁମାନଙ୍କ ସହିତ ମିଶି ଚା ପିଇଦେଇଥିବାରୁ ତାଙ୍କୁ ନିଜ ଜାତି ମଧ୍ୟରେ ଲୋକମାନଙ୍କର ବିରୋଧର ଶିକାର ହେବାକୁ ପଡିଥିଲା, ଯାହାଫଳରେ ତାଙ୍କ ଭୁଲ୍‌ର ପ୍ରାୟଶ୍ଚିତ୍ତ ସ୍ୱରୂପ ନିଜକୁ ସଂସ୍କାରିତ କରିସାରି ପୁଣିଥରେ ନିଜ ଜାତିକୁ ଫେରିବାକୁ ପଡିଥିଲା। କାରଣ ଚା ପିଇବା ବଡ଼କଥା ନୁହେଁ ବରଂ ଏହାକୁ କିଏ ବନାଇଥିଲା ଏବଂ କାହା ସାଙ୍ଗରେ ଏବଂ କେତେବେଳେ ବସି ଚା ପିଉଥିଲେ ତାହା ଗୁରୁତ୍ୱ ବହନ କରୁଥିଲା। ଜାତୀୟତାବାଦୀ ଚିନ୍ତାଧାରାରେ ଦୀକ୍ଷିତ ତିଳକଙ୍କର କପେ ଚା ପିଇବା ସେତେବେଳର ରକ୍ଷଣଶୀଳ ଚିନ୍ତାଧାରା ଦ୍ୱାରା ହଜମ ନ ହେବା ସ୍ୱାଧୀନତା ସଂଗ୍ରାମର ପରିପନ୍ଥୀ ଥିଲା ବୋଲି ଅନେକଙ୍କର ମତ। ଆମ ସମାଜରେ କପେ ଚା ସମ୍ପର୍କର ସେତୁ ବାନ୍ଧିବାର ସାହାଯ୍ୟ କରିବା ସହିତ ଆତିଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ମନେ କରାଯାଇଥାଏ । ଏହାକୁ ଆଧାର କରି ଗାଁ ଠାରୁ ସହର ପର୍ଯ୍ୟନ୍ତ



ବିଭିନ୍ନ ଆସର ଜମିଥାଏ । ତେବେ ଚା ପିଇବାର ଆସର ଯଦି କୌଣସି କାରଣରୁ ଆକ୍ଷେପ-ପ୍ରତିଆକ୍ଷେପ ମୂଳକ ହୋଇଯାଇ ଅଶାନ୍ତିର କାରଣ ସାଜେ ତାହା କ'ଣ କପେ ଚା ପିଇବାର ଦୋଷ?

ବର୍ତ୍ତମାନର ନିର୍ବାଚନ ରାଜନୀତିରେ ଭୋଟ ଗ୍ରହଣ ସମୟରେ ବୁଥ୍‌ର ଅନତି ଦୂରରେ ଅସ୍ଥାୟୀ ଭାବେ ଚା-ପାନ ଦୋକାନ ଖୋଲାଯାଇଥିବା ଦେଖାଯାଇଥାଏ। ଭୋଟ ଦେବାକୁ ଆସୁଥିବା ଭୋଟର ତଥା ସମ୍ପର୍କୀୟଙ୍କୁ କପେ ଚା କିମ୍ବା ଖଣ୍ଡେ ପାନ ଖୁଆଇ ଦେଇ ବିଭିନ୍ନ ଦଳର ଏଜେଣ୍ଟମାନେ ଆତିଥେୟତା ଦେଖାଇବା ବାହାନାରେ ନିଜ ଦଳ ପ୍ରତି ଆକର୍ଷିତ କରିବା ପାଇଁ ପ୍ରୟାସ କରିଥାଆନ୍ତି । ତେବେ ଏଇଠି ପ୍ରଶ୍ନ ଉଠେ ନିଜ ଗାଁଠାରୁ ଦେଶ ପର୍ଯ୍ୟନ୍ତ ଭାଗ୍ୟ ନିର୍ଦ୍ଧାରଣ କରୁଥିବା ଗୋଟିଏ ଗୋଟିଏ ଭୋଟ୍‌ର ମୂଲ୍ୟ କ'ଣ ଏହି କପେ ଚା ନିର୍ଦ୍ଧାରଣ କରିପାରିବ?

ଏବେ ପୁଣି ଚା କପ୍‌ର ଗୁଣବତ୍ତା ନେଇ ଚିକିତ୍ସାବିଜ୍ଞାନୀମାନେ ଅନେକ ପରାମର୍ଶ ଦେଉଛନ୍ତି। ସେମାନଙ୍କ ମତରେ ପ୍ଲାଷ୍ଟିକ୍ କିମ୍ବା କାଗଜ କପ୍‌କୁ ବର୍ଜନ କରିବା ଦରକାର । ଯାହାକୁ ଆଧାର କରି କିଛି ବର୍ଷ ପୂର୍ବେ ରେଳ ଯାତ୍ରା ସମୟରେ ମାଟିରେ ତିଆରି 'କୁଲ୍ହଡ଼ କପ୍' ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଯାହା ସ୍ୱାସ୍ଥ୍ୟ, ପରିବେଶ ଏବଂ ଅର୍ଥନୀତିର ଦୃଷ୍ଟିକୋଣରୁ ଭଲଥିଲା ବୋଲି ବିଚାର କରାଯାଏ । ତେବେ ଅନେକ କାରଣରୁ ବର୍ତ୍ତମାନ ଆଉ ତାହା ପ୍ରାୟତଃ କାର୍ଯ୍ୟକାରୀ ହେଉନାହିଁ । ଅନ୍ୟପକ୍ଷରେ ଗୋଟେ କପ୍ ଚା'ର ମୂଲ୍ୟ କେଉଁଠି ୫ ଟଙ୍କା ହୋଇଥିବା ବେଳେ ଆଉ କେଉଁଠି ତାହା ୫ ଶହ ଟଙ୍କା ହୋଇଯାଏ । ତା'ହେଲେ କ'ଣ ଚା ନା ସ୍ଥାନକୁ ଆଧାର କରି ତା'ର ଦାମ୍ ବଢ଼ି ଯାଏ? ଜୀବନ ଦର୍ଶନ ଆମକୁ ତ ଏୟା ଶିଖାଏ । ତୁମେ କ'ଣ କରୁଛ କିମ୍ବା କହୁଛ ବଡ଼କଥା ନୁହେଁ ବରଂ (କେଉଁଠି, କେତେବେଳେ ଏବଂ କାହାକୁ) ଅର୍ଥାତ୍ ସ୍ଥାନ, କାଳ, ପାତ୍ରର ହିସାବ କରିବା ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ଅର୍ଥକରୀ ଫସଲ ଭାବେ ପରିଗଣିତ କରାଯାଉଥିବା ଚା ଚାଷ ଅନେକ ବିବର୍ଣ୍ଣ ସ୍ମୃତି ଉପରେ ପର୍ଯ୍ୟବସିତ।

ଊନବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ବେଳକୁ ଆସାମରେ ଇଂରେଜମାନଙ୍କ ଦ୍ୱାରା ଚା ଚାଷ ଆରମ୍ଭ କରାଯାଇଥିଲା । ଚା ଚାଷ ହେଉଥିବା ଅଞ୍ଚଳଗୁଡିକ ଅସ୍ୱାସ୍ଥ୍ୟକର ଥିବା ସହିତ ବିଭିନ୍ନ ପ୍ରକାର ଜ୍ୱରର କେନ୍ଦ୍ରବିନ୍ଦୁ ଥିଲା । ସେଠାରେ କାମ କରିବା ପାଇଁ ଯଥେଷ୍ଟ ଶ୍ରମିକ ମିଳୁ ନ ଥିଲେ, ତେଣୁ ଇଂରେଜମାନେ ଅନ୍ୟ ରାଜ୍ୟରୁ ଶ୍ରମିକମାନଙ୍କୁ ଜୋର୍‌ଜୁଲମ କରି ନେଇ ଆସୁଥିଲେ । ଦିନରେ ଲମ୍ବା ଅବଧି ଧରି ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବା ଯୋଗୁ ଶ୍ରମିକମାନେ ମୃତ୍ୟୁମୁଖରେ ପଡୁଥିଲେ ଏବଂ ଅନେକ ସ୍ଥଳରେ ଉପଯୁକ୍ତ ଚିକିତ୍ସା ଅଭାବରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ମରି ଯାଉଥିଲେ। କାଳେ ମୃତ ଶ୍ରମିକମାନେ କ୍ଷତିପୂରଣ ଦାବି କରିବେ ତେଣୁ ଉକ୍ତ ପରିବାରବର୍ଗଙ୍କ ପାଖରେ ଏହି ଖବର ପହଞ୍ଚା ଯାଉ ନ ଥିଲା । ଫଳତଃ ଚା ଚାଷ ଇଂରେଜମାନଙ୍କ ପାଇଁ ଲାଭଦାୟକ ହୋଇଥିବା ବେଳେ ତାହା ଭାରତୀୟ ଶ୍ରମିକମାନଙ୍କ ଲୁହ ଓ ଲହୁର ଫଳ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଚା'କପ୍‌ର ମୂଲ୍ୟ ଇତିହାସଠାରୁ ବର୍ତ୍ତମାନ, ଗାଁଠାରୁ ସହର, ଘରଠାରୁ ବାହାର ପର୍ଯ୍ୟନ୍ତ ସବୁଠି ଅଲଗା । ଯାହା କେବଳ ଏହାର ମାନ/ଗୁଣବତ୍ତା ଉପରେ ନିର୍ଭରଶୀଳ ନୁହେଁ ବରଂ ଏହାକୁ କେନ୍ଦ୍ରକରି ଗଢ଼ି ଉଠୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନ ତଥା ସମ୍ପର୍କର ପ୍ରଭାବକୁ ମଧ୍ୟ ପ୍ରତିଫଳିତ କରିଥାଏ।

**ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ପୋଷ୍ଟ ନିକଟରେ ଲାଗିବ ତୁଳସୀ

ମହାଶୟ,

ସରକାରଙ୍କ ଘୋଷଣା ଅନୁଯାୟୀ, ଏବେ ସମସ୍ତ ଟ୍ରାଫିକ୍ ପୋଷ୍ଟ ନିକଟସ୍ଥ ଡିଭାଇଡର ଉପରେ ତୁଳସୀ ଗଛ ଲଗାଯିବ। ତୁଳସୀ ଗଛ ଅତ୍ୟନ୍ତ ପବିତ୍ର ଓ ଉପକାରୀ ଥିବା ସହ, ଏହା ଅମ୍ଳଜାନ ଉତ୍ସର୍ଜନରେ ଶ୍ରେଷ୍ଠ ଭୂମିକା ନିର୍ବାହକରେ। ବର୍ତ୍ତମାନ ଯେଉଁପରି ଧୂଆଁ, ଧୂଳି ଓ ପ୍ରଦୂଷଣରେ ଅମ୍ଳଜାନର ମାତ୍ରା କମିବା ଦେଖାଯାଉଛି, ଏପରି ସମୟରେ ତୁଳସୀ ଗଛ ଲାଗିଲେ ଟ୍ରାଫିକ୍ ଡିଭାଇଡର ନିକଟରେ ଅଟକି ଥିବା ଯାତ୍ରୀମାନେ ପର୍ଯ୍ୟାପ୍ତ ଅମ୍ଳଜାନ ପାଇପାରିବେ। ସରକାର ଏହି ପଦକ୍ଷେପକୁ ବର୍ଷପୂର୍ତ୍ତି ଅବସରରେ ବିଶେଷ ରୂପ ଦେଇଛନ୍ତି, ଯେଉଁଠି ଅନେକ ହଜାର ଗଛ ଲଗାଯିବା ଯୋଜନା ଅଛି। ସମସ୍ତ ପୌରସଂସ୍ଥାକୁ ତୁଳସୀ ଗଛ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଅଁଳା, ସଜନା ଓ ବାରମାସୀ ଶାଗ ଗଛ ମଧ୍ୟ ଲଗାଯିବ, ଯାହା ନାଗରିକମାନଙ୍କ ପାଇଁ ପୌଷ୍ଟିକ ଆବଶ୍ୟକତା ପୂରଣ କରିପାରିବ। ଓଡ଼ିଶା ସରକାର ସହରକୁ ସବୁଜ ଓ ସୁନ୍ଦର କରିବା ଲକ୍ଷ୍ୟ ନେଇ ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏହି ତୁଳସୀ ଅଭିଯାନ ତାହାର ଏକ ମୂଳ ଅଂଶ ଭାବେ ବିକଶିତ ହେଉଛି। ଏହା ମାନିବାକୁ ହେବ, ଟ୍ରାଫିକ୍ ପୋଷ୍ଟର ଡିଭାଇଡର ଉପରେ ଗଛ ଲାଗିବା କେବଳ ସଜାସଜି ନୁହେଁ, ଏହା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଏକ ସକାରାତ୍ମକ ପଦକ୍ଷେପ ସାବ୍ୟସ୍ତ ହେବ।

**-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

## ଚିରନ୍ତନୀ

ହାତର ଚିତ୍କାର କେତେ
ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ
ଭଜିଅଛି ମୂକ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# Classified Everyday
0674-2580101, 9692975378



REAL ESTATE
SALE

Stithiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883. D-76270

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452. D- 76464

Gharabadiresidentialplot for sale- ଝାରପଡ଼ା–5000/-, ଲକ୍ଷ୍ମୀସାଗର–5,500/-, ଲିଙ୍ଗିପୁର–4060/-, ନୂଆଗାଁ–3360/-, KEC-2460/-, ଗୁଡ଼ିଆପୋଖରୀ– 1760-1560/-. 7978551614, 9439049194. D-76829

FOR RENT

Boys' Hostel on Rent- 150 Students accommodation in a single building, Near Chandrasekharpur, BPCL Petrol Pump, Adjacent to Nandankanan Main Road, No middleman. Contact- 7008412355, 9861942408. D-832

5-Story building for Rent Approx 10,000sqft. Palasuni, Bhubaneswar, Spacious 1BHK & 2BHK units available. Ideal for Ladies/ Gents Hostel, Tutorial Center or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-825




Newly open SPA positively health benefits (expert therapist). Contact- 7327030529. D-76918

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Niharika, W/o- JC-734814X Nb Sub G Srinivas Rao, R/o. VillPost- Jatani, Dist.- Khorda, Odisha, I have changed my name from Niharika to G Niharika vide affidavit dated 28.05.2025. D-833

By virtue of an affidavit sworn before the Executive Magistrate, Paralakhemundi, Gajapati, Odisha dated on 05.06.2025, bearing Number 357, I, Hemanta Kumar Singh, F/o- Jasobanta Abhisek Singh, P.O.-Marlaba, P.S.-Rayagada, District.-Gajapati declare that my son's Aadhaar Card bearing Number XXXX XXXX 9692 name is wrongly recorded as Joshwant Abhishek Singh instead of Jasobanta Abhisek Singh, but my son's HSC Pass Board Certificate records correctly as Jasobanta Abhisek Singh. That for every purpose my son is known as Jasobanta Abhisek Singh. D-834

By virtue of an affidavit sworn before the Notary Public, Dharmasala, dated 03.06.2025, I, Radharani Malik, Address: At/P.O.- Thanual, P.S.- Dharmasala, Dist.- Jajpur, Odisha-755023 declare that I have changed my daughter's name from Priyadarshini Malik to Priyadarshini Malik. Henceforth, she shall be known as Priyadarshini Malik for all purposes. D-830

By virtue of an affidavit sworn before the Executive Magistrate, Dharmasala, dated 13.05.2025, I, Sanatan Sur, Address: At-Nuagan, P.O.-Jaraka, P.S.-Dharmasala, Dist.- Jajpur, Odisha-755050 declare that I have changed my daughter's name from Sonali Sur to Purnima Sur. Henceforth, she shall be known as Purnima Sur for all purposes. D-831

I, Avishek Pradhan, S/o- Ratnakar Pradhan, resident of Rama Krishna Nivas, Old Bus Stand, P.O.- Gunupur, District- Rayagada, PIN-765022, Odisha declare by this affidavit No. 78AA582025, dtd. 05.06.2025 that now onwards I shall be known as Abhishek Pradhan for all future purposes. D-835

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Badamba, No.- 4018, dated- 23.05.2025, I, Basudeba Rana, S/o- Nilakantha Rana of Vill/P.O.- Sankhameri, P.S.- Badamba, Dist.- Cuttack, Odisha declare that I have changed my son's name from Adyatya Rana to Aditya Rana. Henceforth, he shall be known as ADITYA RANA for all purposes.
Basudeba Rana. D-836

I, Nuzahat Ali, W/o- Mumtaz Ali, resident At- Baniapat, P.O.- Madhapur, P.S.- Town, Dist.- Keonjhar, Odisha, PIN-758001 declare by this affidavit No.-1932, dated- 04.06.2025 that now onwards I shall be known as NUZHAT ALI for all future purposes. D-824

By virtue of an affidavit No.-116/2009 sworn before Notary Public, Bhubaneswar, dated- 04.04.2025, I, Gagan Behari Pal, S/o- Gopabandhu Pal, resident at Flat No.-B/204, 2nd Floor, Supratik Exatica, Gothapatna, P.S.- Chandaka, Bhubaneswar, PIN-751003, Odisha declare that my actual and correct name is Gagan Behari Pal which is reflected in my Passport No.- N2952316 but my name is wrongly mentioned as Gagan Bihary Pal in my Wife's Passport No.- M8529753. So, both Gagan Behari Pal and Gagan Bihary Pal is one and same person. D-823

By virtue of an affidavit vide No.- 131 before the Executive Magistrate, Bhadrak, I, Nirupama Nanda, W/o- Tanmaya Nanda, At- Khoradanga, P.O.-Patharadi (Charampa), P.S./Dist.- Bhadrak, Odisha declare that I have changed my name from Nirupama Padhi to Nirupama Nanda. Henceforth, I shall be known as Nirupama Nanda for all purposes. D-838

By virtue of an affidavit No.- 1980, dated 28.04.2025 sworn before Executive Magistrate, Soro, Balasore, I solemnly declare that my actual name is Ramanarayan Gupta, S/o- Motilal Gupta, Adanga Bazar, Soro, Balasore, PIN-756045 and my Date of Birth is 26.11.1952 as per my H.S.C. Certificate (No.- 85286). This name has been wrongly mentioned on my Aadhaar Card No.- XXXX XXXX 2171 as Satyanarayan Mahawar, S/o- Motilal Mahawar. Henceforth, I shall be known as Ramanarayan Gupta in my Aadhaar and for all other purposes.
Sd./- Ramanarayan Gupta
D-841

## LEGAL NOTICE

IR No - 686, Date- 05.05.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ (ଶ୍ରୀ ପ୍ରଦୀପ କୁମାର ନାୟକ IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର–୧୧୪୪ /୨୦୨୧
ନୋଟିସ୍
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ର ଅଧିନିୟମ (୧–କ) ମୁତାବକ)
ବିପିନ ବିହାରୀ କର
.....ବାଦୀ
ବନାମ
ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ
.....ପ୍ରତିବାଦୀ
ପ୍ରାପ୍ତେଷୁ ନାମ ଓ ଠିକଣା
ପ୍ରତିବାଦୀ ନଂ.–୧– ରତିକାନ୍ତ କାନୁନ୍‌ଗୋ, ପିତା– ଅନିଲ କୁମାର କାନୁନ୍‌ଗୋ, ବାସସ୍ଥାନ–ପ୍ଲଟ୍ ନଂ.–୨୫୧, ଶହୀଦ ନଗର, ପୋ/ଥାନା–ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା (ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶିବାନୀ ଇଷ୍ଟେଟସ୍ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍)
ପ୍ରତିବାଦୀ ନଂ.–୨– ଈଶ୍ୱର ସେନାପତି, ପିତା– ସ୍ୱର୍ଗତ କେଶବ ସେନାପତି, ପୋ–ଘାଟିକିଆ, ଥାନା–ଚନ୍ଦକା, ହାଲ୍ ଥାନା–ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ପ୍ରତିବାଦୀ ନଂ.–୩– ଚନ୍ଦ୍ରମଣି ଦେବୀ, ସ୍ୱା–ରାଜକିଶୋର ମହାପାତ୍ର, ଗ୍ରାମ–ଗଙ୍ଗପଡ଼ା, ପୋ–ଗଙ୍ଗପଡ଼ା, ଥାନା–ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ପ୍ରତିବାଦୀ ନଂ.–୪– କେଲୁଚରଣ ମହାପାତ୍ର, ପିତା– ସ୍ୱର୍ଗତ ଲୋକନାଥ ମହାପାତ୍ର, ଗ୍ରାମ–ଗ୍ରାମଡ଼ିହି, ପୋ–ଗଙ୍ଗପଡ଼ା, ଥାନା–ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ଏହାଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତେ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ଡିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ଡିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଡିଭିଜନ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଇଜିଲାସରେ ଆସନ୍ତା ତା୧୦।୦୬।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଜଟଣୀ, ଥାନା– ଇନଫୋଭ୍ୟାଲି, ମୌଜା– ନୀଳକଣ୍ଠପୁର
ସାବକ
ଖାତା ନଂ.–୩୩, ପ୍ଲଟ୍ ନଂ.–୨୫୭, କିସମ– ସାରଦ–୨, ରକବା– ଏକର–୦.୦୩୪.୪୩, ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ହାଲ୍
ଖାତା ନଂ.–୩୧, ପ୍ଲଟ୍ ନଂ.–୨୫୩, କିସମ– ସାରଦ ଅଣଜଳସେଚିତ–୧, ରକବା– ଏକର–୦.୦୩୪.୪୩, ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।
ତା–
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୮୨୭

IR No - 682, Date- 05.05.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର–୨ (ଶ୍ରୀ ପ୍ରଦୀପ କୁମାର ନାୟକ IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା
ଓଡିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର–୧୧୪୫/୨୦୨୧
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ୨୦ ମୁତାବକ)
ବସନ୍ତ କୁମାର ଡାକୁଆ
.....ବାଦୀ
ବନାମ
ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ
....ପ୍ରତିବାଦୀ
ପ୍ରାପ୍ତେଷୁ ନାମ ଓ ଠିକଣା
ପ୍ରତିବାଦୀ ନଂ.–୧– ରତିକାନ୍ତ କାନୁନ୍‌ଗୋ, ପିତା– ଅନିଲ କୁମାର କାନୁନ୍‌ଗୋ, ବାସସ୍ଥାନ–ପ୍ଲଟ୍ ନଂ.–୨୫୧, ଶହୀଦ ନଗର, ପୋ/ଥାନା–ଶହୀଦ ନଗର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା (ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶିବାନୀ ଇଷ୍ଟେଟସ ଆଣ୍ଡ୍ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍)
ପ୍ରତିବାଦୀ ନଂ.–୨– ଈଶ୍ୱର ସେନାପତି, ପିତା– ସ୍ୱର୍ଗତ କେଶବ ସେନାପତି, ଗ୍ରାମ– ସାମ୍ପୁର, ପୋ–ଘାଟିକିଆ, ଥାନା–ଚନ୍ଦକା, ହାଲ୍ ଥାନା–ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ପ୍ରତିବାଦୀ ନଂ–୩– ଚନ୍ଦ୍ରମଣି ଦେବୀ, ସ୍ୱା–ରାଜକିଶୋର ମହାପାତ୍ର, ଗ୍ରାମ–ଗଙ୍ଗପଡ଼ା, ପୋ–ଗଙ୍ଗପଡ଼ା, ଥାନା– ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ପ୍ରତିବାଦୀ ନଂ.–୪– କେଲୁଚରଣ ମହାପାତ୍ର, ପିତା– ସ୍ୱର୍ଗତ ଲୋକନାଥ ମହାପାତ୍ର, ଗ୍ରାମ–ଗ୍ରାମଡ଼ିହି, ପୋ–ଗଙ୍ଗପଡ଼ା, ଥାନା– ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା
ଏହାଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତେ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ଡିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା । କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଡିଭିଜନ୍ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଇଜିଲାସରେ ଆସନ୍ତା ତା୧୦।୦୬।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ୍– ଜଟଣୀ, ଥାନା– ଇନଫୋଭ୍ୟାଲି, ମୌଜା– ନୀଳକଣ୍ଠପୁର
ସାବକ
ଖାତା ନଂ.– ୩୩, ପ୍ଲଟ୍ ନଂ.–୨୫୭, କିସମ– ସାରଦ–୨, ରକବା– ଏକର–୦.୦୩୪.୪୩ ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ହାଲ୍
ଖାତା ନଂ.–୩୧, ପ୍ଲଟ୍ ନଂ.–୨୫୩, କିସମ– ସାରଦ ଅଣଜଳସେଚିତ–୧, ରକବା– ଏକର–୦.୦୩୪.୪୩ଡିସିମିଲ୍ ଏକର– ୦.୫୭୦ ଡିସିମିଲ୍ ସମନ୍ଧରୁ, ସ୍ୱତ୍ୱ– ସ୍ଥିତିବାନ୍
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା–
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର
ଧ–୮୨୮


# ଉତ୍ସବଠାରୁ ଜୀବନ ଗୁରୁତ୍ୱପୂର୍ଣ୍ଣ


କପିଳ ଦେବ

## ବେଙ୍ଗାଲୁରୁ ଦଳାଚକଟା

ବେଙ୍ଗାଲୁରୁ,୫।୬

ଆଇପିଏଲ୍‌ର ନୂଆ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଲାଗି ଆୟୋଜନ କରାଯାଇଥିବା ଭିକ୍ଟ୍ରି ପରେଡରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ କପିଳ ଦେବ, ସଚିନ ତେନ୍ଦୁଲକରଙ୍କ ଭଳି ଅନେକ ପୂର୍ବତନ କ୍ରିକେଟର ସେମାନଙ୍କ ମତାମତ ଦେଇଛନ୍ତି।

● ମୋତେ ବହୁତ ଖରାପ ଲାଗୁଛି। ମୋ ମତରେ ଆମକୁ ପରସ୍ପରଠାରୁ ଶିଖିବାକୁ ପଡ଼ିବ। ପରବର୍ତ୍ତୀ ଥର ଭିକ୍ଟ୍ରି ପରେଡ ଭଳି କିଛି ଆୟୋଜନ ହେଲା ବେଳେ ଲୋକଙ୍କୁ ଅଧିକ ସଚେତନ ରହିବା ଦରକାର। ଲୋକେ ଭୁଲ କରନ୍ତି। କିନ୍ତୁ ଭୁଲ ଏଭଳି ସ୍ତରର ହେବା ଉଚିତ ନୁହେଁ ଯେ, ମଜା ଚାଲିଥିବ ଏବଂ ଜୀବନ ଯାଉଥିବ। ଭବିଷ୍ୟତରେ ଯଦି କୌଣସି ଦଳ ଜିତେ, ତେବେ ବିଜୟ ଉତ୍ସବକୁ ସୀମିତ ରଖିବା ଦରକାର। କାରଣ ଉତ୍ସବ କରିବାଠାରୁ ଜୀବନ ଖୁବ ଅଧିକ ଗୁରୁତ୍ୱପୂର୍ଣ୍ଣ।
**–କପିଳ ଦେବ, ମହାନ ଭାରତୀୟ ଅଲରାଉଣ୍ଡର**

● ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଯାହା ଘଟିଗଲା, ତାହା ଦୁଃଖଦ ଥିଲା। ଏଥିରେ ପ୍ରଭାବିତ ହୋଇଥିବା ପ୍ରତ୍ୟେକ ପରିବାର ପ୍ରତି ମୋର ସମବେଦନା ରହିଛି।
**–ସଚିନ ତେନ୍ଦୁଲକର, ଆଇକନ୍ କ୍ରିକେଟର**

● ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘଟିଥିବା ଦୁଃଖଦ ଘଟଣାରେ ପ୍ରଭାବିତ ପରିବାରଙ୍କ ପ୍ରତି ସମବେଦନା ରହିଛି।
**–ଏବି ଡି' ଭିଲିୟର୍ସ, ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଧିନାୟକ**

● ଏହା କ୍ରିକେଟ୍ ଲାଗି ଏକ ଦୁଃଖଦ ଦିନ। ଆର୍‌ସିବିର ବିଜୟ ଉତ୍ସବରେ ପ୍ରାଣ ହରାଇଥିବା ପରିବାରଙ୍କ ପ୍ରତି ମୁଁ ଗଭୀର ଶୋକ ପ୍ରକାଶ କରୁଛି। ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।
**–ଅନୀଲ କୁମ୍ବଲେ, ଭାରତ ତଥା ଆର୍‌ସିବିର ପୂର୍ବତନ ଅଧିନାୟକ**

● ଲୋକେ କିମ୍ବା ବିରାଟ କୋହଲି ଏହି ଘଟଣାକୁ କଦାପି ଭୁଲିବେ ନାହିଁ। ଲୋକେ ବାହାରେ ମରୁଥିବା ବେଳେ ଷ୍ଟାଡିୟମ ଭିତରେ ଉତ୍ସବ ଚାଲୁଥିଲା। ଏହା ସତରେ ଚକିତ କଲା ଭଳି ଏବଂ ହୃଦୟ ବିଦାରକ। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ପରିବାର ଆର୍‌ସିବି ଓ ରାଜ୍ୟ ସରକାରଙ୍କୁ କୋର୍ଟକୁ ଟାଣିବା ସମ୍ପର୍କରେ ଚିନ୍ତା କରିବା ଉଚିତ।
**–ମଦନ ଲାଲ, ପୂର୍ବତନ କ୍ରିକେଟର**

● ବେଙ୍ଗାଲୁରୁରେ ଘଟିଥିବା ଘଟଣା ହୃଦୟ ବିଦାରକ। ମୃତକଙ୍କ ପରିବାରବର୍ଗ ଓ ବନ୍ଧୁଙ୍କ ପ୍ରତି ମୋର ସମବେଦନା ରହିଛି। ଦୟା କରି ସମସ୍ତେ ସୁରକ୍ଷିତ ରୁହନ୍ତୁ।
**–ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର**

● ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉ ନ ଥିବା ନେଇ କୌଣସି ସୂଚନା ଆମ ପାଖରେ ନ ଥିଲା। ଯଦି ଭବିଷ୍ୟତରେ ଏଭଳି ଯୋଜନା ଆୟୋଜନ କରାଯାଏ, ତେବେ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ। ଷ୍ଟାଡିୟମ ବାହାରେ କ'ଣ ଘଟୁଛି, ତାହା ଭିତରେ ବସିଥିବା ଲୋକଙ୍କୁ ଜଣା ନ ଥିଲା।
**–ଅରୁଣ ଧୂମଲ, ଆଇପିଏଲ୍ ଚେୟାରମ୍ୟାନ**

# ସାତ୍ତ୍ୱିକ–ଚିରାଗ କ୍ୱାର୍ଟରରେ, ସିନ୍ଧୁ ପରାସ୍ତ

ଜାକର୍ତ୍ତା, ୫।୬ (ପି.ଟି.)

ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସରେ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ୨୦୨୩ ଚାମ୍ପିୟନ ସାତ୍ତ୍ୱିକ ଓ ଚିରାଗ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ୧୬ ନମ୍ବର ଡାନିଶ ଯୋଡ଼ି ରାସମସ କେଜାଏର ଓ ଫ୍ରେଡ୍ରିକ୍ ସୋଗାର୍ଡଙ୍କୁ ୧୬–୨୧, ୨୧–୧୮, ୨୨–୧୦ରେ ହରାଇ ଦେଇଛନ୍ତି। ଏହି ଦ୍ୱିତୀୟ ରାଉଣ୍ଡ ମୁକାବିଲା ୬୮ ମିନିଟ ଧରି ଚାଲିଥିଲା। ସାତ୍ତ୍ୱିକ ଓ ଚିରାଗ ଗତ ସପ୍ତାହରେ ସିଙ୍ଗାପୁର ଓପନ ସୁପର ୭୫୦ରେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଠାରେ ସେମାନେ ଏକମାତ୍ର ଭାରତୀୟ ଭାବେ ତିଷ୍ଠି ରହିଛନ୍ତି। ପୂର୍ବତନ ନମ୍ବର ୱାନ ଯୋଡ଼ି ବର୍ତ୍ତମାନ ୭ମ ସିଡ୍ ତଥା ମାଲେସିଆର ମାନ୍ ୱି ଚୋଙ୍ଗ୍ ଓ କାଇ ଉନ୍ ଟିଙ୍କୁ ଭେଟିବେ। ପୂର୍ବରୁ ସିନ୍ଧୁ ୨୨–୨୦, ୧୦–୨୧, ୧୬–୨୧ରେ ବିଶ୍ୱର ୮ ନମ୍ବର ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗ୍‌ଙ୍କଠାରୁ ପରାଜିତ ହୋଇଯାଇଥିଲେ। ଗୁରୁବାର ଖେଳିଥିବା ଅନ୍ୟ ଭାରତୀୟମାନଙ୍କ ମଧ୍ୟରେ ସତୀଶ କରୁଣାକରନ ଓ ଆଦ୍ୟା ଭାରିୟାଥ ଏବଂ ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜୋଲି ମହିଳା ଡବଲ୍ସ ଯୋଡ଼ି ସେମାନଙ୍କ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।


ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କାଳୀ କୁମାର ରଥ
(ଅବସରପ୍ରାପ୍ତ ଆଇଏଏସ୍ ଅଫିସର)
ଆବିର୍ଭାବ: ୨୮.୧୨.୧୯୩୫
ତିରୋଧାନ: ୨୮.୦୬.୨୦୨୫
ଏନ୍ ୨/୫୧, ଆଇ.ଆର.ସି. ଭିଲେଜ୍, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ–୭୬୮୩୦


## ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଓପନ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ୧୫ ଦେଶର ୨,୫୦୦ ଖେଳାଳି ଭାଗ ନେବେ

**ନୂଆଦିଲ୍ଲୀ, ୫।୬(ପି.ଟି.):** ୨୧ତମ ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜୁନ୍ ୭ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୫ଟି ଦେଶରୁ ୨,୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବେ। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୧.୨୧ କୋଟି ଟଙ୍କା ରଖାଯାଇଛି। ଦିଲ୍ଲୀ ଚେସ୍ ଆସୋସିଏଶନ (ଡିସିଏ) ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୩ ରେଟିଂ ଭିତ୍ତିକ ବିଭାଗରେ ୨୦ ଗ୍ରାଣ୍ଡମାଷ୍ଟର ଖେଳାଳି ଭାଗ ନେବେ। ଏଥର ପୁରସ୍କାର ରାଶିରେ ବୃଦ୍ଧି କରାଯାଇଛି। କାଟେଗୋରି 'ଏ' (ଓପନ ରେଟେଡ୍ ଖେଳାଳି) ପାଇଁ ୫୧ ଲକ୍ଷ ଟଙ୍କା ଏବଂ କାଟେଗୋରି 'ବି' ଓ 'ସି' (ଯଥାକ୍ରମେ ୧୯୦୦ରୁ କମ୍ ଓ ୧୭୦୦ରୁ କମ୍) ପାଇଁ ୩୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଫିଡେ ସୁଇସ୍ ସିଷ୍ଟମ ଅନୁସାରେ ପ୍ରତ୍ୟେକ ବିଭାଗ ୧୦ ରାଉଣ୍ଡ ବିଶିଷ୍ଟ ହେବ।

# ଜେଜେ ମା'ଙ୍କୁ ହତ୍ୟାକଲା ନାତି



ଡାକ୍ତରଖାନାରେ ପୋଲିସ ତଦନ୍ତ କରୁଛି।

## ପାରିବାରିକ କଳହର କରୁଣ ପରିଣତି

କବିସୂର୍ଯ୍ୟନଗର/ଖଲ୍ଲିକୋଟ,୫ା୬ (କୃପାସିନ୍ଧୁ ସ୍ୱାଇଁ/ପ୍ରଶାନ୍ତ କୁମାର ମିଶ୍ର))

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ କୋଦଳା ଥାନା ଅନ୍ତର୍ଗତ ନାୟିକାଣିପଲ୍ଲୀ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ବୁଧବାର ବିଳମ୍ବିତ ରାତିରେ ନାତି ଚିତ୍ରସେନ ସ୍ୱାଇଁ ଜେଜେ ମା'ଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଅନି ସ୍ୱାଇଁ (୭୨)। ପାରିବାରିକ କଳହକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଛି। ଖବର ପାଇ କୋଦଳା ପୋଲିସ ଏହାର ଅଧିକ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ଅନିଙ୍କୁ ନେଇ ବିଭିନ୍ନ ସମୟରେ ପରିବାରରେ କଳହ ଲାଗି ରହିଥିଲା। ଏଥିରେ ଅତିଷ୍ଠ ହୋଇ ଚିତ୍ରସେନ ବୁଧବାର ବିଳମ୍ବିତ ରାତିରେ ଅନିଙ୍କୁ ଘରୁ ବାହାରକୁ ଘୋଷାଡ଼ି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଏହି ସମୟରେ ତାଙ୍କ ବଡ଼ବାପା ତଥା ଅନିଙ୍କ ବଡପୁଅ ଓ ବଡ଼ ମା' ଛଡ଼ାଇବାକୁ ଯାଇଥିବା ବେଳେ ସେମାନେ ମଧ୍ୟ ଚିତ୍ରସେନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବଡ଼ବାପା ଓ ମା'ଙ୍କୁ ମଧ୍ୟ ସେ ମାଡ଼ମାରି ଲହୁ ଲୁହାଣ କରି ଦେଇଥିଲେ। ପରେ ପରିବାର ଲୋକେ ଅନିଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଚିତ୍ରସେନଙ୍କ ବାପା ଦିବାନ ସ୍ୱାଇଁ ଏନେଇ କୋଦଳା ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୩୪୫/୨୫ରେ ଏକ ମାମଲା ରୁଜୁ କରି ଚିତ୍ରସେନଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି। ବଡ଼ବାପା ଓ ବଡ଼ମା' ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ସ୍ୱାମୀଙ୍କ ଦଶାହ ଦିନ ସାପକାମୁଡ଼ାରେ ସ୍ତ୍ରୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୫ା୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ କାଦପାଣି ଗ୍ରାମରେ ଗୁରୁବାର ଏକ ଦୁଃଖଦାୟକ ଅଘଟଣା ଘଟିଯାଇଛି। ସ୍ୱାମୀଙ୍କ ମୃତ୍ୟୁର ଦୁଃଖ ମନରୁ ପାସୋରି ନ ଥିବା ବେଳେ ଦଶାହ ଦିନ ସାପକାମୁଡ଼ାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦେବାଶିଷ ମୁଣ୍ଡାଙ୍କ ସ୍ତ୍ରୀ ରାଣୀ ମୁଣ୍ଡା(୨୭)। ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କର ୨ ଛୋଟ ପିଲା ଅସହାୟ ହୋଇପଡ଼ିଛନ୍ତି। ପ୍ରକାଶ ଯେ, କାଦପାଣି ଗ୍ରାମର ଅନୀଲ ମୁଣ୍ଡାଙ୍କ ପୁଅ ଦେବାଶିଷଙ୍କ ୧୦ ଦିନ ପୂର୍ବେ ହୃଦ୍‌ଘାତ କାରଣରୁ ମୃତ୍ୟୁ ଘଟିଥିଲା। ଗୁରୁବାର ତାଙ୍କର ଦଶା କାର୍ଯ୍ୟ ଥିଲା। ମାତ୍ର ବୁଧବାର ରାତିରେ ଦେବାଶିଷଙ୍କ ସ୍ତ୍ରୀ ରାଣୀ ଘର ଅଗଣାରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଦେଇଥିଲା। ତାଙ୍କୁ ପରିବାର ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁରୁବାର ସକାଳେ ବିଶୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତକରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜମିଜମା ବିବାଦକୁ ନେଇ ଶାଳୀଙ୍କୁ ହତ୍ୟା

ଜଗନ୍ନାଥପ୍ରସାଦ, ୫ା୬(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଧୀନ ଚଢିଆପଲ୍ଲୀ ଗ୍ରାମ ବଉଳସାହିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜମିଜମା ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ତାଙ୍କ ଶାଳୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ସାନଝିଅ ବିଜୟଲକ୍ଷ୍ମୀ ତ୍ରିପାଠୀ (୪୦)। ସେ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚଢିଆପଲ୍ଲୀ ଗ୍ରାମର ଆଶାକର୍ମୀ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାରେ ବ୍ୟବହୃତ କଟୁରି ଜବତ କରିଛି। ଏନେଇ ଝିଅରି ଶାନ୍ତିଲତା ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା( ନଂ. ୨୬୪/୨୫) ରୁଜୁ କରିଛି। ଅଭିଯୁକ୍ତ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀ(୫୦) ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରୁଛି।

ମିଳିଥିବା ସୂଚନାନୁସାରେ, ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ୪ଝିଅ। ସେମାନେ ହେଲେ ସ୍ୱର୍ଗତ କୁନି ପଣ୍ଡା, ଝୁନି ମହାପାତ୍ର, ବିନୋଦିନୀ ତ୍ରିପାଠୀ ଓ ସାନଝିଅ ହେଉଛନ୍ତି ବିଜୟଲକ୍ଷ୍ମୀ। ବାପାଙ୍କ ମୃତ୍ୟୁ ପରେ ଜମିଜମା ଓ ପେନ୍‌ସନ ଟଙ୍କାକୁ ନେଇ ବିନୋଦିନୀଙ୍କ ସ୍ୱାମୀ ରାମଚନ୍ଦ୍ର(ଭିଣୋଇ) ଓ ବିଜୟଲକ୍ଷ୍ମୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ବାପା ତିଆରି କରିଥିବା ଘରେ ବିନୋଦିନୀ ଓ ବିଜୟଲକ୍ଷ୍ମୀ ରହି ଆସୁଥିଲେ। ବିଜୟଲକ୍ଷ୍ମୀଙ୍କୁ ମିଳିଥିବା ଜମି, ଘର ସମେତ ନିଜେ କିଣିଥିବା ଏକ ଖଳାବାରିରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ରାମଚନ୍ଦ୍ର ଚାହୁଁଥିଲେ। ଏଥିପାଇଁ ସେ ବିଭିନ୍ନ ସମୟରେ ବିଜୟଲକ୍ଷ୍ମୀଙ୍କୁ ଧମକ୍‌ଚମକ ଦେଉଥିଲେ। ଜୋରଜବରଦସ୍ତ ଉକ୍ତ ଜାଗାରେ ରାମଚନ୍ଦ୍ର ନିଜର ଏକ ଟାଟା ମ୍ୟାଜିକ ଗାଡ଼ି ଓ ଅଟୋ ରଖି ଆସୁଥିଲେ। ଏଥିପାଇଁ ସେମାନଙ୍କ ମଧ୍ୟରେ ଅନେକ ଥର ମାରପିଟ ଓ ଗଣ୍ଡଗୋଳ ହୋଇଥିଲା। ୭।୧।୨୦୨୩ରେ ରାମଚନ୍ଦ୍ର ବିଜୟଲକ୍ଷ୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ଗୋଡ଼ ଭାଙ୍ଗି ଦେବା ସହ ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ରାମଚନ୍ଦ୍ର ଜେଲ ଯାଇଥିଲେ। ସେଠାରୁ ଫେରିବା ପରେ ସେ ପୁଣି ବିଜୟଲକ୍ଷ୍ମୀଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ପ୍ରଶାସନ କିଛି ନ ବୁଝିବାରୁ ସେ ଅସହାୟ ହୋଇ ପୁଣି ଜଗନ୍ନାଥ ପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିବ କହି ତାଙ୍କୁ ଘରକୁ ପଠାଇ ଦେଇଥିଲା। ବୁଧବାର ବିଜୟଲକ୍ଷ୍ମୀ ଘର ତିଆରି ପାଇଁ ପଥର ପକାଇଥିଲେ। ଗୁରୁବାର ସକାଳ ୭ଟା ୩୦ରେ ବିଜୟଲକ୍ଷ୍ମୀଙ୍କ ରକ୍ତାକ୍ତ ମୃତଦେହ ଜାଗା ନିକଟରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ କିମ୍ବା ଘରେ ରାମଚନ୍ଦ୍ର ନ ଥିବାରୁ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। କିଛି ସମୟ ପରେ ରାମଚନ୍ଦ୍ର ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗରମ ପାଣି ଢାଳି ଯୁବକଙ୍କୁ ହତ୍ୟା

ଭଦ୍ରକ,୫ା୬(ସନାତନ ରାଉତ)

କାମ କରିବାକୁ ଘରକୁ ଡାକିଲେ। ପରେ ମାଡ଼ ମାରିବା ସହ ଗରମ ପାଣି ଢାଳି ଯୁବକଙ୍କୁ ମାରିଦେଲେ। ଗୁରୁବାର ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ମୃତକ ହେଲେ ବନ୍ଧଗାଁର ଭାଗୀରଥି ମଲିକଙ୍କ ପୁଅ ଗଗନ(୨୯)। ଏନେଇ ମୃତ ଗଗନଙ୍କ ସାନଭାଇ ରାଜକିଶୋର ଗୁରୁବାର ପୂର୍ବାହ୍ନରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି।

ରାଜକିଶୋରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ଗଗନଙ୍କୁ ଗାଁର ଜଣେ ବ୍ୟକ୍ତି ବୁଧବାର ସକାଳ ୮ଟା ବେଳେ ଦିନମଜୁରିଆ ଭାବେ କାମ କରିବାକୁ ଘରକୁ ଡାକିଥିଲେ। ପରେ କୌଣସି ଘଟଣାକୁ ନେଇ ଘର ମାଲିକ ଓ ଗଗନଙ୍କ ମଧ୍ୟରେ ଯୁକ୍ତିତର୍କ ସହ ମାରପିଟ୍ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଘର ମାଲିକ ନିକଟରେ ଥିବା ଏକ ଚିକେନ ଦୋକାନରେ ଫୁଟୁଥିବା ଗରମ ପାଣି ଆଣି ଗଗନଙ୍କ ଉପରେ ଢାଳି ଦେଇଥିଲେ। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୫) ରୁଜୁ କରାଯାଇଛି। ଅପରପକ୍ଷେ ଗଗନ ଅସୁସ୍ଥ ହୋଇ ପଡ଼ି ରହିବାରୁ ଘର ମାଲିକଙ୍କ ପକ୍ଷରୁ ତାଙ୍କ ଘରକୁ ବାରମ୍ବାର ଖବର ଦେବା ପରେ ମଧ୍ୟ ପରିବାର ଲୋକେ ବହୁ ବିଳମ୍ବରେ ପହଞ୍ଚିଥିଲେ। ସେତେବେଳକୁ ଗଗନଙ୍କ ମୃତ୍ୟୁ ଘଟିସାରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# କର୍ମଚାରୀଙ୍କଠାରୁ ଲାଞ୍ଚ ନେଇ ସେକ୍ସନ ଅଫିସର ଗିରଫ

ଭୁବନେଶ୍ୱର,୫ା୬(ସତ୍ୟଜିତ୍ ରାଉତ)

ନିଜ କର୍ମଚାରୀଙ୍କଠାରୁ ଲାଞ୍ଚ ନେବାବେଳେ ପୁରୀ ଉପଖଣ୍ଡ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ (ଏସ୍‌ଡିଭିଓ)ର ସେକ୍ସନ୍ ଅଫିସର ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ମନୋଜ ମହାନ୍ତି। ତାଙ୍କ ଠାରୁ ମୋଟ ୯ ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ମନୋଜଙ୍କୁ ଗିରଫ କରାଯାଇଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀମାନଙ୍କ ପାଇଁ ବୈଦ୍ୟୁତିକ ଯାନ (ଇଭି) କିଣିବାରେ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ପୁରୀ ଏସ୍‌ଡିଭିଓ ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ରେଞ୍ଜର ୬ଜଣ ଲାଇଭଷ୍ଟକ୍ ଇନ୍ସପେକ୍ଟର(ପ୍ରାଣୀଧନ ନିରୀକ୍ଷକ)ଙ୍କୁ ଦୁଇଚକିଆ ଇଭି କିଣିବାକୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ରାଶି ମଞ୍ଜୁର ହୋଇଥିଲା। ହେଲେ ଏହି ମଞ୍ଜୁର ରାଶି ପ୍ରଦାନ ପାଇଁ ମନୋଜ ଜଣକ ପିଛା ୧୫୦୦ ଲେଖାଏ ମୋଟ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ପାଇଲେ କାମ ଆଗକୁ ଯିବ ନାହିଁ ବୋଲି ସେ ରୋକଠୋକ୍ କହିଥିଲେ। ଏହାପରେ ଅନ୍ୟ କୌଣସି ଉପାୟ ନ ପାଇ ନିମାପଡ଼ା ବ୍ଲକ ରେଞ୍ଜର ଲାଇଭଷ୍ଟକ୍ ଇନ୍ସପେକ୍ଟର ମଙ୍ଗଳବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ମନୋଜଙ୍କୁ ଗିରଫ ପରେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛି।

DSPL-97

୨୦୨୫ ଆନ୍ତର୍ଜାତିକ ସମବାୟ ବର୍ଷ
ଉତ୍ତମ ବିଶ୍ୱ ଗଠନରେ ସମବାୟ

ଓଡ଼ିଶା ସରକାର

ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫
ସ୍ୱତନ୍ତ୍ର ସମବାୟ ସମାରୋହ
ସଶକ୍ତ ସମବାୟ-ସମୃଦ୍ଧ ଓଡ଼ିଶା



ଗରିମାମୟ ଉପସ୍ଥିତି
ଡ. ହରି ବାବୁ କମ୍ଭମ୍‌ପାଟି
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

କାର୍ଯ୍ୟକ୍ରମ :

- ଜାତୀୟସ୍ତରର ତିନିଗୋଟି ଶୀର୍ଷ ସମବାୟ ଅନୁଷ୍ଠାନ ସହ ମାର୍କଫେଡ୍, ଓଡ଼ିଶାର ବୁଝାମଣାପତ୍ର ସ୍ୱାକ୍ଷର।
- ତିନିଗୋଟି ପ୍ୟାକସ୍‌କୁ ଉତ୍କର୍ଷତା ପାଇଁ ପୁରସ୍କାର।
- ତିନିଗୋଟି ଜାତୀୟ ସମବାୟ ସଂସ୍ଥାର ସଭ୍ୟ ପ୍ରମାଣପତ୍ର ବଣ୍ଟନ।
- ବିଭିନ୍ନ ବିଭାଗ ଅନ୍ତର୍ଗତ ଉତ୍ତମ ସମବାୟ ଅନୁଷ୍ଠାନ ଗୁଡ଼ିକୁ ପୁରସ୍କାର।
- ଜାତୀୟ ସମବାୟ ସଂସ୍ଥାର ସଭ୍ୟପଦ ନିମନ୍ତେ ଆବେଦନ।
- ଜାତୀୟ ସମବାୟ ସଂସ୍ଥା ସହିତ ସଭ୍ୟ/ସଭ୍ୟାଙ୍କ ମତ ବିନିମୟ କାର୍ଯ୍ୟକ୍ରମ।
- ବିଭିନ୍ନ ସମବାୟ ସଂସ୍ଥା ଦ୍ୱାରା ଉତ୍ପାଦିତ ବିଶେଷ ଦ୍ରବ୍ୟର ପ୍ରଦର୍ଶନୀ।

ସ୍ଥାନ - ନୂଆ ଅଭିଷେକ ହଲ୍
ରାଜଭବନ, ଭୁବନେଶ୍ୱର

- ସଦୟ ଉପସ୍ଥିତି -
ଶ୍ରୀଯୁକ୍ତ ପ୍ରଦିପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ, ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ, ଓଡ଼ିଶା

ତାରିଖ -୦୬-୦୬-୨୦୨୫
ସମୟ -ଦିବା ୧୧ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0024/2526

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, June 6/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 191 ମୂଲ୍ୟ₹୭/-




# ଅଧିକାରୀଙ୍କୁ ‘ୟୁସି’ ଡର

## ■ ୩୩ ବିଭାଗ ଉପରେ ଗଡ଼ୁଛି ୪୩ହଜାରରୁ ଉର୍ଦ୍ଧ୍ୱ କୋଟି

ଭୁବନେଶ୍ୱର,୫।୬ (ରବିନାରାୟଣ ଜେନା)

ରାଜ୍ୟରେ ଆର୍ଥିକ ଶୃଙ୍ଖଳା କିଭଳି ନିୟନ୍ତ୍ରଣରେ ରହିବ ଓ ବିଭାଗଗୁଡ଼ିକ ସରକାରୀ ଯୋଜନା ଅନୁଯାୟୀ ଅର୍ଥ ଖର୍ଚ୍ଚ କରିବେ, ତାହାକୁ ନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ବୈଠକ ବସୁଛି। ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ ତଥା ଅର୍ଥନୈତିକ ପରାମର୍ଶଦାତାମାନେ ଠିକ୍ ଭାବେ ସରକାରୀ ନିୟମାବଳୀ ଅନୁପାଳନ କରୁ ନ ଥିବାରୁ ଅସଙ୍ଗତି ଦେଖାଦେଉଛି। ଅଭିଯୋଗ ହୋଇଥାଏ ବହୁ ସମୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ଥିବା ଅର୍ଥକୁ ଭିନ୍ନ ଦିଗରେ ଖର୍ଚ୍ଚ କରି ଦିଆଯାଉଥିବାରୁ ଠିକଣା ସମୟ ବେଳକୁ ସେମାନେ ବିନିଯୋଗ ପ୍ରମାଣପତ୍ର (ୟୁଟିଲାଇଜେଶନ ସାର୍ଟିଫିକେଟ ବା ୟୁସି) ଦେଇପାରୁ ନାହାନ୍ତି। ସ୍ଥିତି ଏଭଳି ହୋଇଛି ଯେ, ସରକାରଙ୍କ ବଜେଟର ପ୍ରାୟ ଏକଚତୁର୍ଥାଂଶ ଅର୍ଥର ବିନିଯୋଗ ପ୍ରମାଣପତ୍ର ଏବେ ବିଭିନ୍ନ ବିଭାଗ ଉପରେ ଗଡୁଛି। ଏହାକୁ ନେଇ ପ୍ରମୁଖ ମହାଲେଖାକାର (ପିଏଜି) ବାରମ୍ବାର ଅର୍ଥ ବିଭାଗକୁ ପତ୍ର ଲେଖୁଥିବାବେଳେ ଅର୍ଥ ବିଭାଗ ନାଚାର ଭଳି ପ୍ରତୀୟମାନ ହେଉଛି ।

ଏଭଳି ପ୍ରଚ୍ଛଦପଟରେ ସରକାରଙ୍କ ପକ୍ଷରୁ ଶୁକ୍ରବାର ‘ଏଣ୍ଟ୍ରି କନ୍‌ଫରେନ୍ସ’ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷ–୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପିଏଜିଙ୍କ ସହିତ ସଂପୃକ୍ତ ବିଭାଗର ଅର୍ଥନୈତିକ ପରାମର୍ଶଦାତା ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପିଏଜିଙ୍କ ପକ୍ଷରୁ ପ୍ରଦତ୍ତ ବିନିଯୋଗ ପ୍ରମାଣପତ୍ର ବିବରଣୀ ଉପସ୍ଥାପନ କରାଯିବା ସହିତ ଗତ ୨୦୨୪–୨୫ ଆର୍ଥିକବର୍ଷର ପୂର୍ଣ୍ଣାଙ୍ଗ ଖର୍ଚ୍ଚ ଉପରେ ସମୀକ୍ଷା କରାଯିବ। ଏସବୁ ଜାଣିବା ପରେ କେତେକ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କ ନିଦ ହଜିଯାଇଛି। ୧୦ଟି ବିଭାଗ ଉପରେ ପ୍ରାୟ ୩୮ହଜାର କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଗଡୁଥିବାବେଳେ ଅବଶିଷ୍ଟ ବିଭାଗ ଉପରେ ୫ହଜାର କୋଟି ଟଙ୍କାର ୟୁସି ବାକି ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଉପରେ ସର୍ବାଧିକ ୧୦,୨୯୪.୮୦କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ବାକି ରହିଥିବାବେଳେ ନଗର ଉନ୍ନୟନ ବିଭାଗ ଉପରେ ୯,୩୮୧.୧୪କୋଟି ଟଙ୍କାର ୟୁସି ବକେୟା ପଡ଼ିଛି। ସେହିପରି ଯୋଜନା ଓ ସଂଯୋଜନା ବିଭାଗ ଉପରେ ୩,୩୦୦କୋଟି, ସ୍ୱାସ୍ଥ୍ୟ ବିଭାଗ ଉପରେ ୩,୨୩୨.୯୮କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ୩,୦୦୩ କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ୨,୩୦୯.୭୬ କୋଟି, ମିଶନଶକ୍ତି ବିଭାଗ ଉପରେ ୨,୧୧୩.୪୩ କୋଟି, ଉଚ୍ଚଶିକ୍ଷା ଉପରେ ୧,୯୧୧କୋଟି, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଉପରେ ୧୨୧୮.୪୨କୋଟି ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉପରେ ୧୧୬୬.୫୭କୋଟି ଟଙ୍କାର ୟୁସି ବାକି ରହିଛି। ଏହାବାଦ୍ ଶିଳ୍ପ ବିଭାଗ ଉପରେ ୮୪୯ କୋଟି, ଆଇନ ବିଭାଗ ଉପରେ ୬୯୪.୧୩କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପରେ ୫୩୩ କୋଟି, ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୫୨୧କୋଟି, କୃଷି ବିଭାଗ ଉପରେ ୩୮୪.୯୦କୋଟି, ବିଜ୍ଞାନ ଓ କାରିଗରି ଉପରେ ୩୭୯କୋଟି, ସମବାୟ ଉପରେ ୨୯୭ କୋଟି, ଏମ୍ଏସ୍ଏମ୍ଇ ଉପରେ ୨୫୫କୋଟି, ଶକ୍ତି ବିଭାଗ ଉପରେ ୨୨୩.୫୦କୋଟି, ପରିବହନ ଉପରେ ୧୯୪କୋଟି, ଗ୍ରାମ୍ୟ ଉନ୍ନୟନ ଉପରେ ୧୬୩କୋଟି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପରେ ୧୬୦କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ବକେୟା ରହିଛି।

# ଶିଳ୍ପାୟନ, ବାଣିଜ୍ୟର ରାଜଧାନୀ ହେବ ଗଞ୍ଜାମ


ଛତ୍ରପୁରରେ ଗୁରୁବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍ଏସ୍ଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ।

## ■ ଜିଲାରେ ୨୮,୦୮୪ କୋଟିର ୧୨ ଶିଳ୍ପ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

## ■ ୧୫, ୪୫୫ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ: ମୁଖ୍ୟମନ୍ତ୍ରୀ


ଛତ୍ରପୁର,୫।୬ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଞ୍ଜାମ ଜିଲାରେ ୧୨ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୮, ୦୮୪ କୋଟି ଟଙ୍କାର ପୁଞ୍ଜି ନିବେଶରେ ହେବାକୁ ଥିବା ଏସବୁ ପ୍ରକଳ୍ପରେ ୧୫, ୪୫୫ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଛତ୍ରପୁରସ୍ଥିତ ଖେଳ ପଡ଼ିଆଠାରେ ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ଶିଳ୍ପାୟନର ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଏହି ଶିଳ୍ପାୟନର ମୂଳଦୁଆ ହେବ ଗଞ୍ଜାମ। ଶିଳ୍ପାୟନ ଓ ବାଣିଜ୍ୟର ରାଜଧାନୀ ହେବ ଗଞ୍ଜାମ। ରାଜ୍ୟରେ ୫ ମାସ ମଧ୍ୟରେ ଆମେ ଦେଢ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛୁ। ଏହାଦ୍ୱାରା ପ୍ରାୟ ୯୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର କହିଛନ୍ତି, ଓଡିଶା ହେବ ପୂର୍ବ ଭାରତର ପୂର୍ବୋଦୟ। ଆମେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଗତ ଜାନୁଆରୀରେ ହୋଇଥିବା ଉତ୍କର୍ଷ ଓଡିଶା–ମେକ୍ ଇନ୍ ଓଡିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିଥିଲୁ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ସୂଚାଇଥିଲେ। ଓଡିଶାରେ ଏକ ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ୩ଟି ବନ୍ଦର ଅଛି। ଏହାବ୍ୟତୀତ ଆଉ ୩/୪ଟି ବନ୍ଦର ମଧ୍ୟ ପ୍ରତିଷ୍ଠା କରାଯିବ। କେନ୍ଦ୍ର ସରକାର ରେଳ ଓ ରାଜପଥ କ୍ଷେତ୍ରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରି ଦେଇଛନ୍ତି। ଓଡିଶାରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡକ ନିର୍ମାଣ କରାଯିବ। ଏହାସହିତ ଅନେକ ଶିଳ୍ପ କରିଡର ମଧ୍ୟ ଗଠନ କରାଯିବ। ଏହାଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯାହାସବୁ ମୌଳିକ ଆବଶ୍ୟକତା ରହିଛି, ତାହା ସମ୍ପୂର୍ଣ୍ଣ ଭାବେ ମିଳିପାରିବ। ସ୍ୱୟଂ ସହାୟକ ଗୋଷ୍ଠୀର ମା’ମାନଙ୍କୁ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ମା’ମାନେ ଯେଉଁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବେ ତାହା ବୃହତ୍ ଶିଳ୍ପଗୁଡିକ ସହିତ ମିଶି ଏକ ରାଜ୍ୟସ୍ତରୀୟ ସପ୍ଲାଇ ଚେନ୍ ପ୍ରତିଷ୍ଠା ହୋଇପାରିବ। ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଆଗାମୀ ଦିନରେ ଏପରି ଅନେକ ବିକାଶ ମୂଳକ କାର୍ଯ୍ୟର ଶୁଭାରମ୍ଭ ହେବ। ବର୍ତ୍ତମାନ ରାଜ୍ୟର ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଦିଆ ଚାଲିଛି। ପ୍ରଥମ ବର୍ଷରେ ୨୭,୦୦୦ ଖାଲିଥିବା ପଦବୀ ପୂରଣ ହୋଇଛି। ଖୁବଶୀଘ୍ର ଆଉ ୪୦ ହଜାର ଖାଲିଥିବା ସରକାରୀ ପଦ ପୂରଣ କରାଯିବ। ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଗଞ୍ଜାମ ଜିଲାର ସମସ୍ତ ବିଧାୟକ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ୨ ମୃତ

ପବିତ୍ରନଗର,୫।୬ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ଗୁଣ୍ଡୁରୀ ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ବୃଦ୍ଧ ଓ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଜଣେ ବାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୁଣ୍ଡୁରୀ ଗ୍ରାମର କାହ୍ନୁଚରଣ ମିଶ୍ର(୬୩) ଓ ଶିବ ନାଏକ(୧୫)। ଗୁରୁତର ହୋଇଥିବା ବାଳକ ହେଉଛନ୍ତି ସେହି ଗ୍ରାମର ଶୁଭମ ମହାପାତ୍ର। ଏମାନେ ଗାଁ ଆମ୍ବତୋଟାକୁ ଆମ୍ବ ସଂଗ୍ରହ କରିବାକୁ ଯାଇଥିଲେ। ବର୍ଷା ହେବାରୁ ସମସ୍ତେ ଏକ ଆମ୍ବଗଛ ମୂଳେ ଠିଆ ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ସମ୍ପର୍କୀୟମାନେ ୩ ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ କୁମାର ପଟେଲ ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଣିହାଁ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।




# ମେଧା ପାଟ୍‌କରଙ୍କୁ ସଭାସ୍ଥଳକୁ ଛାଡ଼ିଲାନି ପୋଲିସ

## ପରିବେଶବିତ୍‌ଙ୍କ ପ୍ରତି ଏହା ଅପମାନ: ମେଧା

ଭୁବନେଶ୍ୱର,୫।୬(ସୁନିତ୍ ମିଶ୍ର)

ବିଶ୍ୱ ପରିବେଶ ଦିବସ ଅବସରରେ ବିଶିଷ୍ଟ ପରିବେଶବିତ୍ ମେଧା ପାଟ୍‌କର ଗୁରୁବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଆୟୋଜିତ ପ୍ରାକୃତିକ ସମ୍ପଦ ସମାବେଶରେ ଯୋଗଦେବାକୁ ଯାଉଥିବାବେଳେ ରାୟଗଡ଼ା ରେଳ ଷ୍ଟେଶନରେ ପୋଲିସ ତାଙ୍କୁ ଅଟକରଖିଥିଲା। ଷ୍ଟେଶନରୁ ମେଧାଙ୍କୁ ପୋଲିସ ଅଟକ ରଖିବା ପରେ ତାଙ୍କୁ ବ୍ରହ୍ମପୁରରେ ଛାଡ଼ି ଆସିଥିବା ଜଣାପଡ଼ିଛି। ପୋଲିସର ଏଭଳି କାର୍ଯ୍ୟକଳାପ ପରିବେଶବିତ୍‌ଙ୍କ ପ୍ରତି ଅପମାନ ବୋଲି ମେଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯିବା ଆଶଙ୍କା ଥିବାରୁ ୨୫ଜଣଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ନ ଯିବା ପାଇଁ ନିର୍ଦ୍ଦେଶ ରହିଥିବା ରାୟଗଡ଼ା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରୁ ମିଳିଥିବା ଏକ ଚିଠି ନଂ. ୧୫୫୬/ ୦୪୦୬.୨୦୨୫ରେ ଉଲ୍ଲେଖ ରହିଛି।

କାଶୀପୁର ବ୍ଲକ୍ ସୁଙ୍ଗେର ପଞ୍ଚାୟତର କଣ୍ଟାମାଳା ଗ୍ରାମରେ ଆୟୋଜିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପରିବେଶବିତ୍ ମେଧା ଗୁରୁବାର ସକାଳେ ଟ୍ରେନ୍‌ରେ ରାୟଗଡ଼ାରେ ପହଞ୍ଚିଥିଲେ । ସେ ଷ୍ଟେଶନରେ ଓହ୍ଲାଇବା କ୍ଷଣି ଡିଏସ୍‌ପି ମୁନି ଆଚାରୀଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୨ ଆଇଆଇସିଙ୍କ ସମେତ ପୋଲିସ ଟିମ୍ ତାଙ୍କୁ ଛାଉଣୀ କରି ଘେରିଯାଇଥିଲେ। ପୋଲିସ ତାଙ୍କୁ ସେଠାରୁ ନେଇ ଦୀର୍ଘ ସମୟ ଅଟକରଖିବା ପରେ ଗାଡ଼ିରେ ନେଇ ବ୍ରହ୍ମପୁର ଅଭିମୁଖେ ଚାଲିଯାଇଥିଲା। ତେବେ ପୋଲିସ କାହିଁକି ମେଧାଙ୍କୁ ଅଟକ ରଖିଲା ଏବଂ ବ୍ରହ୍ମପୁରକୁ ପଠାଇଲା, ସେ ବିଷୟରେ ଜାଣିବା ପାଇଁ ଦାୟିତ୍ୱରେ ରହିଥିବା ଡିଏସ୍‌ପି ମୁନି ଆଚାରୀଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ମଧ୍ୟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି । ତେବେ କେଉଁ କାରଣରୁ ଏବଂ କାହା ଚାପରେ ପୋଲିସ ଏଭଳି ପଦକ୍ଷେପ ନେଇଛି ତା’ର ନିରପେକ୍ଷ ତଦନ୍ତ ପାଇଁ ମେଧା ଓ କେତେକ ପରିବେଶବିତ୍ ଦାବି କରିଛନ୍ତ। ଅନ୍ୟପକ୍ଷେ ମେଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଆତଙ୍କବାଦୀ ନୁହନ୍ତି। ଶାନ୍ତି ଓ ଅହିଂସା ପୂର୍ବକ ଆନ୍ଦୋଳନରେ ସେ ବିଶ୍ୱାସ ରଖନ୍ତି। ପ୍ରକୃତି ଓ ପରିବେଶ ସନ୍ତୁଳିତ ହେବା ସହ ମଣିଷଙ୍କ ହିତକୁ ଦୃଷ୍ଟିରେ ରଖି ବିକାଶ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କିନ୍ତୁ ବିକାଶ ନାଁରେ ବିଭିନ୍ନ ଅଞ୍ଚଳରେ ଖଣି ଖନନକରି ପ୍ରାକୃତିକ ପରିବେଶକୁ ନଷ୍ଟକରାଯାଉଛି, ଯାହାକୁ ଦୃଢ଼ ବିରୋଧ କରିବା ସହ ଅଞ୍ଚଳର ବିକାଶ ଓ ପ୍ରାକୃତିକ ପରିବେଶର ମହତ୍ତ୍ୱ ଉପରେ ଆଲୋଚନା ପାଇଁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ ବୋଲି ମେଧା କହିଛନ୍ତି। ଅନ୍ୟପକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଲିଙ୍ଗରାଜ, ନରେନ୍ଦ୍ର ମହାନ୍ତି, ହର ବଣିଆଙ୍କୁ ମଧ୍ୟ ପୋଲିସ ଅଟକ ରଖିଥିଲା। ତେବେ ଅନ୍ୟ ସଂଗ୍ରାମୀ କଣ୍ଟାମାଳଠାରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ନେଇ ଏହାର ଆୟୋଜନ ହୋଇଥିଲା। ମେଧା, ପ୍ରଫୁଲ୍ଲ ସାମନ୍ତରାୟ, ନରେନ୍ଦ୍ର ମହାନ୍ତି, ଲିଙ୍ଗରାଜ ଆଜାଦ୍, ଲେନିନ୍ କୁମାରଙ୍କ ସମେତ ୨୫ ଜଣଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ନ ଯିବା ପାଇଁ ନିର୍ଦ୍ଦେଶ ରହିଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।


ରାୟଗଡ଼ା ରେଳ ଷ୍ଟେଶନରେ ପୋଲିସ ମେଧା ପାଟ୍‌କରଙ୍କୁ ଅଟକ ରଖିଛି।

# ମହୁଆ–ପିନାକୀ ବିବାହ

ପୁରୀ,୫।୬(ଅଜିତ୍ କୁମାର ମହାନ୍ତି)



ବିଜୁ ଜନତା ଦଳ (ବିଜେଡି)ର ପୂର୍ବତନ ପୁରୀ ଲୋକ ସଭା ସଦସ୍ୟ ତଥା ଆଇନଜୀବୀ ପିନାକୀ ମିଶ୍ର ପଶ୍ଚିମବଙ୍ଗ କ୍ରିଷ୍ଣାନଗରର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ବିବାହ କରିଛନ୍ତି। ମେ’ ୩୦ରେ ଜର୍ମାନୀରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଉଭୟଙ୍କର କେତୋଟି ଫଟୋ ମଧ୍ୟ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପିନାକୀଙ୍କ ସହିତ ମହୁଆ ଏକାଠି ଯାଉଥିବା ଏବଂ ଦୁହେଁ ପରସ୍ପରର ହାତ ଧରିଥିବା ଏଥିରେ ଦେଖିବାକୁ ମିଳିଛି। ତାଙ୍କ ଫଟୋ ବ୍ୟାକ୍‌ଗ୍ରାଉଣ୍ଡରେ ବର୍ଲିନର ଐତିହାସିକ ବ୍ରାଣ୍ଡେନବର୍ଗ ଗେଟ୍ ଦୃଶ୍ୟମାନ ହେଉଛି। ଏହି ଫଟୋରେ ମହୁଆ ଶାଢ଼ି ଓ ସୁନା ଅଳଙ୍କାର ପିନ୍ଧିଛନ୍ତି। ଏହି ଯୋଡ଼ିକୁ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

୬୫ ବର୍ଷୀୟ ବିଜେଡି ନେତା ପିନାକୀ ଓ ୫୦ ବର୍ଷୀୟା ଟିଏମ୍‌ସି ନେତ୍ରୀ ମହୁଆଙ୍କ ଏହା ଦ୍ୱିତୀୟ ବିବାହ। ପିନାକୀ ୧୯୮୪ରେ ସଙ୍ଗୀତା ମିଶ୍ରଙ୍କୁ ବିବାହ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିବା ଜଣାପଡ଼ିଛି। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପିନାକୀ ୧୯୫୯ ଅକ୍ଟୋବର ୨୩ରେ କଟକରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ଆଇନ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ସୁପ୍ରିମକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୧୯୯୬ରେ ସେ କଂଗ୍ରେସ ଟିକେଟ୍‌ରେ ପ୍ରଥମ ଥର ପାଇଁ ପୁରୀ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ତେବେ ପରବର୍ତ୍ତୀ ନିର୍ବାଚନରେ ସେ ହାରିଯାଇଥିଲେ। ୨୦୦୯ରେ ସେ ବିଜେଡିରେ ଯୋଗଦେଇ ପୁରୀ ଲୋକ ସଭା ଆସନରେ ଲଢି ବିଜୟୀ ହୋଇଥିଲେ। ପରେ ୨୦୧୪ ଏବଂ ୨୦୧୯ରେ କ୍ରମାଗତ ଭାବେ ପୁରୀ ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ମାତ୍ର ସେ ୨୦୨୪ ସାଧାରଣ ନିର୍ବାଚନ ଲଢ଼ି ନ ଥିଲେ। ସେହିପରି ୧୯୭୪ ଅକ୍ଟୋବର ୧୨ରେ ମହୁଆ ଆସାମରେ ଜନ୍ମଗ୍ରହଣ କରିଥିଲେ। ସେ ନ୍ୟୁୟର୍କ ଓ ଲଣ୍ଡନରୁ ଗ୍ରାଜୁଏଶନ ସାରିବା ପରେ ଜଣେ ବ୍ୟାଙ୍କ ନିବେଶକ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୦୮ରେ ଭାରତ ଫେରି ପ୍ରଥମେ କଂଗ୍ରେସ ଓ ୨୦୧୦ରେ ଟିଏମ୍‌ସିରେ ଯୋଗଦେଇଥିଲେ। ସେ ପୂର୍ବରୁ ଡାନିସ୍ ଫାଇନାନ୍ସର ଲାର୍ସ ବ୍ରୋର୍ସନଙ୍କୁ ବିବାହ କରିଥିଲେ। ପରେ ତାଙ୍କର ବିବାହ ବିଚ୍ଛେଦ ହୋଇଥିଲା। ମହୁଆ ୨୦୧୯ ଓ ୨୦୨୪ରେ ପଶ୍ଚିମବଙ୍ଗର କ୍ରିଷ୍ଣାନଗର ସଂସଦୀୟ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସଂସଦରେ ପ୍ରଶ୍ନ ପଚାରିବା ପାଇଁ ସେ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ଠାରୁ ଲାଞ୍ଚ ନେଇ ଚର୍ଚ୍ଚାକୁ ଆସିଥିଲେ। ଏହି ବିଷୟ ଲୋକଲୋଚନକୁ ଆଣିଥିବା ଆଇନଜୀବୀ ଅନନ୍ତ ଦେହାଦ୍ରାଇଙ୍କ ସହ ମଧ୍ୟ ପୂର୍ବରୁ ମହୁଆଙ୍କ ସମ୍ପର୍କ ରହିଥିଲା। ତେବେ କେତେକ ପ୍ରସଙ୍ଗରେ ମନୋମାଳିନ୍ୟ ଯୋଗୁ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା।




# ‘ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍’ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ରିଲିଜ୍

**ଭୁବନେଶ୍ୱର, ୫।୬ (ସୌମ୍ୟରଞ୍ଜନ ରାଉତ)**

ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଦ ନେକେଡ୍ ଆଇ ପ୍ରଡକ୍ସନ ପକ୍ଷରୁ ‘ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍’ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ୍) ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ରିଲିଜ୍ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍ସା)ର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, ଓଡ଼ିଶା ହେଉଛି ଏକ ବନ୍ୟାବାତ୍ୟାପ୍ରବଣ ରାଜ୍ୟ, ଯାହାର ଭବିଷ୍ୟତ ସୁରକ୍ଷିତ ନୁହେଁ। ବର୍ଷକୁବର୍ଷ ବାତ୍ୟା ରାଜ୍ୟରେ ତୀବ୍ର ବେଗରେ ବଢ଼ି ଚାଲିଛି। ଯଦି ଏଥିପ୍ରତି ବର୍ତ୍ତମାନଠାରୁ ସଜାଗ ନ ରହିବା ରାଜ୍ୟର ଅଧିକାଂଶ ସ୍ଥାନ ସମ୍ପୂର୍ଣ୍ଣଭାବେ ଜଳମଗ୍ନ ହୋଇଯିବ। ଦିନକୁ ଦିନ ସମୁଦ୍ର କୂଳ ଲଂଘିବାରେ ଲାଗିଛି। ଓଡ଼ିଶାର ପାଖାପାଖି ୭୪ଟି ଗାଁ ବର୍ତ୍ତମାନ ଜଳମଗ୍ନ ହେବାକୁ ବସିଛି। କେନ୍ଦ୍ରାପଡ଼ା ଜିଲା ସାତଭାୟାର ଏକ ପଞ୍ଚାୟତକୁ ସମୁଦ୍ର ମାଡ଼ିଆସିଲାଣି। ସେହିପରି ଅନେକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ସମୁଦ୍ରରେ ବୁଡ଼ିଛି। ତେଣୁ ଆମେ ଅନ୍ତରଙ୍ଗ ଅଞ୍ଚଳର କେତେଜଣ ଯୁବଗୋଷ୍ଠୀ ଏବଂ ସ୍ଥାନୀୟ ଅଞ୍ଚଳର ମହିଳାମାନେ ମିଶି ଅଞ୍ଚଳର ସୁରକ୍ଷା ଲାଗି ନଦୀ ମୁହାଣରେ ମ୍ୟାନ୍‌ଗ୍ରୋଭ୍ ବା ହେନ୍ତାଳ ଲଗାଇବା ଆରମ୍ଭ କରିଛୁ। ସମସ୍ତେ ତୃଣମୂଳସ୍ତରରେ ମ୍ୟାନ୍‌ଗ୍ରୋଭକୁ ଲଗାଇ ଏହାର ସୁରକ୍ଷା ଦିଗରେ କାମ କରିବା ଉଚିତ୍ ବୋଲି ସୌମ୍ୟ ମତପ୍ରକାଶ କରିଥିଲେ। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ଷୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଓଡ଼ିଶାରେ ଡକ୍ୟୁମେଣ୍ଟାରି ଫିଲ୍ମ କରିବା ପାଇଁ ବହୁତ ଚ୍ୟାଲେଞ୍ଜ ରହିଛି ବୋଲି କହିଥିଲେ। ଏଥିସହିତ ଜଳବାୟୁ ପରିବର୍ତ୍ତନକୁ ନେଇ ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ରର ନିର୍ମାତା ସ୍ନେହାଶିଷ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତୃଣମୂଳସ୍ତରରେ ମ୍ୟାନ୍‌ଗ୍ରୋଭ୍ ଲଗାଇଥିବା ଯୁବପିଢି ଓ ମହିଳାମାନଙ୍କୁ ନେଇ ଅନେକ ଶୁଭେଚ୍ଛା ଜଣାଇଥିଲେ। ‘ବଏଜ୍‌ଫ୍ରମ୍‌ଦ ଗ୍ରୋଭ୍ସ୍’ର ନିର୍ଦ୍ଦେଶକ ସ୍ନେହାଶିଷ ଦାସ କହିଥିଲେ, ସେ ଜଳବାୟୁ ପରିବର୍ତ୍ତନ ଉପରେ ୨୦ ବର୍ଷଧରି କାମ କରିଆସୁଛନ୍ତି। ପୂର୍ବରୁ ଜଳବାୟୁ ପରିବର୍ତ୍ତନ ଖବରଦାତା ଭାବରେ କାର୍ଯ୍ୟକରୁଥିଲେ। ପରେ ଏହା ଉପରେ ଛୋଟ ଛୋଟ ମ୍ୟୁଜିକ୍ ଭିଡିଓ ଓ ଡକ୍ୟୁମେଣ୍ଟାରି ଫିଲ୍ମ କରିବାର ଆରମ୍ଭ କରିଥିଲେ ବୋଲି କହିଥିଲେ। ଏହି ଅବସରରେ ଗାଁର ପରିବର୍ତ୍ତିତ କାହାଣୀକୁ ନେଇ ‘ନାଲି ଚା’ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ଷୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉପସ୍ଥିତ ଥିଲେ।



ବିଶ୍ୱ ପରିବେଶ ଦିବସରେ ଗୁରୁବାର ‘ଦ ନେକେଡ୍ ଆଇ’ ପ୍ରଡକ୍ସନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଡକ୍ୟୁମେଣ୍ଟାରି ‘ବଏଜ୍ ଫ୍ରମ୍ ଦ ଗ୍ରୋଭ୍ସ୍’ର ରିଲିଜ୍ ଓ ପ୍ରଦର୍ଶନ ଅବସରରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସ୍ନେହାଶୀଷ ଦାସ, ଓପ୍ସାର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ । **(ଫଟୋ– ମନୋରଞ୍ଜନ ମିଶ୍ର)**

# ୨୦ ଲକ୍ଷ କରିନାହାନ୍ତି ଇ-କେୱାଇସି: ମନ୍ତ୍ରୀ

- ■ ଜୁନ୍ ଶେଷ ସୁଦ୍ଧା ଇ-କେୱାଇସି କରି ନ ଥିଲେ କଟିବ ରାଶନ କାର୍ଡ
- ■ ୧୩ ବର୍ଷ ହେଲା ଲୋକଙ୍କୁ ନୂଆ ରାଶନ କାର୍ଡ ଦିଆଯାଇ ନ ଥିଲା

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ରାଜ୍ୟର ୨୦ ଲକ୍ଷ ହିତାଧିକାରୀ ଏ ଯାଏଁ ଇ-କେୱାଇସି କରିନାହାନ୍ତି। ଯେଉଁମାନେ ଜୁନ୍ ଶେଷ ସୁଦ୍ଧା ଇ-କେୱାଇସି ନ କରିଥିବେ ସେମାନଙ୍କ ରାଶନ କାର୍ଡ କାଟି ଦିଆଯିବ। ପ୍ରାୟ ୫ ପ୍ରତିଶତ ଲୋକ ବର୍ତ୍ତମାନ ସୁଦ୍ଧା ଇ-କେୱାଇସି କରିନାହାନ୍ତି। ସେମାନଙ୍କ ସ୍ଥାନରେ ନୂଆ ହିତାଧିକାରୀଙ୍କୁ କାର୍ଡ ଦେଇଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଲୋକସେବା ଭବନଠାରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ୧୩ ବର୍ଷ ଧରି ନୂଆ ରାଶନ କାର୍ଡ ଦିଆଯାଇ ନ ଥିଲା। ରାଜ୍ୟରେ ଭାଜପା ସରକାର ଆସିବା ପରେ ୧୭ ଲକ୍ଷ ନୂଆ ଆବେଦନକାରୀ ରାଶନ କାର୍ଡ ପାଇଁ ଆବେଦନ କରିଥିଲେ। ଏହି ଲୋକମାନଙ୍କ ମଧ୍ୟରୁ କିଏ ୪ ବର୍ଷ ଆଉ କେହି ୭ ବର୍ଷ ହେବ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୬ ଲକ୍ଷ ହିତାଧିକାରୀଙ୍କ ପାଇଁ ରାଶନ କାର୍ଡ ଦେବା ନେଇ ଅନୁମୋଦନ କରିଛନ୍ତି। ଏହାପରେ ଆହୁରି ୧୫ ଲକ୍ଷ ରାଶନ କାର୍ଡ ପାଇଁ ମଧ୍ୟ ଅନୁମୋଦନ ମିଳିସାରିଛି। ଇ-କେୱାଇସି ବ୍ୟବସ୍ଥା ଜୋର୍‌ଦାର ଚାଲିଛି। ୯୫ ପ୍ରତିଶତ ଲୋକ ରାଜ୍ୟରୁ ଇ-କେୱାଇସି କରିସାରିଲେଣି। ଆଉ ୫ ପ୍ରତିଶତ ଲୋକଙ୍କ ଇ-କେୱାଇସି ହୋଇପାରି ନାହିଁ। ରାଜ୍ୟର ପ୍ରାୟ ୨୨ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଜୁନ୍ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଯିବ। ଏହାପରେ ଆହୁରି ୨୦ ଲକ୍ଷ ଲୋକ ବଳିଯିବେ। ସେଗୁଡ଼ିକୁ ରାଜ୍ୟ ସରକାର ରଦ୍ଦ କରିଦେବେ। ଯେଉଁ ୨୦ ଲକ୍ଷ ଲୋକଙ୍କ ରାଶନ କାର୍ଡ ରଦ୍ଦ କରାଯିବ ସେହି ଜାଗାରେ ଆଉ ନୂଆ ଲୋକଙ୍କୁ ଦିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବ। ଅପରାହ୍ନ ୪ଟା ସମୟରେ ଲୋକସେବା ଭବନ ତୃତୀୟ ମହଲାର ସମ୍ମିଳନୀ କକ୍ଷରେ ଏହି ବୈଠକ ବସିବାକୁ ଥିବାବେଳେ ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଆସନ୍ତା ୧୨ ତାରିଖରେ ହେବାକୁ ଥିବାବେଳେ କିଛି ବଡ଼ ଧରଣର ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଭିନ୍ନ ବିଭାଗର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍‌ରେ ମୋହର ବାଜିବ ବୋଲି ଜଣାପଡ଼ିଛି।

# ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟରେ ଭାଜପା ସରକାର ପକ୍ଷରୁ ଆୟୋଜନ ହେବାକୁ ଥିବା ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଗ୍ରୀନ୍ ସିଗ୍‌ନାଲ ମିଳିସାରିଛି। ହେଲେ ୧୧ କିମ୍ବା ୧୨ରେ ଆସିବେ ସେନେଇ କିଛି ସ୍ପଷ୍ଟ ହୋଇ ନ ଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଲୋକସେବା ଭବନଠାରେ ଗୁରୁବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟ ସରକାର ଆସନ୍ତା ୧୨ରେ ବଡ ଆକାରରେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ କରିବେ। ରାଜ୍ୟସ୍ତରୀୟ ମହିଳା, ଯୁବ ଓ ଛାତ୍ର ସମାବେଶ କରାଯିବ। ପ୍ରତ୍ୟେକ ପଞ୍ଚାୟତସ୍ତରୀୟ ବର୍ଷପୂର୍ତ୍ତି ପାଳନ ହେବ।

# ୫ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ

## ମୟୂରଭଞ୍ଜରେ ସର୍ବାଧିକ ୪୦, ବୌଦ୍ଧ ଓ ଦେବଗଡ଼ରେ ସର୍ବନିମ୍ନ ୫ ବିଦ୍ୟାଳୟ

**ଭୁବନେଶ୍ୱର,୫।୬ (ସୁଚିସ୍ମିତା ସାହୁ)**

ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏଥିପାଇଁ ରାଜ୍ୟ ସରକାର ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା’ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତରେ ସତ୍ୟବାଦୀ ବନ ବିଦ୍ୟାଳୟ ଢାଞ୍ଚାରେ ସ୍କୁଲ ଖୋଲିବ। ମୋଟ ୬୭୯୪ଟି ବିଦ୍ୟାଳୟ ଖୋଲିବାକୁ ଯୋଜନା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ଶହ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ପଡ଼ିବ। ରାଜ୍ୟରେ ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୨ ତାରିଖରେ ଯୋଜନାର ଶୁଭାରମ୍ଭ ସହ ନୂଆ ସ୍କୁଲ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ଏବେ ଏହି ସଂଖ୍ୟା ୫ଶହକୁ ବଢ଼ାଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। ଜୁନ ୧୨ରେ ୫୦୦ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପର୍ଯ୍ୟାୟ କ୍ରମେ ରାଜ୍ୟରେ ଆହୁରି ଅଧିକ ବିଦ୍ୟାଳୟ ଖୋଲିବାର ଯୋଜନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଓସେପାର ଚିଠି ଓ ତାଲିକା ଅନୁସାରେ, ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୦ଟି ଓ ଗଞ୍ଜାମ ଜିଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ବଲାଙ୍ଗୀର, କଟକ ଓ କୋରାପୁଟରେ ୨୨ଟି ଲେଖାଏ ଏବଂ ବୌଦ୍ଧ ଓ ଦେବଗଡ ଜିଲାରେ ସର୍ବନିମ୍ନ ୫ଟି ଲେଖାଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ପଡ଼ିବ। ସେହିପରି ଅନୁଗୋଳ, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ନୟାଗଡରେ ୧୩ଟି ଲେଖାଏ, ବାଲେଶ୍ୱର, ବରଗଡ, କଳାହାଣ୍ଡି ଓ କନ୍ଧମାଳରେ ୧୯ ଲେଖାଏ, ସୁନ୍ଦରଗଡରେ ୨୭, ସୋନପୁରରେ ୧୦, ସମ୍ବଲପୁରରେ ୧୫, ରାୟଗଡାରେ ୧୭, ପୁରୀରେ ୧୮, ନୂଆପଡାରେ ୮, ଖୋର୍ଦ୍ଧା, ଯାଜପୁର ଓ ନବରଙ୍ଗପୁରରେ ୧୬ ଲେଖାଏ, ଭଦ୍ରକ, ଗଜପତି ଓ ମାଲକାନଗିରିରେ ୧୨ ଲେଖାଏ, କେନ୍ଦୁଝରରେ ୨୦, କେନ୍ଦ୍ରାପଡାରେ ୧୪ ଏବଂ ଝାରସୁଗୁଡାରେ ୯ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର କରାଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଏହି ଯୋଜନାରେ ନୂଆ ଶ୍ରେଣୀଗୃହ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ପାଚେରି ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରି ଓ ଲାଙ୍ଗୁଏଜ ଲାବ୍, ଖେଳପଡିଆ, ଡାଇନିଂ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ।

# ଟ୍ରକ୍‌କୁ ପିଟିଲା ବସ୍: କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ, ୬ ଗୁରୁତର

**ଭବାନୀପାଟଣା,୫।୬ (ଉତ୍ତମ କୁମାର ଦାଶ)**



ବିନୋଦ କୁମାର ବେହେରା

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର ଚାରବାହାଲ ଛକ ନିକଟରେ ଗୁରୁବାର ପ୍ରତ୍ୟୁଷରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ନବରଙ୍ଗପୁର ଜିଲା ଉମରକୋଟକୁ ଯାଉଥିବା ରଘୁନାଥ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଚାରବାହାଲ ଛକ ନିକଟରେ ଅଟକି ରହିଥିବା ଟ୍ରକ୍ (ନଂ.ଡବ୍ଲ୍ୟୁବି୩୩ଇ-୯୪୫୫)କୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ଜଣେ କନିଷ୍ଠଯନ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୬ଜଣ ଗୁରୁତର ହୋଇଛନ୍ତି। ମୃତ କନିଷ୍ଠଯନ୍ତ୍ରୀ ହେଲେ ବିନୋଦ କୁମାର ବେହେରା (୪୮)। ଅନୁଗୋଳ ଜିଲା କଣିହାଁ ବ୍ଲକ ସାନ ତିରିବିଡା ଗ୍ରାମର ବିନୋଦ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କାର୍ଯ୍ୟରତ ଥିଲେ। ଦୁର୍ଘଟଣାରେ ବସ୍‌ର ଆଗପଟ ଚୂର୍‌ମାର ହୋଇଥିବାବେଳେ ଅନେକେ ଯାତ୍ରୀ ବସ୍ ମଧ୍ୟରେ ଫସି ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କୋକସରା ଦମକଳ କେନ୍ଦ୍ର କର୍ମଚାରୀ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଥିବା ୬ ଜଣଙ୍କୁ ପ୍ରଥମେ ଜୁନାଗଡ଼ ଡାକ୍ତରଖାନା ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କନିଷ୍ଠଯନ୍ତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଛାତିରେ ଲୁହାରଡ଼ ପଶିଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ଥାନୀୟ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍‌କୁ ଜବତ କରିଛି।

# ହାଲୁକା ବର୍ଷା, ଝଟ୍‌କା ପବନ

**ଭୁବନେଶ୍ୱର,୫।୬ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଥିବାବେଳେ ଦିନରେ ଅଧିକାଂଶ ସ୍ଥାନରେ ଖରା ଓ ଗୁଳୁଗୁଳିର ପ୍ରଭାବ ରହୁଛି। ଶୁକ୍ରବାର ମଧ୍ୟ କିଛି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ପୁରୀ, ନବରଙ୍ଗପୁର, ଅନୁଗୋଳ, ବୌଦ୍ଧ, କଳାହାଣ୍ଡି ଆଦି ଜିଲାରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ଝଟ୍‌କା ପବନ ବହିବାର ଆଶଙ୍କା ରହିଛି। ତେଣୁ ଏହିସବୁ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟ ୧୫ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ଝଟକା ପବନ ବହିବା ନେଇ ୟେଲୋ ୱାର୍ନିଂ ରହିଛି। ଆସନ୍ତା ୭ରୁ ୧୦ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ତ୍ରୀଙ୍କ ପରଲୋକ

**ବରଗଡ଼, ୫।୬(ପ୍ରେମାନନ୍ଦ ଖମାରୀ)**



ଚାରୁଶୀଳା ଆଚାର୍ଯ୍ୟ

ରେଢ଼ାଖୋଲର ବିଜେଡି ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ତ୍ରୀ ଚାରୁଶୀଳା ଆଚାର୍ଯ୍ୟ(୬୮)ଙ୍କ ଗୁରୁବାର ଭୋରରୁ ତାଙ୍କ ବରଗଡ଼ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ପରେ ଚକ୍ଷୁଦାନ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୃତ୍ୟୁ ସୂଚନା ପାଇ ଏକ ଡାକ୍ତରୀ ଦଳ ପହଞ୍ଚି ସ୍ୱର୍ଗତା ଆଚାର୍ଯ୍ୟଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ବରଗଡ଼ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ୨ଝିଅ ଲୋପାମୁଦ୍ରା, ମୋନାଲିସା ଏବଂ ପୁତୁରା ସଞ୍ଜୟ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ଆଚାର୍ଯ୍ୟଙ୍କ ଶବାଧାରରେ ବରଗଡ଼ ତଥା ବିଭିନ୍ନ ଜିଲାର ଜନସାଧାରଣ ଓ ନେତୃମଣ୍ଡଳୀ ସାମିଲହୋଇ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରୀତା ସାହୁ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ସ୍ୱର୍ଗତା ଆଚାର୍ଯ୍ୟଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି।

# ମେଡିକାଲ ସ୍ଥିତି ଅନୁଧ୍ୟାନକଲେ ସ୍ୱାସ୍ଥ୍ୟମନ୍ତ୍ରୀ

**କୋରାପୁଟ ମେଡିକାଲରେ ୬ ରୋଗୀ ମୃତ୍ୟୁ ଘଟଣା**

## କଂଗ୍ରେସ ପକ୍ଷରୁ ପ୍ରତିବାଦ

**କୋରାପୁଟ,୫।୬ (ଅମିତାଭ ବେହେରା)**

ଭୁଲ୍ ଇଞ୍ଜେକସନ ଯୋଗୁ ୬ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ ମେଡିକାଲର ସର୍ଜରି ୱାର୍ଡ ପରିଦର୍ଶନକରି ସେବା ବିଷୟରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ପରେ ହସ୍ପିଟାଲରେ ଥିବା ଔଷଧର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିବା ବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କୋରାପୁଟ ବିଧାୟକ ରଘୁରାମ ମାଛ, ରୂପକ ତୁରୁକ ଓ ଭଗବାନ ବାହିନୀପତିଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ମାତ୍ର ୫ ମିନିଟ୍ ଆସି ବୁଲିଯାଇଥିବାରୁ କଂଗ୍ରେସ ସମାଲୋଚନା କରିଛି। ଏ ସରକାରରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ବିଧାୟକ ମାଛ କଂଗ୍ରେସ କର୍ମୀଙ୍କୁ ଧକ୍କାମାରିଥିବା ମାଲକାନଗିରି ପୂର୍ବତନ ବିଧାୟକ ସରକାର ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଆଇସିୟୁ ବିଭାଗ ଯାଇ ସ୍ଥିତି ପରଖିବା ବଦଳରେ ନ ଯାଇ ଏଠି କ’ଣ ଦେଖିବାକୁ ଆସିଥିଲେ ବୋଲି ରୂପକ ପ୍ରଶ୍ନ କରିଛନ୍ତି। ମେଡିକାଲ କଲେଜ ପରିସରରେ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ମହାଲିଙ୍ଗ ଯୋଗଦେଇଥିଲେ। ଏଥିରେ ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି ରୋହିତ ବର୍ମା, ମେଡିକାଲ ଅଧୀକ୍ଷକ ଡ.ସୁଶାନ୍ତ କୁମାର ସାହୁ, ଆଇସିୟୁ ଡାକ୍ତର, ସର୍ଜରି ଡାକ୍ତର, ମଙ୍ଗଳବାର ରାତିରେ ଥିବା ଡାକ୍ତର ଓ ଇଞ୍ଜେକ୍ସନ ଦେଇଥିବା ନର୍ସ ଓ ରୁମ୍‌ରେ ଥିବା କର୍ମଚାରୀମାନେ ଉପସ୍ଥିତ ଥିଲେ। କେଉଁ ପରିସ୍ଥିତିରେ ଏଭଳି ଘଟିଲା ମନ୍ତ୍ରୀ ସମୀକ୍ଷା କରିଥିଲେ। ବୁଧବାର ମେଡିକାଲ୍ କର୍ତ୍ତୃପକ୍ଷ ଯାହା ଗଣମାଧ୍ୟମକୁ କହିଥିଲେ ମନ୍ତ୍ରୀ ତାହା ଦୋହରାଇବା ସହ ବର୍ତ୍ତମାନ ଡିଏମ୍‌ଇଟି କଟକର ଏସ୍‌ସିବି ମେଡିକାଲ କଲେଜର ୨ଜଣିଆ ଟିମ୍ ଓ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ୩ ଜଣିଆ ଟିମ୍ କୋରାପୁଟ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏହାର ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଓ ମେଡିକାଲ କଲେଜ ପ୍ରୋଭିଜନାଲ ରିପୋର୍ଟ ଅନୁଧ୍ୟାନ ପରେ ଘଟଣାରେ ଯିଏ ଦୋଷୀ ହୋଇଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ କହିଥିଲେ। ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଡାକ୍ତର ଆଇ.ଗୋପାଳ, ଡାକ୍ତର ଏଚ୍.କେ. ଦଳେଇ ଓ ଡାକ୍ତର ସଚି ନାୟକ ମଙ୍ଗଳବାର ରାତିରେ କୋରାପୁଟ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ଡାକ୍ତର, ନର୍ସ ଓ ବିଭିନ୍ନ କର୍ମଚାରୀଙ୍କୁ ପଚାରିଥିଲେ। ଗୁରୁବାର କଟକ ଏସ୍‌ସିବି ମେଡିକାଲ କଲେଜର ଡାକ୍ତର ହରେକୃଷ୍ଣ ମାଝୀ ଓ ଡାକ୍ତର ସ୍ୱାଗତ ସୁବୁଦ୍ଧି ଆସି ଛାନ୍‌ଭିନ୍ କରୁଛନ୍ତି। ଆଗାମୀ ୩ ଦିନରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ନିଖୋଜ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

## ପରିବାର ଲୋକେ ଆଣିଲେ ବଳାତ୍କାର, ହତ୍ୟା ଅଭିଯୋଗ

**ବରଗଡ଼, ୫।୬ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସଦର ଥାନା ଅଞ୍ଚଳର ଜଣେ ନିଖୋଜ ନାବାଳିକା (୧୪)ଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ସଦର ଥାନା ଅଞ୍ଚଳର ଜଣେ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ବଳାତ୍କାର ଓ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ସନ୍ଧ୍ୟାରେ ବରଗଡ଼ ସଦର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

୪ଦିନ ପୂର୍ବରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଥିବା ମାମୁ ଘରକୁ ଯାଇ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବରଗଡ଼ ସଦର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ନାବାଳିକାଙ୍କ ପତ୍ତା ମିଳି ନ ଥିବାବେଳେ ଗୁରୁବାର ଅଟକ ଯୁବକ ଜଣକ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସୋହେଲା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ନାବାଳିକାଙ୍କ ମୃତଦେହ ଜବତ କରିଛି। ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।





# ପରିବେଶ ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ

## ଉଫୁନା ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷରେ ଗୁରୁବାର ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ(ଉଫୁନା) ଓ ଇଣ୍ଡିଆନ ଫେଡେରେସନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ (ଇଫୁନା) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଇଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ କହିଲେ ଯେ, ମୋ ପରିବେଶ ମୋ ଦାୟିତ୍ୱ। ପରିବେଶ ସଚେତନତା ହିଁ ସୁରକ୍ଷା। ସୁରକ୍ଷା ହିଁ ଜୀବନ ରକ୍ଷା । ପାରିପାର୍ଶ୍ୱିକ ପରିବେଶର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ। ମୁଖ୍ୟବକ୍ତା ଭାବେ ଯୋଗଦେଇ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଅଧ୍ୟାପିକା ମୀରା ବେଉରା କହିଲେ ଯେ, ସୁସ୍ଥ ପରିବେଶ, ସୁସ୍ଥ ଶରୀର, ସୁସ୍ଥ ମନର ଜନକ। ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ଉତ୍ତମ ପରିବେଶ ଏକାନ୍ତ ଆବଶ୍ୟକ। ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ଉଦ୍ଭିଦ ବିଜ୍ଞାନୀ ଡ. ନିରୋଦ ଚନ୍ଦ୍ର ରାଉତ, ନିଳମଣୀ ମହାରଣା, ସ୍ମିତାରାଣୀ ସାମଲ, ରୋମେନା ବେଗମ, ପରିବେଶବିତ ଉପେନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ବନ ଅଧିକାରୀ ଅଦ୍ୱୈତ ରାଉତ, ମାନଗୋବିନ୍ଦ ଦଳାଇ, ନିଳମଣୀ ମହାରଣା, ଡା. ତୁଷାରକାନ୍ତି ନାୟକ, ଶିକ୍ଷାବିତ ଡ. ସମୀର ସାହୁ, ଇଂ ଅବିନାଶ ଦାସ, ସମାଜସେବୀ ଶେଷଦେବ ରାଉତ ପ୍ରମୁଖ ଯୋଗଦେଇ କହିଥିଲେ, ସୁସ୍ଥ ପରିବେଶ ଗଠନ ପାଇଁ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନେବା ଦରକାର। ଉଫୁନାର ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ, ବିଶ୍ୱର ସବୁ ଦେଶର ଜନସାଧାରଣ ନିଜ ନିଜର ପରିବେଶ ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ଜରୁରୀ। ଏଥିପାଇଁ ସଚେତନତା ସୃଷ୍ଟି କରିବା ବିଶ୍ୱ ପରିବେଶ ଦିବସର ମୂଳଲକ୍ଷ୍ୟ। ବିଶ୍ୱର ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଡ. ଦେବୀ ପ୍ରସାଦ ମିଶ୍ର ୨ଟି ଇଂରାଜୀ ଓ ଗୋଟିଏ ଓଡ଼ିଆ ସନେଟ୍ ପାଠ କରିଥିଲେ । ଆୟୋଜିତ କବିତା ପାଠୋତ୍ସବରେ ଡ. ଦେବୀ ପ୍ରସାଦ ମିଶ୍ର, ଡ. ଅନୁପମା ମିଶ୍ର, ଡ. ମାନସୀ କର, ସୁକାନ୍ତି ସାହୁ, ଡ. ପ୍ରମୋଦ ପରିଡା, ଲିଙ୍କୁ ପତି, କାହ୍ନୁଚରଣ ବାରିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରେମାନନ୍ଦ ଶତପଥୀ, ବରୁଣ କୁମାର ବିଶ୍ୱାଳ, ଶିକ୍ଷାବିତ ବିଶ୍ୱନାଥ ମହାପାତ୍ର, ଚନ୍ଦ୍ରମଣୀ ନାୟକ, ଲକ୍ଷ୍ମୀଧର ଶତପଥୀ, ସୁଜାତା ପଟ୍ଟନାୟକ, ବର୍ଷା ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ମଧୁସ୍ମିତା ସାହୁ, ଡ. ପ୍ରମୋଦ ନାୟକ, ପିତବାସ ସାହୁ, ବିପିନ ବିହାରୀ ବେହେରା, ଶ୍ୟାମସୁନ୍ଦର ସାହୁ, ଦେବ ପ୍ରସାଦ ମିଶ୍ର, ବରୁଣ କୁମାର ବିଶ୍ୱାଳ, ଯୁଧିଷ୍ଠିର ସାହୁ, ଦିଲୀପ କୁମାର ସାହୁ, ଅବନୀ ପାତ୍ର, ଲଳିତ ମୋହନ ବେହେରା, ଶ୍ରେୟାଂଶୁ ଷଡଙ୍ଗୀ ଓ ମାୟାଧର ସେଠି ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ । ନିକଟରେ ପରଲୋକଗତ ବନ କର୍ମଚାରୀ ପ୍ରହ୍ଲାଦ ପ୍ରଧାନ ଓ ଅବସରପ୍ରାପ୍ତ ବନ ଅଧିକାରୀ ଲୋହିତ ରଥଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ଇଫୁନାର ସାଧାରଣ ସମ୍ପାଦକ ଡ. ଦୀପାୟନ ପଟ୍ଟନାୟକ ପ୍ଲାଷ୍ଟିକ ପ୍ରଦୂଷଣକୁ ହରାଇବାକୁ ସମାଧାନର ସୂତ୍ରରେ ବିଶ୍ୱର ୧୨୦ଟି ଦେଶ ଚଳିତବର୍ଷ ଚୁକ୍ତିନାମା କରାଇବାର ଉଦ୍ୟମ ମିଳିତ ଜାତିସଂଘ ଜାରି ରଖିଛି ବୋଲି ସୂଚନା ଦେଇଥିଲେ ।

# ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା


ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଭୁବନ, ୫।୬ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କୁ ଗଡନୃସିଂହ ପ୍ରସାଦ ଛକଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଯାଜପୁର ଜିଲା କଳିଙ୍ଗନଗରଠାରେ ଏକ ସାଂଗଠନିକ ବୈଠକରେ ଯୋଗଦେଇ ତାଳଚେର ଯିବା ରାସ୍ତାରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ସ୍ୱର୍ଗତ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ଗ୍ରାମ ପଳାସପିଠିଆ ଛକରେ ସ୍ୱାଗତ କରାଯାଇଥିଲା। ସେଠାରେ ଥିବା ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦଳୀୟ ଲୋକମାନଙ୍କ ସହିତ ସଙ୍ଗଠନ ସୁଦୃଢ଼ ସମ୍ପର୍କରେ ଆଲୋଚନା କରିଥିଲେ। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ଜୋରଦାର ଲଢେଇ କରାଯିବ ବୋଲି ସଭାପତି କହିଥିଲେ। ତାଙ୍କ ସହିତ ରାଜ୍ୟ ପ୍ରଭାରୀ ଅଜୟ ସି ଲାଲୁ, ରାଜ୍ୟ ସମ୍ପାଦିକା ଶିଳ୍ପଶ୍ରୀ ହରିଚନ୍ଦନ , ପୂର୍ବତନ ମନ୍ତ୍ରୀ ଶରତ ଚନ୍ଦ୍ର ରାଉତ ଓ ଯୁବନେତା ଶରତ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଭାପୁରରୁ ଇଟାଲି ଗଲା ୨୫ କୁଇଣ୍ଟାଲ୍ ଆମ୍ରପଲି ଆମ୍ବ

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ୍‌ର ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ୪ର୍ଥ ଥର ପାଇଁ ୨୫ କୁଇଣ୍ଟାଲ୍ ଆମ୍ରପଲ୍ଲି ଆମ୍ବ ଗୁରୁବାର ଇଟାଲି ପଠାଯାଇଛି । ଏହି ସ୍ୱାଦିଷ୍ଟ ଆମ୍ବ ଶୁକ୍ରବାର କୋଲକାତା ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ୍‌ରୁ ସିଧାସଳଖ ଇଟାଲିକୁ ରପ୍ତାନି କରାଯିବ । ଏହି ଆମ୍ବକୁ ବଳଦେବଜୀଉ କମ୍ପାନୀର ମେମ୍ବର୍ସମାନେ ପ୍ୟାକେଜିଙ୍ଗ୍ କରିଥିଲେ। ଏହି ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀକୁ ଗ୍ରାଣ୍ଟ ଥର୍ଣ୍ଟନ ଓ ଏଚଡିଏଫସି ବ୍ୟାଙ୍କ ପରିବର୍ତ୍ତନ ଦ୍ୱାରା ପରିଚାଳିତ କରାଯାଉଛି। ବଳଦେବଜୀଉ କମ୍ପାନୀ ମାଧ୍ୟମରେ ୩ଟି ଗ୍ରାମପଞ୍ଚାୟତର ୧୩ଟି ଗ୍ରାମରେ ୫ ହଜାର ଚାଷୀଙ୍କ ଜୀବିକା ଓ ଆୟକୁ ବୃଦ୍ଧି କରିବାରେ ସହାୟକ ହେବା ଆଗାମୀ ଦିନରେ ଅନ୍ୟ ଦେଶମାନଙ୍କୁ ଆମ୍ବ ରପ୍ତାନୀ କରିବା ପାଇଁ ଯୋଜନା ରହିଛି। ଏହି ଆମ୍ବକୁ ଆପେଡା, କୃଷି ବିଜ୍ଞାନ କେନ୍ଦ୍ର ଢେଙ୍କାନାଳ, ଉଦ୍ୟାନ ବିଭାଗ ଓ ଗ୍ରାଣ୍ଟଥର୍ଣ୍ଟନ ସହଯୋଗରେ ବଳଦେବଜୀଉ କମ୍ପାନୀ ଦ୍ୱାରା ଅନ୍ୟ ଦେଶକୁ ରପ୍ତାନୀ କରାଯାଇଛି । ଏହି ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ବିଗତ ବର୍ଷରେ ୧ କୋଟି ୩୭ ଲକ୍ଷ ବ୍ୟବସାୟ କରିଥିଲା ଓ ଏହି ବର୍ଷ ଦେଢ଼କୋଟି ଟଙ୍କାର ବ୍ୟବସାୟ କରିବା ପାଇଁ ଯୋଜନା କରିଛନ୍ତି। କମ୍ପାନୀରେ ବର୍ତ୍ତମାନ ସୁଧା ୧୦୧୦ଜଣ ମହିଳା ସେୟାର ହୋଲ୍‌ଡର (ଚାଷୀ) ଯୋଡି ହୋଇଛନ୍ତି । ଏହି ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମକୁ ଗ୍ରାଣ୍ଟଥର୍ଣ୍ଟନ ଭାରତ ତରଫରୁ ନାରାୟଣ ଖଟୁଆ ସଂଯୋଜନା କରିବା ସହିତ ପରିଚାଳନା କରୁଥିଲେ । ଏହି ଆମ୍ବ ରପ୍ତାନି କାର୍ଯ୍ୟକ୍ରମ ସମୟରେ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ଗ୍ରାଣ୍ଟଥର୍ଣ୍ଟନର ସମ୍ବିତ୍ ସାସ୍‌ମଲ, ବିନୟ ଦାସ, ନାରାୟଣ ଖଟୁଆ, ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ଜ୍ୟୋତିର୍ମୟୀ ପ୍ରଧାନ, ପଦ୍ମିନୀ ସାହୁ, ସୂର୍ଯ୍ୟକାନ୍ତି ଖଟୁଆ, ଅଞ୍ଜଳି ସାହୁ, ପ୍ରିୟଦର୍ଶନୀ ଭୋଳ, ସୌମ୍ୟ ରଞ୍ଜନ ଭୋଳ, ଆର୍‌ଏମ୍‌ସି ଢେଙ୍କାନାଳ ତରଫରୁ ସନ୍ତୋଷ ଖୁଣ୍ଟିଆ, ମଣ୍ଡି ଆନାଲିଷ୍ଟ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



ସ୍ୱାଦିଷ୍ଟ ଆମ୍ରପଲି ଆମ୍ବକୁ ଭାପୁରରୁ ଇଟାଲି ପଠାଯାଉଛି।

# ଅଗଷ୍ଟ ୧୦ରୁ ସାମୂହିକ ଔଷଧ ସେବନ



ଫାଇଲେରିଆ ନିରାକରଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ଜିଲାରେ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିନିମନ୍ତେ ଗୁରୁବାର ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଖଜୁରିଆକଟା, ବେଲଟିକିର, ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ର, କାମାକ୍ଷାନଗର ଓ ହିନ୍ଦୋଳ ବିଜ୍ଞାପିତ ପରିବେଶ ଅଞ୍ଚଳ, ଢେଙ୍କାନାଳ ପୌରସଂସ୍ଥା ସମେତ ବ୍ଲକ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ୬.୬୫ଲକ୍ଷ ଲୋକଙ୍କୁ ଫାଇଲେରିଆ ଔଷଧ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି । ଔଷଧ ବଣ୍ଟନ ଓ ଖାଇବାର ତଦାରଖ ପାଇଁ ଔଷଧ ପ୍ରଦାନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ବିଦ୍ୟାଳୟମାନଙ୍କରେ ମଧ୍ୟ ଫାଇଲେରିଆ ଔଷଧ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା।

# ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବେଶ ଦିବସ

ଢେଙ୍କାନାଳ,୫।୬(ରତନ ନାୟାର):

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶ୍ରୀମୂଳା ପକ୍ଷରୁ କଣ୍ଟାପାଳ ଅଙ୍ଗନୱାଡ଼ି କେନ୍ଦ୍ର (କ) ଠାରେ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କିଶୋରୀମାନଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଫାଲଗୁନି ମିଶ୍ର, ସଂଯୋଜିକା ଦୀପିକା ମହାକୁଡ଼ ଓ ଅଙ୍ଗନୱାଡି କର୍ମୀ ଖୁଜାରୀ ବେହେରା ପ୍ରମୁଖ ଯୋଗଦେଇ ପରିଚାଳନା କରିବା ସହିତ ଜୀବନ ପାଇଁ ବୃକ୍ଷର ଆବଶ୍ୟକତା ବିଷୟରେ ଅବଗତ କରାଇ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଗୋଟିଏ ଗୋଟିଏ ଗଛ ଚାରା ବଣ୍ଟନ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ପ୍ରିୟଙ୍କା ଭୂତିଆ ପ୍ରଥମ, ଅର୍ଚ୍ଚିତା ସାସମଲ୍ ଦ୍ୱିତୀୟ ଏବଂ ଶୁଭସ୍ମିତା ସାସମଲ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ପ୍ରଦୂଷଣ ରୋକିବା ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରାରୋପଣ କରାଯାଉଛି।

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୁନ୍ଦରିଖାଲ ଗ୍ରାମସ୍ଥିତ ଜ୍ଞାନସୂର୍ଯ୍ୟ ଉପବନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଓ ଶାଖା ସଂଯୋଜିକା ବି.କେ ଉଷା ଶୁଭାରମ୍ଭ କରିଥିଲେ । ଏହାପରେ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଓ ଶପଥପାଠ ଆୟୋଜିତ ହୋଇଥିଲା । ଜିଲା ବନଖଣ୍ଡ ଅଧିକାରୀ କହିଲେ ଯେ, ସମସ୍ତେ ପ୍ଲାଷ୍ଟିକ ବର୍ଜନ କରିବା ନିହାତୀ ଜରୁରୀ । ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଓ ବ୍ୟାପକ ସଚେତନତା କରିବା ଆବଶ୍ୟକ। ପ୍ରଦୂଷଣ ରୋକିବା ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ । ବର୍ତ୍ତମାନ ଦାରିଦ୍ରତା ଅପେକ୍ଷା ପରିବେଶ ସୁରକ୍ଷା ଆଗାମୀ ପିଢି ପାଇଁ ଗୁରୁତ୍ୱପୂର୍ଣ୍ଣ । ସଂସ୍ଥାର ମୁଖ୍ୟ ସଂଚାଳିକା କହିଲେ ଯେ, ପ୍ରକୃତି ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା । ପରିବେଶ ସୁରକ୍ଷା ଗୋଟିଏ ଦିନର କାମ ନୁହେଁ। ବର୍ଷସାରା ପ୍ରକୃତିର ଯତ୍ନ, ଚାରା ରୋପଣ, ପ୍ଲାଷ୍ଟିକ ବର୍ଜନ, ସଚେତନତା କାର୍ଯ୍ୟକ୍ରମ, ସ୍କୁଲମାନଙ୍କରେ ଶିକ୍ଷୟିତ୍ରୀ ଶିକ୍ଷକ ଛୋଟପିଲାଙ୍କୁ ସଚେତନ କରିବା ଆବଶ୍ୟକ । ପରିବେଶ ସୁରକ୍ଷା ପାଇଁ ମାଉଣ୍ଟଆବୁରେ ବିନା ସାରରେ କିଭଳି ଚାଷ କରାଯାଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଶାଖାର ବରିଷ୍ଠ ସଦସ୍ୟ ବ୍ରହ୍ମାକୁମାର ବେଣୁଧର, ବି.କେ ସନ୍ତୋଷ, ବି.କେ ସୋମଦତ୍ତ, ବି.କେ ସୋମ, ବି.କେ ଉପମା ଓ ଶିଶୁ ଗବେଷକ ଡ. ବିରଞ୍ଚି ନାରୟଣ ସେଠ ଓ ବି.କେ ପ୍ରଫୁଲ୍ଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଅଧିକ ଦରରେ ମଦ ବିକ୍ରିକୁ ନେଇ ଉତ୍ତେଜନା

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରିକୁ କେନ୍ଦ୍ରକରି ଗୁରୁବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ମଦ ଦୋକାନୀଙ୍କ ବିରୁଦ୍ଧରେ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବିୟର ବୋତଲରେ ପ୍ରତ୍ୟେକ ବୋତଲ ପିଛା ୧୦ରୁ ୨୦ ଟଙ୍କା ଅଧିକ ନେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପଚାରିଲେ ଦୋକାନୀ ନାଲିଆଖି ଦେଖାଉଥିବା ଅଭିଯୋଗରୁ ଜଣାପଡିଛି । ଆଗକୁ ରଜ ଉତ୍ସବ ଆସୁଥିବାରୁ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଚଢା ଦରରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀ ସୁନିତା କେରକେଟା କୁହନ୍ତି ଅଭିଯୋଗର ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ ।

# ଗଣେଶ୍ୱର କ୍ଲବ ଆନୁକୂଲ୍ୟରେ ପରିବେଶ ଦିବସ



ରାସୋଳ,୫।୬(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ବାଙ୍କଟିଆ ଗ୍ରାମସ୍ଥିତ ଗଣେଶ୍ୱର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାସୋଳସ୍ଥିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ନୋଡାଲ ଅଧିକାରୀ ଅନାଦି ଚରଣ ନାଏକ, ମୁଖ୍ୟ ବକ୍ତା ଭାବେ ଜିଲା ପରିବେଶ ସଂଯୋଜକ ରତିକାନ୍ତ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ଅନୁଷ୍ଠାନର ସ୍ଥାୟୀ ସଭାପତି ଶ୍ରୀନିବାସ ମିଶ୍ର ଏବଂ ସ୍ଥାୟୀ ସମ୍ପାଦକ ରାଜେନ୍ଦ୍ର କୁମାର ପାଲ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମୀ ସହଯୋଗ କରିଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରିବେଶଗତ ପରିବର୍ତ୍ତନକୁ ପ୍ରେରଣା ଦେବା ପାଇଁ ସଚେତନତା ଅଭିଯାନ ଭଳି ପ୍ରୟାସକୁ ପ୍ରୋତ୍ସାହିତ କରିବା। ଶେଷରେ ଅନୁଷ୍ଠାନର ସଂପାଦକ ଧନ୍ୟବାଦ କରିଥିଲେ। ହିନ୍ଦୋଳ ବ୍ଲକରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏ୧, ଏ୨ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତକଡା ୯୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଢେଙ୍କାନାଳ,୫।୬(ରତନ ନାୟାର)




ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଚଳିତ ବର୍ଷର ଗ୍ଲୋବାଲ ବିଷୟବସ୍ତୁ ରହିଛି 'ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବା'। ଟାଟା ସଷ୍ଟେନେବିଲିଟି ମାସ ଅଧୀନରେ ଏହି ଉତ୍ସବ ମେ' ମାସରୁ ଆରମ୍ଭ ହୋଇ ଜୁନ୍ ଶେଷ ପର୍ଯ୍ୟନ୍ତ ଚାଲୁରହିବ । ଏହି ପରିପ୍ରେକ୍ଷୀରେ ଟିଏସ୍‌ଏମ୍ ପକ୍ଷରୁ କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ହ୍ରାସ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବପୁର ଓ ନୂଆଗାଁରେ ଗଣ ସଫେଇ କାର୍ଯ୍ୟକ୍ରମ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟିଏସ୍‌ଏମ୍ ପକ୍ଷରୁ ଇସ୍ପାତ ଓ ଶକ୍ତି ଶିଳ୍ପରେ କଠିନ ବର୍ଜ୍ୟବସ୍ତୁ, ଫ୍ଲାଏଆସ୍ ଓ ଜଳ ପରିଚାଳନା ଉପରେ ଏକ ସୂଚନାଧର୍ମୀ ୱେବିନାର୍ ଆୟୋଜନ କରାଯାଇଥିଲା। କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗକୁ ପ୍ଲାଣ୍ଟ ଭିତରେ ପ୍ଲାଷ୍ଟିକ ବର୍ଜ୍ୟମୁକ୍ତ ଜୋନ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୁଳର ଆଞ୍ଚଳିକ ଅଧିକାରୀ ଡ. ରମେଶ ଏକ୍କାଙ୍କ ଦ୍ୱାରା ଏକ ବିଶେଷଜ୍ଞ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ପ୍ଲାଷ୍ଟିକ ପ୍ରଦୂଷଣ ଶେଷ କରିବା ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ସର୍କୁଲାର ସମାଧାନ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ର ବରିଷ୍ଠ ନେତୃତ୍ୱ ମଣ୍ଡଳୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସେହିପରି କମ୍ପାନୀ ପକ୍ଷରୁ ଏକ ସ୍ଲୋଗାନ ପ୍ରତିଯୋଗିତା ଏବଂ 'ଶ୍ରେଷ୍ଠ ପରିବେଶ ସଂଯୋଜକ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜୈବ ବିବିଧତା ଉପରେ ପ୍ରତ୍ୟକ୍ଷ ଜ୍ଞାନ ପାଇଁ ଟିଏସ୍‌ଏମ୍‌ର ବିଭିନ୍ନ ବିଭାଗର ପରିବେଶ ସଂଯୋଜକମାନେ କାରଖାନା ନିକଟରେ ନିର୍ମାଣ କରାଯାଇଥିବା ଜୈବ ବିବିଧତା ପାର୍କ ପରିଦର୍ଶନ କରିଥିଲେ। ନିଜ ପ୍ରତିବଦ୍ଧତା ପ୍ରତିପ୍ରମାଣ ସ୍ୱରୂପ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ତରଫରୁ କାରଖାନା ଓ ଟାଉନସିପ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା।

# ଫଳ ଓ ଔଷଧୀୟ ଚାରା ରୋପଣ

ଢେଙ୍କାନାଳ,୫।୬(ରତନ ନାୟାର)

ଢେଙ୍କାନାଳ ଫାଉଣ୍ଡେସନ ଫର ୱାଇଲ୍ଡ ଲାଇଫ୍ କଞ୍ଜରଭେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗୁରୁବାର ବିଭିନ୍ନ ସ୍କୁଲ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଫଳ ଓ ଔଷଧୀୟ ଚାରା ବଣ୍ଟନ କରାଯିବା ସହିତ ରୋପଣ କରାଯାଇଛି । ଅନୁଷ୍ଠାନର ସଦସ୍ୟ ସତ୍ୟକାମ ପରିଡା ଓ ଦିଲୀପ ବିଶ୍ୱାଳ ଅଁଳା, ଓଉ, ବଢିଆଳ, ଆମ୍ବ ଓ ପିଜୁଳି ଭଳି ୧୦୦ରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ କରିଥିଲେ। ଏଥିସହିତ ପରିବେଶ ସୁରକ୍ଷା, ବୃକ୍ଷର ମହତ୍ୱ ଏବଂ ଏହାର ପରିବେଶ ଉପରେ ପ୍ରଭାବ ସମ୍ପର୍କରେ ସ୍କୁଲ ଛାତ୍ରୀଛାତ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସଚେତନ କରାଯାଇଥିଲା ।

**ଭାଜପାର ବିଜୟ ଉତ୍ସବ**

ପାଲଲହଡା,(ଦିବ୍ୟଜ୍ୟୋତି ଦାଶ): ସାଧାରଣ ନିର୍ବାଚନକୁ ବର୍ଷେ ପୂରିବା ଅବସରରେ ପାଲଲହଡା ଭାଜପା ପକ୍ଷରୁ ଗୁରୁବାର ରାତିରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ କୁଲେଇଠିଆ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଜିଲା ଉପସଭାପତି ଲିଙ୍ଗରାଜ ଦାଶ, ହିମାଂଶୁ ନହରା, ବିକାଶ ନହରା, ଭାମସେନ ମାଝୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ପଲିଥିନ ବଦଳରେ କାଗଜ ଠୁଙ୍ଗା ବ୍ୟବହାର କର

ବଅଁରପାଳ,୫।୬(ସୁବାସ ସାହୁ): ସାମାଜିକ ସଙ୍ଗଠନ ସ୍ୱନ୍ଦନ ଏବଂ ଉତ୍କଳ ୟୁଥ୍ ଆସୋସିଏସନ ଫର୍ ସୋସିଆଲ ଡେଭଲପମେଣ୍ଟ ଶିଶୁପାଳଗଡ଼ ଭୁବନେଶ୍ୱର ତରଫରୁ ବଅଁରପାଳ ବ୍ଲକ କାଣ୍ଡସରଗଡ଼ି ବିଦ୍ୟାଜୀବନ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ନିକଟରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନା ସମାବେଶକୁ ବଅଁରପାଳ ଚେୟାରମ୍ୟାନ ଜଗନ୍ନାଥ ସାହୁ ସିଆରସିସି ଧୀରେନ କୁମାର ସାହୁ ଉଦ୍ଘାଟନ କରିଥିଲେ। ଏଥିସହ ଚଳିତ ବର୍ଷର ବିଷୟ ବସ୍ତୁ 'ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା' ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ବଜାରକୁ ବ୍ୟାଗ ନେଇଯିବା ଓ ପଲିଥିନ ବଦଳରେ କାଗଜ ଠୁଙ୍ଗା ବ୍ୟବହାର କରିବା, ଆର୍ଦ୍ର ଭୂମିର ସୁରକ୍ଷା ନେବା, ଏସି ବ୍ୟବହାର ହ୍ରାସ କରିବା, ପରସ୍ପର ବା ବଡ ସ୍ପ୍ରେ କମ୍ ବ୍ୟବହାର ସହ ଗୋଟେ ଚାରା ଲଗାଇ ତାହାର ଯତ୍ନ ନେବାକୁ ପ୍ରବର୍ତ୍ତାଇଥିଲେ। ନିଜସ୍ୱ ପଡ଼ିଆରେ ଚାରା ରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗନ୍ଧର୍ବ ଦାସ, ସୁନୀଲ ଦାସ, ବିନୋଦ ନାଏକ, ରଞ୍ଜିତ ବେହେରା, ସିପୁନ ସାହୁ, ପିଙ୍କୁ ଦେହୁରୀ, ରଞ୍ଜିତା ବେହେରା, ମନୋରମା ଦାଶ, ଜନକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱନ୍ଦନର ସଦସ୍ୟ ବିଭୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଖରୀରେ ୱାଲ ନିର୍ମାଣ ନ ହେବାରୁ ରାସ୍ତାକାମକୁ ବିରୋଧ



ବଉଣ୍ଡାଠାରେ ହେଉଥିବା ରାସ୍ତାକାମ ବନ୍ଦକରି ଅଞ୍ଚଳବାସୀ ବିରୋଧ ପ୍ରଦର୍ଶନ କରୁଛନ୍ତି।

ବଉଣ୍ଡା,୫।୬(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଉଣ୍ଡା ଠାରେ ଥିବା ଚନ୍ଦନ ପୋଖରୀର ୱାଲ ନିର୍ମାଣ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମେ ଅଞ୍ଚଳର ଏକ ପ୍ରତିନିଧିମଣ୍ଡଳୀ ଗତ ଜାନୁୟାରୀ ୨୦୨୫ରେ ଜାତୀୟ ରାଜପଥ ସମ୍ପ୍ରସାରଣ ପିଡିଙ୍କୁ ଭେଟି ଦାବିପତ୍ର ଦେଇଥିବାବେଳେ ତୁରନ୍ତ ୨ ଟି ୱାଲ ନିର୍ମାଣ ହେବ ବୋଲି କୁହାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ମାତ୍ର ୨୦ ପ୍ରତିଶତ କାମ ହୋଇପାରିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏ ଦିଗରେ ଅବହେଳା କରାଯାଉଥିବାରୁ ପ୍ରତିବାଦରେ ଗୁରୁବାର ବଉଣ୍ଡାଠାରେ ହେଉଥିବା ରାସ୍ତାକାମକୁ ବନ୍ଦକରି ଅଞ୍ଚଳବାସୀ ବିରୋଧ ପ୍ରଦର୍ଶନ କରିଥିଲେ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ୱାଲ ନିର୍ମାଣ ସାଙ୍ଗକୁ ଡ୍ରେନ୍ କାମ ସମ୍ପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣକୁ ବିରୋଧ କରିବେ ବୋଲି ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିନୋଦ ସାହୁ, ସଞ୍ଜୟ ସାହୁ, ଭୈରେନ୍ଦ୍ରମୋହନ ସାହୁ, ଗିରିଶଚନ୍ଦ୍ର ବେହେରା, ଜୟେଶ୍ୱର ସାହୁ, ସ୍ୱାଧୀନ ଟିକ୍କୁଆଳଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

# ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ

ତାଳଚେର,୫।୬ (ମନୋଜ ନନ୍ଦ): ଅନୁଗୋଳ ଜିଲା ତାଳଚେର ଥାନା ଆନନ୍ଦ ବଜାରଠାରେ ଗୁରୁବାର ଏକ ଟ୍ରକଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଲୁଆ ଗ୍ରାମର ବିଦ୍ୟାଧର ମହାନ୍ତି। ବିଦ୍ୟାଧର ହାଟ ସାରି ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଗୋଡ଼ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଜିଲ୍ଲାପାଳଙ୍କୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଳଚେର ପୋଲିସ ଘଟଣା ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମଣ୍ଡାପାଳ ଜିଲ୍ଲାଳୟରେ ତାଳଚେର ଥାନା ପ୍ରଭାରୀ ବ୍ରଜକିଶୋର ପ୍ରଧାନ ପହଞ୍ଚି ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଏଥିସହ ସହରରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ପ୍ରତିକାର ନେଇ ପ୍ରଶାସନ ସହ ଆଲୋଚନା କରିଥିଲେ।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବଉଣ୍ଡା,୫।୬(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁବାର କିଶୋରନଗର ପୋଲିସ ବିଦ୍ରପୁର ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଠମଲ୍ଲିକ ଥାନା ଗଡଖଡ଼ରୁ ଗ୍ରାମର ରାଜେନ୍ଦ୍ର ବାଘ। ନମ୍ବର ୨୦୧/୨୦୨୧ ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ କହିଛି, ୨୦୨୧ ମସିହାରେ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ୪ ବର୍ଷ ହେବ ଫେରାର ରହିଥିଲେ। ସେ ବିଦ୍ରପୁର ଅଞ୍ଚଳରେ ଲୁଚିଥିବା ଖବରପାଇ କିଶୋରନଗର ଆଇଆଇସି ବିଜୁଳି ପ୍ରଧାନଙ୍କ ସହ ଏକ ଟିମ ଚଢ଼ାଉ କରି ଗିରଫ କରିଥିବା ଅନୁଗୋଳ ଏସ୍ପି ସୂଚନା ଦେଇଛନ୍ତି।

# ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ଅନୁଗୋଳ,୫।୬(ମାନସ ବିଶ୍ୱାଳ): ବ୍ରାଉନସୁଗାର କାରବାର ଅଭିଯୋଗରେ ଅନୁଗୋଳ ଟାଉନ ଥାନା ପୋଲିସ ରାଜକିଶୋରପଡ଼ା ଅଞ୍ଚଳର ଶମ୍ଭୁ ଚନ୍ଦ୍ରା ନାୟକ (୫୫) ଓ କାହ୍ନୁ ନାଏକ (୪୮)ଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧.୨୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ପୋଲିସ କହିଛି, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଗତ ୪ ତାରିଖରେ ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇ ଦମ୍ପତିଙ୍କ ଠାରୁ ବ୍ରାଉନସୁଗାର ସହ ୩୨,୯୯୦ ଟଙ୍କା ଜବତ କରାଯାଇଥିଲା। ନଂ ୪୭୨/୨୦୨୫ରେ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତ ଦମ୍ପତିଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ଦାସ୍ପିମୟୀ ବିଶ୍ୱାଳ, ଏଏସ୍ଆଇ ଗୋବିନ୍ଦ ଚନ୍ଦ୍ର ସାହୁ, ଏଏସ୍ଆଇ ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଚଢ଼ାଉ କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କ ପରଲୋକ



ବଉଣ୍ଡା, ୫।୬(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ଧଉରାପାଲି ଗ୍ରାମର ଅବସର ପ୍ରାପ୍ତ ସୈନିକ ସୁଦାମ ଚରଣ ପ୍ରଧାନ(୮୦)ଙ୍କ ଧଉରାପାଲିସ୍ଥିତ ବାସଭବନରେ ବୁଧବାର ରାତିରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ସ୍ୱାସ୍ଥ୍ୟର କୌଣସି ଉନ୍ନତି ନ ହେବାରୁ ତାଙ୍କୁ ଘରକୁ ଫେରାଇ ଆଣାଯାଇଥିଲା। ସେଠାରେ ସେ ପରଲୋକ ଗମନ କରିଥିଲେ। ସୁଦାମ ଦୀର୍ଘ ୨୨ ବର୍ଷ ଦେଶ ସେବା କରି ୧୯୯୦ ମସିହାରେ ସେନାରୁ ଅବସର ନେଇଥିଲେ। ତାଙ୍କ ସେବାକାଳରେ ସେ ୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ସାମିଲ ଥିଲେ। ତାଙ୍କ ମୃତ୍ୟୁରେ ଧଉରାପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଥାଧାର ଭେଟେରାନ୍ସ ଆସୋସିଏସନ ବଉଣ୍ଡାର କର୍ମକର୍ତ୍ତାମାନେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାପତି, ସମ୍ପାଦକ, ସହ ସମ୍ପାଦକ, ଅବସରପ୍ରାପ୍ତ ସୈନିକ ଏବଂ ପରିବାର ତଥା ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଇସ୍ରୋ ଯୁବିକା କାର୍ଯ୍ୟକ୍ରମରୁ ଫେରିଲେ ମୁସ୍କାନ



ବନ୍ତଲା,୫।୬(ସୁଜିତ ସାହୁ): ଅନୁଗୋଳ ବ୍ଲକ ବନ୍ତଲା ପଞ୍ଚାୟତ ଚଂଡିପୁରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଅନୁଗୋଳର ଦଶମ ଶ୍ରେଣୀ ଛାତ୍ରୀ ମୁସ୍କାନ ସାହୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ଦ୍ୱାରା ଆୟୋଜିତ ଯୁବିକା (ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ- ୨୫)ରେ ସଫଳତା ସହ ଭାଗନେଇ ଗୁରୁବାର ଅନୁଗୋଳ ଫେରିଛନ୍ତି। ମୁସ୍କାନ ତାଳଚେର ବ୍ଲକ ସୋଲଡା ନିବାସୀ ସଞ୍ଜୟ କୁମାର ସାହୁ ଓ ମାନସୀ ପରିଡ଼ାଙ୍କ କନ୍ୟା। ପ୍ରକାଶଥାଉକି, ଇସ୍ରୋ ଦ୍ୱାରା ଆୟୋଜିତ ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ମୁସ୍କାନ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଜାତିବର୍ଷ ଦେଶର ପ୍ରାୟ ୩୫୦ ଛାତ୍ରଛାତ୍ରୀ ଇସ୍ରୋର ୭ଟି କେନ୍ଦ୍ରରେ ଗତ ମେ ୧୯ ରୁ ୩୦ ତାରିଖ ଯାଏ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଓଡ଼ିଶାରୁ ୯ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଅନୁଗୋଳର ଛାତ୍ରୀ ମୁସ୍କାନ, ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ର ଶ୍ରୀହରିକୋଟାରେ ଯୋଗଦାନ କରିବା ସହ କେନ୍ଦ୍ର ନିର୍ଦ୍ଦେଶକ ଏ. ରାଜାରାଜନଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ନିଜ ପ୍ରତିକ୍ରିୟାରେ ମୁସ୍କାନ କହିଛନ୍ତି, ଏଭଳି କାର୍ଯ୍ୟକ୍ରମରେ ଅଂଶବିଶେଷ ହେବା ଏକ ଗୌରବର କଥା। କାର୍ଯ୍ୟକ୍ରମରେ ମହାକାଶ ଗବେଷଣା, ରକେଟ୍ ଉତ୍କ୍ଷେପଣ, କୃତ୍ରିମ ଉପଗ୍ରହର ଉପଯୋଗିତା, ତାରକା ମଣ୍ଡଳର ଅନ୍ୱେଷଣ ଓ ଡ୍ରୋନ ସମ୍ବନ୍ଧୀୟ ଜ୍ଞାନ ଆହରଣ ଭବିଷ୍ୟତରେ ବିଜ୍ଞାନ ଓ ପ୍ରଦ୍ୟୋଗିକ କ୍ଷେତ୍ରରେ ଆଗକୁ ବଢ଼ିବାରେ ତାଙ୍କୁ ସହାୟକ ହେବ। ଛାତ୍ରୀଙ୍କ ଏହି କୃତିତ୍ୱରେ ଅନୁଷ୍ଠାନ ଅଧ୍ୟକ୍ଷ ସିବାଷ୍ଟ କୁମାର ବରାଳ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଖୁସିବ୍ୟକ୍ତ କରିବା ସହ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ପାଲଲହଡା,୫।୬(ଦିବ୍ୟଜ୍ୟୋତି ଦାଶ): ଅନୁଗୋଳ ଜିଲା ପାଲଲହଡା ଥାନା ପେଟାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ଗୁରୁବାର ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମିଳିଛି, ଉକ୍ତ ଗ୍ରାମର ଗୀତା ମୁଣ୍ଡା ଓ ତାଙ୍କ ସ୍ୱାମୀ ସିଧୁ ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସିଧୁ ଏକ ଟାଙ୍ଗିଆରେ ଗୀତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଗୀତାଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାକୁ ନେଇ ପାଲଲହଡା ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ସିଧୁ ଫେରାର ହୋଇଯାଇଛନ୍ତି।

# ପ୍ଲାଣ୍ଟ ସମ୍ମୁଖରେ ଠିକା ଶ୍ରମିକଙ୍କ ବିକ୍ଷୋଭ

ବଅଁରପାଳ,୫।୬(ସୁବାସ ସାହୁ): ଅନୁଗୋଳ ଜିଲା ନାଲ୍କୋ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକଙ୍କୁ ଗେଟପାସ୍ ମିଳୁ ନ ଥିବାରୁ ଗୁରୁବାର ଏମ୍ଏସ୍ ନାୟକ କନ୍ଷ୍ଟ୍ରକ୍ସନ ଏଲ-୧୨ ସମସ୍ତ ଠିକା ଶ୍ରମିକ ପ୍ଲାଣ୍ଟ ବାହାରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ। ଏହାହ ନାଲକୋ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଶ୍ରମିକମାନେ ଅଭିଯୋଗରେ ଦର୍ଶାଇଛନ୍ତି, ନୂତନ ଭାବେ ଟେଣ୍ଡର ପାଇଥିବା ଏମ୍ଏସ୍ ନାୟକ କନ୍ଷ୍ଟ୍ରକ୍ସନ ଏଲ-୧ ଠିକା ସଂସ୍ଥା ଠିକା ଶ୍ରମିକଙ୍କୁ ଗେଟ ପାସ୍ ବନେଇବା ପାଇଁ କୌଣସି ତତ୍ପରତା ଦେଖାଉ ନାହାନ୍ତି। ଫଳରେ ଠିକା ଶ୍ରମିକ ଓ କାରଖାନାର କ୍ଷତି ହେଉଥିବା ଠିକା ସମସ୍ୟା କମିଟି ଅଭିଯୋଗ କରିଛି। ଏହାର ସମାଧାନ ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଠିକା ସମସ୍ୟା କମିଟି ପ୍ରକାଶ କରିଛି।

# ଶୃଙ୍ଖଳା ଡାଳ ପଡ଼ି ଯୁବକ ଗୁରୁତର

ଛେଣ୍ଡିପଦା,୫।୬(ଅଜିତ୍ ଧଳ): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଡେଲି ମାର୍କେଟରେ ଶୃଙ୍ଖଳା ଡାଳ ପଡିଖମାର ଗାଁର ହରିହର ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଛେଣ୍ଡିପଦାରୁ ଖାମର ଯାଉଥିବା ୧୪୩ (ବି) ଜାତୀୟ ରାଜପଥର ବାଗଡିଆଠାରେ ରାଜପଥ ପାର୍ଶ୍ୱରେ ଥିବା ଏକ ଅଶ୍ୱତ୍ଥ ଗଛ ଓ ବର ଗଛ ମୂଳରେ ବିପଦ ସଙ୍କୁଳ ଅବସ୍ଥାରେ ଡେଲି ମାର୍କେଟ ଚାଲିଛି। ବୃକ୍ଷ ୨ଟି ବହୁ ପୁରାତନ ହୋଇଥିବାରୁ ଗଛରେ ବହୁ ଡାଳ ଶୁଖି ରହିଛି। ଗୁରୁବାର ସକାଳେ ଡେଲି ମାର୍କେଟ ଚାଲିଥିବାବେଳେ ହଠାତ୍ ଏକ ଶୃଙ୍ଖଳା ଡାଳ ଛିଡି ଯାଇଥିଲା। ଫଳରେ ହରିହର ଗୁରୁତର ହୋଇଥିବାବେଳେ ୪ ଜଣ ଅଳ୍ପରେ ବର୍ତ୍ତି ଯାଇଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ବ୍ୟବସାୟୀ ଓ ଡେଲି ମାର୍କେଟ ଉପରେ ନିର୍ଭର କରୁଥିବା ଚାଷୀ ଦାବି କରିଛନ୍ତି।

# ସଖି ୱାନ୍‌ଷ୍ଟପ ସେଣ୍ଟର ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଢେଙ୍କାନାଳ,୫।୬(ରତନ ନାୟାର): ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖି ୱାନ୍‌ଷ୍ଟପ ସେଣ୍ଟର ପକ୍ଷରୁ ବିଶ୍ୱ ପରିବେଶ ଦିବସ ଗୁରୁବାର ସଖି ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଶୁଭଙ୍କର ମିଶ୍ର ମୁଖ୍ୟ ଅତିଥି ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନୀଳମଣି ଦ୍ୱିଷ୍ଟାପଚାନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତେକ ବ୍ୟକ୍ତି ଚାରାରୋପଣ କରିବା ସହିତ ଚାରା ବଡ ହେବାଯାଏ ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଖି ୱାନ୍‌ଷ୍ଟପ ସେଣ୍ଟର ଆଡମିନଷ୍ଟ୍ରେଟର ରଞ୍ଜିତା ମଞ୍ଜରୀ କର, କାଉନସିଲର ଯାଜ୍ଞସେନୀ ନାୟକ, ଲିପ୍ସା ପାତ୍ର, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସ୍ୱାଗତିକା ସାହୁ, କର୍ମଚାରୀ ମେନକା ଜେନା, ଯଶୋବନ୍ତି ବେହେରା, ମାମାଲି ପ୍ରଧାନ, ନିର୍ବେଦନା ପ୍ରଧାନ, ସଞ୍ଜିତା ନାୟକ ଓ ସୁବାଶିଷ ବିହାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**ଜିଲ୍ଲାକୁ ତଦନ୍ତ ଦାବିକଲେ ଗ୍ରାମବାସୀ**

ଢେଙ୍କାନାଳ,୫।୬(ରତନ ନାୟାର): ଢେଙ୍କାନାଳ ଜିଲା ସଦର ବ୍ଲକ ତାଳବରକୋଟ ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ଯେଉଁ ବାବଦରେ କରାଯାଉଥିବା ବେଳେ ମିଳିତ ଅନୁଦାନଗୁଡିକରେ ସ୍ଥାନୀୟ ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆ ନ ଯାଇ ମେସିନ ଦ୍ୱାରା କାମ କରାଯାଉଛି ବୋଲି ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଘଟଣାର ବିସ୍ତୃତ ଜିଲ୍ଲାସ୍ତରୀୟ ତଦନ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ, ଗତ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର ଆର୍ଥିକ ଅନୁଦାନକୁ ୯ଟି ପ୍ରକଳ୍ପରେ ଖର୍ଚ୍ଚ କରାଯାଇଥିବା ଦେଖାଯାଇଛି। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ପଞ୍ଚାୟତରେ ଥିବା ଯମୁନା ପୋଖରୀ, ସିଆରିଆ ପୋଖରୀ, ଖୋଲାଗଡିଆ ପୋଖରୀ, ଶବରସାହି ରାସ୍ତା ଓ ଗୋଡି ପଡିଆ ଉନ୍ନତୀକରଣ, ଯାତ୍ରା ପଡିଆ ଉନ୍ନତୀକରଣ, ବର୍ଷାଜଳ ସଂରକ୍ଷଣ ପୋଖରୀ, ଖଣ୍ଡକଟା ସାହିରେ ଥିବା ହାତୀ ପାଇଁ ଟ୍ରେଞ୍ଚରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଛି ବୋଲି ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାପଡ଼ିଛି। ମିଥ୍ୟା ମଷ୍ଟର ରୋଲ ଆଧାର କରି ସରକାରଙ୍କ ଅନୁଦାନକୁ ହଡ଼ପ କରାଯାଇଛି। ପୂର୍ବରୁ ଗ୍ରାମସଭାଙ୍କ ପକ୍ଷରୁ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଗୁରୁବାର ରାଜ୍ୟ ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ବିଭାଗର କମିଶନର ସଚିବଙ୍କ ନିକଟକୁ ଇ-ମେଲ ଯୋଗେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ସଦର ବ୍ଲକ ବିଡିଓ ରାହୁଲ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରା ସପ୍ତାହ ମଧ୍ୟରେ କିଛି ଗତ ଦୁଇ ଦିନରେ ମଧ୍ୟରେ ଏହା କୌଣସି ଅଭିଯୋଗ ମୋ ପାଖକୁ ଆସିନାହିଁ। ଅଭିଯୋଗ ମିଳିଲେ ପଦକ୍ଷେପ ଗ୍ରହଣ କରାଯିବ।

**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

ଟେଣ୍ଡର ବିଜ୍ଞପ୍ତି ନଂ. Sr.DMM/KUR/EP/2025-26/02, ତା.04.06.2025

କ୍ରମ ସଂ.01: ଟେଣ୍ଡର ନଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ ଇତ୍ୟାଦି ନିମନ୍ତେ ଜୋଗଲ୍ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।

ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ଦିନ 1500 ଘଣ୍ଟାରେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-208/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.17/ET/SBP/ENGG/2025-26, ତା.28.05.2025ରିଖ

(1)ଇ-ଟେଣ୍ଡର ସଂ.08-eT-DENS-SBP-25

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଉତ୍ତର ... H-ବିମ୍ ସ୍ଲିପର 2253 ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 9,24,30,694.94, ...: 6,12,200/-

(2)ଇ-ଟେଣ୍ଡର ସଂ.17-eT-DENS-SBP-25

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ଉତ୍ତର ... TRR(P)-2.400 Tkm, TRR(S)-4.800 Tkm, CTR(P)-5.959 Tkm ଏବଂ CTR(S)-8.073 Tkm, TTR(M)-CROSSOVERS (16 ରେ 1-12 ସେଟ୍ ଏବଂ 12 ରେ 1-37 ସେଟ୍) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 7,03,96,766.79, ...: 5,02,000/-

(3)ଇ-ଟେଣ୍ଡର ସଂ.24-eT-DENE-SBP-25

କାର୍ଯ୍ୟର ନାମ: 02 (ଦୁଇ) ବର୍ଷ ... ସିନିୟର ସେକ୍ସନ ଇଂଜିନିୟର (P.Way)/ ... (P.Way)/ ... (TATA-207 DI ...) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 50,13,664.32, ...: 1,00,300/-, ...: 5,900/-

(4)ଇ-ଟେଣ୍ଡର ସଂ.02-eT-SETT-SBP-25

କାର୍ଯ୍ୟର ନାମ: 24 ମାସ ଅବଧି ନିମନ୍ତେ ... ସମ୍ବଲପୁର ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 38,76,315.85, ...: 77,600/-

... 12 ମାସ ... 24 ମାସ ...

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା. 25.06.2025 ଦିନ 1500 ଘଣ୍ଟାରେ ...

... www.ireps.gov.in ...

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର

PR-199/Q/25-26

**ୟୁନିଅନ ବ୍ୟାଙ୍କ Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାନ୍ଧୀ ପ୍ଲେସ୍‌ର ପ୍ଲଟ୍, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୨୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ କାରଣ ଦର୍ଶାଅ ନୋଟିସ ଦ୍ୱାରା ସୁଚନା ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର ଉକ୍ତ ଶାଖା ପରିସରରେ ତା.୨୪.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କ କ୍ଷତି ଅର୍ଥ ସ୍ଥିରେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇଯାଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ବେଲଗୁଣ୍ଠା ଶାଖା, ମେନ୍ ରୋଡ୍, ହାଟପଦା, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ-୭୬୧୧୧୯, ମୋ: ୭୦୦୮୫୩୯୭୦୬** | | |
| ୧. | ରାଜେଶ କୁମାର ପରିଡ଼ା, ପିତା: ବିପ୍ର ଚରଣ ପରିଡ଼ା, ସା: ଜେକା ପଳାଳ, ପୋ: ବଙ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୯ / ୧୮୫୨୧୬୫୪୦୦୦୦୫୮୬ | ୧୭.୮୫ | ୨୦.୮୦ |
| | **ବ୍ରହ୍ମପୁର-୨ ଶାଖା, ପି.ବି.ନଂ.୧୯, ଚିନ୍ନା ବଜାର, ହନୁମାନ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୨, ମୋ: ୭୩୭୦୨୫୨୪୯୪** | | |
| ୧. | ସନ୍ତୋଷିନୀ ସାହୁ, ସା: ଲକ୍ଷ୍ମୀନଗର ଟ୍ରାଭାଲି, କେନାଲ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ / ୦୪୪୨୧୬୫୪୦୦୦୦୫୪୮ | ୨୩.୦୦ | ୨୮.୬୦ |
| | **ଏସ୍‌ଏମ୍‌ଇ ଜଗନ୍ନାଥପୁର ଶାଖା, ଏନ୍‌ଏଚ୍-୧୬, ଜଗନ୍ନାଥପୁର ଜଙ୍କସନ୍, ଜଗନ୍ନାଥପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ-୭୬୦୦୦୭, ମୋ: ୭୦୪୦୨୭୨୫୨୧** | | |
| ୧. | କେ ଜଗନ୍ନାଥ ରେଡ୍ଡି, ସା: ରଘୁନାଥପୁର ଜଙ୍କସନ, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / ୧୦୮୮୧୬୫୪୦୦୦୦୨୨୭ | ୨୬.୨୦ | ୨୯.୪୦ |
| ୨. | କେ ଜଗନ୍ନାଥ ରେଡ୍ଡି, ସା: ରଘୁନାଥପୁର ଜଙ୍କସନ, ନରେନ୍ଦ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୭ / ୧୦୮୮୧୬୫୪୦୦୦୦୨୩୭ | ୧୪.୦୦ | ୧୬.୩୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ବାବଦ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଦିନର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଗ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାରରେ ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି କରିବା ପରେ ହିଁ ଅନ୍ୟ ଆକାରରେ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ ବିନା କୌଣସି କାରଣ ଦର୍ଶାଇ ନିଲାମ ରଦ୍ଦ କରିବା କିମ୍ବା ସ୍ଥଗିତ କରିବାର ଅଧିକାର ରଖେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣଯୋଗ୍ୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦ୍ରବ୍ୟଗୁଡ଼ିକର ଡେଲିଭରି ପାଇବା ପାଇଁ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ହୋଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ବ୍ୟକ୍ତିଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଉଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ଅମାନତ ରାଶି ବାଜ୍ୟାପ୍ତି କରିପାରିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୬.୨୦୨୫ — ଶାଖା ପ୍ରବନ୍ଧକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVARAIPUR, ATAL NAGAR**
**(CENTRAL TENDER CELL) E-Procurement Tender Notice**
**Main Portal : https://eproc.cgstate.gov.in**

Tenders are invited for the Following works :-

| S. No. | System Tender No./ Date | Name of Work | PAC Amount (Rupees in lacs) |
|---|---|---|---|
| 1 | 169396 Second Call 27.05.2025 | Construction of Adbhar to Bundeli Road Length 3.00 Km. | 426.62 |
| 2 | 169399 Third Call 27.05.2025 | RECONSTRUCTION WORK OF HIGH LEVEL BRIDGE ON RAIGARH BY PASS GOVERDHANPUR-RAMPUR ROAD ACROSS KELO RIVER. | 235.75 |
| 3 | 169254 First Call 27.05.2025 | Construction of Bithaldah to Bharrapara Road Via Mahamaya Length 1.775 Km. | 240.51 |
| 4 | 169256 First Call 27.05.2025 | Widening & Strengthening of Sargaon to Khapri Road Length 3.50 Km. | 284.16 |
| 5 | 169268 First Call 27.05.2025 | Strengthening of Baitalpur Madku Road Length 3.60 Km. | 366.51 |
| 6 | 169270 First Call 27.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS RIVER ON TURIPAR KALEWA ROAD. | 405.51 |
| 7 | 169304 First Call 28.05.2025 | 1). CONSTRUCTION OF PALIDIH BASTI TO LAKHJHAR (PETROL PUMP) ROAD, LENGTH 2.60 KM. DISTT.-JASHPUR (C.G.) (WORK CODE-W29178). 2) CONSTRUCTION OF SARAITOLA TO BARPARA APPROACH ROAD, LENGTH 3.20 KM. DISTT.-JASHPUR (C.G)(Work code-W29128). 3) CONSTRUCTION DARRAPARA, ROAD, LENGTH 3.20 KM. DISTT.-JASHPUR (C.G.)(Work code-W279902). | 795.63 |
| 8 | 169400 Second Call 29.05.2025 | FIRE FIGHTING WORK AT GOVT. MEDICAL COLLEGE RAIPUR, I/C. ELECTRIFICATION WORK.( DEPOSIT WORK) (DN. NO.2, RAIPUR). | 240.69 |
| 9 | 169402 Second Call 29.05.2025 | CONSTRUCTION OF HIGH LEVEL BRIDGE I/C APPROACHES ACROSS TALPERU RIVER IN KM. 39/2 (BASAGUDA) ON BIJAPUR-AWAPALLI-CHINTALNAR-INJERAM ROAD. | 774.85 |
| 10 | 169420 First Call 29.05.2025 | STRENGTHENING OF VILLAGE PIPRAUL TO DEVGAI MOD AT RAMANUJGANJ, DISTT- BALRAMPUR- RAMANUJGAJ (CHALGALI ARAGAHI ROAD IN KM 29 TO 40) LENGTH 12.00 KM. | 492.81 |
| 11 | 169429 First Call 29.05.2025 | (1) CONSTRUCTION OF GRAM PANCHAYAT BANDHANPUR TO CHHATASARAI APPROACH ROAD LENGTH 2.85 KM, DISTT.- JASHPUR (Work code - W29134), (2) CONSTRUCTION OF GRAM PANCHAYAT SURAJGARH MIDDLE SCHOOL LUDEG GOTHAN APPROACH ROAD LENGTH 2.55 KM, DISTT.- JASHPUR (Work code - W29140). | 482.03 |
| 12 | 169432 First Call 29.05.2025 | (1) CONSTRUCTION OF MAIN ROAD TO SHABDMUNDA APPROACH ROAD LENGTH 2.10 KM, DISTT.- JASHPUR (Work code W29133), (2) CONSTRUCTION OF CHONGRIBAHAR GADLA MOD TO KOTGA APPROACH ROAD LENGTH 2.50 KM, DISTT.- JASHPUR (C.G.) (Work code - W27875). | 481.31 |
| 13 | 169439 First Call 29.05.2025 | Construction of Hirri to Madiyapar Road Length 2.25 Km. including Bridges & culverts At Distt.- Durg (C.G.). | 281.12 |
| 14 | 169443 First Call 29.05.2025 | CONSTRUCTION OF COMPOSITE BUILDING AT DIST.- MANENDRAGARH-CHIRMIRI- BHARATPUR (C.G.) (Work code -W25621). | 1843.18 |
| 15 | 169473 First Call 30.05.2025 | CONSTRUCTION OF COMMUNITY HALL, PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS( B-1 & B-2 BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.RAIPUR.(B&R DN.,NAVA RAIPUR). | 432.48 |
| 16 | 169474 First Call 30.05.2025 | CONSTRUCTION OF COMMUNITY HALL PARKING SHED & OTHER IMPORTANT WORK AT NEWLY BUILT RESINDENTIAL CAMPUS(C-TYPE BULGLOWS) FOR SENIOR OFFICERS AT SECTOR -18, NAVA RAIPUR,DISTT.-RAIPUR. ( B&R DN.,NAVA RAIPUR). | 410.85 |

Last Date of Tender Downloading S.No.02 date 10.06.2025, S.No.01, S.No.08 To S.No.09 date 16.06.2025. Other Tenders Date are Schedule as date 20.06.2025. For more details on the tender and bidding process please visit the above mentioned portal.

G-252601378/5

Sd./- Chief Engineer
(Central Tender Cell)
Office of Engineer In Chief
P.W.D. Nava Raipur Atal Nagar

# ଆର୍‌ସିବି ସ୍ୱପ୍ନ ସାକାର

**ଆଇପିଏଲ୍-୧୮ ବେଶ୍ ସ୍ମରଣୀୟ ହୋଇଛି। ଦୀର୍ଘ ୭୨ ଦିନରେ ୭୪ଟି ମ୍ୟାଚର ଲଢ଼େଇ ପରେ ଟ୍ରଫି ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଅଷ୍ଟମ ଦଳ ଭାବେ ଆର୍‌ସିବି ଚାମ୍ପିୟନ ହୋଇ ଅଧୁରା ସ୍ୱପ୍ନକୁ ପୂରଣ କରିଥିବାବେଳେ ୧୮ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଇପିଏଲ୍ ୧୮ ପାଇଛି ନୂଆ ବିଜେତା...**



ନିର୍ମଳ କୁମାର ମିଶ୍ର



ଅନେକ ଦୃଷ୍ଟିକୋଣରୁ ଆଇପିଏଲ୍-୧୮ ବେଶ୍ ସ୍ମରଣୀୟ ହୋଇଛି। ୧୦ଟି ଟିମ୍‌କୁ ନେଇ ଦୀର୍ଘ ୭୨ଦିନ ଓ ୭୪ଟି ମ୍ୟାଚ ବିଶିଷ୍ଟ ଲଢେଇର ପରିସମାପ୍ତି ଘଟିଛି। ଏକ ରୋମାଞ୍ଚକ ଫାଇନାଲରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଶେଷରେ ଟ୍ରଫି ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି)। ୧୮ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆଇପିଏଲ୍ ୧୮ ପାଇଛି ନୂଆ ବିଜେତା। ୮ମ ଦଳ ଭାବେ ବେଙ୍ଗାଲୁରୁ ଆଇପିଏଲ୍ ଟ୍ରଫି ଜିତି ଅଧୁରା ସ୍ୱପ୍ନକୁ ପୂରଣ କରିଛି। ତିନିଥର ଫାଇନାଲକୁ ଯାଇ ବିଫଳ ହେବା ପରେ ୨୦୨୫ରେ ସଫଳ ହୋଇଛି ଏହି ଦଳ। ୨୦୦୯ରେ ଫାଇନାଲରେ ଆର୍‌ସିବି ମାତ୍ର ୬ ରନରେ ହାରିଥିଲା। ସେହିପରି ୨୦୧୧ରେ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୫୮ ରନରେ ଏବଂ ୨୦୧୬ରେ ଭଲ ପ୍ରଦର୍ଶନ ସତ୍ତ୍ୱେ ସନରାଇଜର୍ସ ହାଇଦ୍ରାବାଦଠାରୁ ମାତ୍ର ୮ ରନରେ ପରାଜିତ ହୋଇଥିଲା। ଚଳିତ ବର୍ଷ ରଜତ ପାଟିଦାରଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇଥିଲା ଆର୍‌ସିବି। ଦଳର ଆରମ୍ଭ ଆଶାନୁରୂପ ହୋଇଥିବାବେଳେ ଲିଗ୍ ପର୍ଯ୍ୟାୟରେ ସମସ୍ତ ୭ଟି ମ୍ୟାଚ ବାହାର ଭେନ୍ୟୁରେ ଜିତି ରେକର୍ଡ କରିବା ସହିତ ୧୪ ମ୍ୟାଚରୁ ୯ଟିରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଥିଲା। ପଞ୍ଜାବ କିଙ୍ଗ୍ସ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଟେବୁଲର ଶୀର୍ଷରେ ରହିଥିଲା। ଅନ୍ୟପକ୍ଷରେ ତୃତୀୟ ସ୍ଥାନରେ ଗୁଜରାଟ ରହିଥିବା ବେଳେ ୫ ଥରର ଚାମ୍ପିୟନ ମୁମ୍ବାଇ ୪ର୍ଥ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା।

ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍ସକୁ ସହଜରେ ପରାସ୍ତ କରି ଫାଇନାଲ ଟିକେଟ ହାତେଇଥିଲା ଆର୍‌ସିବି। ଫାଇନାଲରେ ମଧ୍ୟ ସେହି ଦଳକୁ ହରାଇ ଚାମ୍ପିୟନ ହେଲା। ବିରାଟ କୋହଲିଙ୍କ ସ୍ୱପ୍ନ ସାକାର ହେଲା। ରଜତ ପଟିଦାର ଭାଗ୍ୟଶାଳୀ ଅଧିନାୟକ ହେଲେ। କୋହଲି ୧୨ବର୍ଷର ମୋଟ ୧୪୩ ମ୍ୟାଚରେ ନେତୃତ୍ୱ ନେଇ ଯାହା କରିପାରି ନ ଥିଲେ ଶେଷରେ ତାହା ପଟିଦାର କରିବାକୁ ସକ୍ଷମ ହେଲେ। ମାତ୍ର ଅନେକ ରେକର୍ଡର ଅଧିକାରୀ ହୋଇଥିଲେ କୋହଲି। ଲିଗ୍‌ର ୧୮ ସଂସ୍କରଣରୁ ୮ଟିରେ ଦଳ ପକ୍ଷରୁ ସର୍ବାଧିକ ରନ କରିଛନ୍ତି। ସଦ୍ୟ ସମାପ୍ତ ସଂସ୍କରଣରେ ଯଦିଓ ଅରେଞ୍ଜ କ୍ୟାପ୍ ପାଇନାହାନ୍ତି ତେବେ ୧୫ ମ୍ୟାଚରୁ ୬୫୭ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ଏଥିରେ ୮ ଅର୍ଦ୍ଧଶତକ ସାମିଲ ରହିଛି, ଯାହାକି ଏକ ରେକର୍ଡ। ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଚଳିତ ଆଇପିଏଲ୍‌ରେ ଅରେଞ୍ଜ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚରୁ ଗୋଟିଏ ଶତକ ଓ ୬ ଅର୍ଦ୍ଧଶତକ ସହ ୭୫୯ ରନ କରିଥିବା ବେଳେ ତାଙ୍କର ସାଥି ଖେଳାଳି ପ୍ରସିଦ୍ଧ କ୍ରିଷ୍ଣା ୧୫ ମ୍ୟାଚରୁ ୨୫ଟି ଉଇକେଟ ନେଇ ପର୍ପଲ କ୍ୟାପ୍ ହାସଲ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ ୧୬ ମ୍ୟାଚରୁ ୭୧୭ ରନ୍ ସଂଗ୍ରହ କରିବା ସହିତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଏଥିସହ ସେ ଏକମାତ୍ର ଖେଳାଳି ଭାବରେ ଖେଳିଥିବା ସମସ୍ତ ୧୬ଟି ମ୍ୟାଚର ପ୍ରତିଟି ଇନିଂସରେ ୨୫ରୁ ଅଧିକ ରନ୍ କରି ଏକ ବିରଳ ରେକର୍ଡ କରିଛନ୍ତି। ଲକ୍ଷ୍ନୌର ନିକୋଲସ ପୁରନ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ଭାବେ ସର୍ବାଧିକ ୪୦ଟି ଛକା ମାରିଥିବା ବେଳେ ଗୁଜରାଟର ସାଇ ସୁଦର୍ଶନ ବ୍ୟକ୍ତିଗତ ଭାବେ ୮୮ଟି ଚୌକା ମାରିବାରେ ସକ୍ଷମ ହୋଇଥିଲେ। ୨୦୭ ଷ୍ଟ୍ରାଇକ ରେଟ୍‌ର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ସୁପର ଷ୍ଟ୍ରାଇକର ଆୱାର୍ଡ ପାଇଛନ୍ତି ଏବଂ ଶ୍ରେଷ୍ଠ କ୍ୟାଚ୍ ପାଇଁ କାମିନ୍ଦୁ ମେଣ୍ଡିସ ପୁରସ୍କୃତ ହୋଇଛନ୍ତି। ମହମ୍ମଦ ସିରାଜ ୧୫୧ଟି ଡଟ୍‌ବଲ ପକାଇ ସ୍ୱତନ୍ତ୍ର ପୁରସ୍କାର ପାଇଥିବା ବେଳେ ଟେବୁଲର ୧୦ ନଂ ସ୍ଥାନରେ ଥିବା ଚେନ୍ନାଇ ସୁପରକିଙ୍ଗ୍ସ ଫେୟାର ପ୍ଲେ ଆୱାର୍ଡ ପାଇଥିଲା। ଦୀର୍ଘ ୧୮ବର୍ଷ ଧରି ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ଖେଳୁଥିବା ବିରାଟ କୋହଲି ୭୭୧ଟି ଚୌକା ମାରିବା ସହ ଆଇପିଏଲ୍‌ରେ ସର୍ବାଧିକ ଶତକ ଏବଂ ବ୍ୟକ୍ତିଗତ ରନ ୨୬୭ଟି ମ୍ୟାଚରୁ ୮୬୬୧ ରନ୍ ସଂଗ୍ରହ କରି ରେକର୍ଡ ବ୍ରେକ କରିଛନ୍ତି।

ପୁରସ୍କାର ଆକାରରେ ଚାମ୍ପିୟନ ବେଙ୍ଗାଲୁରୁ ଟ୍ରଫି ସହ ୨୦କୋଟି, ରନର ଅପ୍ ପଞ୍ଜାବ ୧୨.୫ କୋଟି, ତୃତୀୟ ସ୍ଥାନ ପାଇଁ ମୁମ୍ବାଇକୁ ୭କୋଟି ଓ ୪ର୍ଥ ସ୍ଥାନରେ ରହିଥିବା ଗୁଜରାଟକୁ ୬.୫ କୋଟି ମିଳିଛି। ସୀମାନ୍ତରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପାଇଁ ଆଇପିଏଲ୍ ଏକ ସପ୍ତାହ ବନ୍ଦ ରହିଥିଲା। ପରବର୍ତ୍ତୀ ମ୍ୟାଚଗୁଡିକୁ ମାତ୍ର ୬ଟି ଭେନ୍ୟୁରେ ସୀମିତ ରଖାଯାଇଥିଲା। ନିରାପତ୍ତା ଦୃଷ୍ଟିକୋଣରୁ କୋଲକାତାର ଇଡେନ ଗାର୍ଡେନ୍ସରୁ କ୍ୱାଲିଫାୟର-୨ ଓ ଫାଇନାଲକୁ ଅହମଦାବାଦକୁ ସ୍ଥାନାନ୍ତର କରିବାର ପ୍ରଭାବ ଆଇପିଏଲ ଉପରେ ପଡି ନ ଥିଲା। ଦର୍ଶକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ନିଜର ପ୍ରିୟ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଲକ୍ଷାଧିକ ଦର୍ଶକ ଫାଇନାଲ ଦେଖିବାକୁ ଅହମଦାବାଦରେ ଉପସ୍ଥିତ ରହିଥିଲେ।

ଅନେକ ଦୃଷ୍ଟିକୋଣରୁ ବେଶ୍ ସ୍ୱତନ୍ତ୍ର ହୋଇଥିଲା ଆଇପିଏଲ୍-୧୮। ମେଗା ଅକ୍ସନରେ ଖେଳାଳିମାନଙ୍କ ଉପରେ ଏକପ୍ରକାର ଟଙ୍କା ବର୍ଷା ହୋଇଥିଲା। ଏଥର ବିଦେଶୀ ଖେଳାଳିମାନଙ୍କ ଅପେକ୍ଷା ଭାରତୀୟ ଖେଳାଳିଙ୍କ ଚାହିଦା ଅଧିକ ରହିଥିଲା। ୪ ଫ୍ରାଞ୍ଚାଇଜ ନୂଆ ଅଧିନାୟକ ପାଇଥିଲେ। ଏକମାତ୍ର ବିଦେଶୀ ଖେଳାଳି ଭାବେ ପ୍ୟାଟ କୁମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଇଥିଲେ। ଲିଗ୍‌ରେ ବିଦେଶୀ ଖେଳାଳିଙ୍କ ଦବଦବା ଦେଖିବାକୁ ମିଳି ନ ଥିଲା। ତେବେ ବିଗ୍ ଫ୍ଲପ୍ ଲିଷ୍ଟରେ ରହିଥିଲେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ରିଷଭ ପନ୍ତ। ସେ ୨୭କୋଟିରେ ବିକ୍ରି ହୋଇ ମଧ୍ୟ ଅସଫଳ ରହିଥିଲେ। ଅନ୍ୟ ପକ୍ଷରେ କୋଲକାତା ନାଇଟ ରାଇଡର୍ସର ଭେଙ୍କଟେଶ ଆୟର ୨୩.୭୫ କୋଟିରେ ବିକ୍ରି ହୋଇ ମଧ୍ୟ ଦଳ ପାଇଁ ଉପଯୋଗୀ ହୋଇ ନ ଥିଲେ। ଯୁବ ଖେଳାଳିଙ୍କ ମଧ୍ୟରେ ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଭିଗ୍ନେଶ ପୁଥୁର, ଆୟୁଷ ମାହାତ୍ରେ ପ୍ରଦର୍ଶନର ଛାପ ଛାଡ଼ି ଭାରତୀୟ କ୍ରିକେଟର ଭବିଷ୍ୟତ ଭାବେ ବିବେଚିତ ହୋଇଛନ୍ତି।

୨୦୨୪ ଆଇପିଏଲ୍‌ରେ ମୋଟ ୧୨୬୦ଟି ଛକା ମାରିଥିଲେ ଖେଳାଳି। ୨୦୨୫ ଆଇପିଏଲ୍‌ରେ ୧୨୯୬ଟି ଛକା ଏବଂ ୨୨୪୯ଟି ଚୌକା ଦେଖିବାକୁ ମିଳିଥିଲା। ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଇଶାନ କିଶନ, ରିଷଭ ପନ୍ତ, ପ୍ରିୟାଂଶ ଆର୍ଯ୍ୟ, ଲୋକେଶ ରାହୁଲ, ହେନରିଚ କ୍ଲାସେନ, ମିଚେଲ ମାର୍ଶ, ସାଇ ସୁଦର୍ଶନ ଏଥର ଶତକ ହାସଲ କରିଥିବା ବେଳେ ୧୪୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ବିଭିନ୍ନ ଦଳର ବ୍ୟାଟର। ଏହା ମଧ୍ୟରେ ଚାମ୍ପିୟନ ଆର୍‌ସିବିର ବିରାଟ କୋହଲି ସର୍ବାଧିକ ୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ବେଙ୍ଗାଲୁରୁ ଦଳ ବ୍ୟାଟରସମାନେ ସର୍ବାଧିକ ୨୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ସନରାଇଜର୍ସ ହାଇଦ୍ରାବାଦ ଖେଳାଳି ସର୍ବାଧିକ ୩ଟି ଶତକ ଅର୍ଜନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ବୋଲରମାନେ ସର୍ବାଧିକ ୧୧୬ ଏବଂ ପଞ୍ଜାବ କିଙ୍ଗ୍‌ସ ବୋଲର ୯୭ଟି ଉଇକେଟ ନେଇଛନ୍ତି। ପଞ୍ଜାବ କିଙ୍ଗ୍ସ ଦଳଗତଭାବେ ମୋଟ ୩୧୪୦ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୨୯୧୨ ରନ୍ ସଂଗ୍ରହ କରିଛି। ଲିଗ୍‌ରେ ସର୍ବାଧିକ ଦଳଗତ ସ୍କୋର (୩/୨୮୯) ସନ୍‌ରାଇଜର୍ସ ହାଇଦ୍ରାବାଦ ନାମରେ ରହିଥିବାବେଳେ ସର୍ବନିମ୍ନ ସ୍କୋର କରିଛି କେକେଆର (୯୫ ରନ)। ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ୮ଥର ଲେଖାଏ ୨ଶହ ରନ୍ ସ୍କୋର କରିଛନ୍ତି। ସର୍ବାଧିକ ରନ୍ ଚେଜ୍ (୨୪୫ ରନ) ସନରାଇଜର୍ସ ନାମରେ ରହିଛି। ଗତ ଆଇପିଏଲ୍‌ରେ ଯେଉଁ ନାମୀ ଖେଳାଳି ପ୍ରଭାବହୀନ ରହିଛନ୍ତି ସେମାନଙ୍କ ମଧ୍ୟରେ ଗ୍ଲେନ ମାକ୍ସୱେଲ, ରିଷଭ ପନ୍ତ, ମହମ୍ମଦ ଶାମି, ରାଚିନ ରବୀନ୍ଦ୍ର, ମୁସ୍ତାଫିଜୁର ରହମନ ଆଦି ଅନ୍ୟତମ।

ଅନ୍ୟ ସଂସ୍କରଣ ପରି ଏଥର ମଧ୍ୟ ବିବାଦ ଆଇପିଏଲ୍‌ର ପିଛା ଛାଡ଼ିନାହିଁ। ଟୁର୍ନାମେଣ୍ଟ ମଝିରୁ ବର୍ଷା ବାଧାପ୍ରାପ୍ତ ମ୍ୟାଚ ପାଇଁ ପ୍ଲେଇଂ କଣ୍ଡିଶନରେ ପରିବର୍ତ୍ତନ, ରିଭ୍ୟୁ ସିଷ୍ଟମ୍, ଇଡେନ ଗାର୍ଡେନ୍ସ ପିଚ୍, ଖଲିଲ ଅହମଦଙ୍କ ବଲ ଟାମ୍ପରିଂ ଏବଂ ରାଜସ୍ଥାନ ରୟାଲ୍ସ ନାମରେ ମ୍ୟାଚ ଫିକ୍ସିଂ ଆଦି ଚର୍ଚ୍ଚାରେ ରହିଥିଲା। ମୋଟ ଉପରେ ଦେଖିବାକୁ ଗଲେ ନୂଆ ଚାମ୍ପିୟନ ପାଇଛି ଆଇପିଏଲ୍-୧୮। ପଞ୍ଜାବର ସ୍ୱପ୍ନ ଧୂଳିସାତ ହୋଇଛି। ପୁଣି ୧୯ତମ ସଂସ୍କରଣକୁ ଅପେକ୍ଷା।



ଏକାଧିକ ପୁରସ୍କାର ସହ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ

---

## ଅତି

ଆଇପିଏଲ୍‌ର ଅଠର ଶ' ସଂସ୍କରଣ
ହୋଇଯାଇଅଛି ଶେଷ
ପଞ୍ଜାବ କିଙ୍ଗ୍ସକୁ ଛଅ ରନ୍‌ରେ ହରାଇ
ରୟାଲ ଚାଲେଞ୍ଜର୍ସ ଦୋଷ
କଟି ଅଛି ଏହି ବର୍ଷ
ଟର୍ନିଂ ପଏଣ୍ଟ କ୍ରୁନାଲ ପାଣ୍ଡ୍ୟା
ପଞ୍ଜାବକୁ କଲା ନାଶ.....(୧)

ମନ ମରି ମରି ଯାଉଥିବା ବେଳେ
ଅଠର ବରଷ ଖଟି
ଟିମ୍‌କୁ ବିରାଟ ଚାମ୍ପିୟନ କରି
ଜିତିଛି କୋଡ଼ିଏ କୋଟି
ଆଜି ବେଙ୍ଗାଲୁରୁ ମାଟି
ଝୁରୁଅଛି ଦିବଂଗତ ଦର୍ଶକଙ୍କୁ
ମୃତ୍ୟୁ ଯା'ର ହେଲା ଏଠି.....(୨)



ଅତି ଭାବାବେଗ ଲାଇଫ ନେଇଯାଏ
ଅତିରୁ ହୁଅଇ ଇତି
ଅତି ଲୋଭ କରି ପଞ୍ଜାବ କ୍ୟାପଟେନ
ଫିଲ୍ଡିଂ ନେଲା ଟସ୍ ଜିତି
ପେଟ ଖାଲି ଗଲା ଜାତି
ସେଲ୍ଫ କନ୍ଫିଡେନ୍ସ, ଧୈର୍ଯ୍ୟ ବିରାଟକୁ
ବିଗ୍ କଲା ରାତା ରାତି.....(୩)

—ସୁବାସ ଚନ୍ଦ୍ର ପ୍ରଧାନ

---

# ଅନନ୍ୟ ଅନିମେଶ

**ଅନିମେଶ କୁଜୁର ଏବେ ଓଡ଼ିଶା କ୍ରୀଡ଼ା ମହଲରେ ଏକ ପରିଚିତ ନାମ। ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ୍ୟ ଓଡ଼ିଶାର କ୍ରୀଡ଼ା ଇକୋ ସିଷ୍ଟମ୍‌ର ସଫଳ ଉପଯୋଗ କରି ସେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡ ସହ ଅନିମେଶ ଓଡ଼ିଶା ସ୍ପ୍ରିଣ୍ଟ ଟ୍ୟାଲେଣ୍ଟଙ୍କ ହବ୍‌ଭାବେ ବିକଶିତ ହେଉଥିବା ପ୍ରମାଣିତ କରିଛନ୍ତି।**

—ପ୍ରସ୍ତୁତି: ତପନ ସ୍ୱାଇଁ

ଅନିମେଶ କୁଜୁର ଏବେ ଓଡ଼ିଶା କ୍ରୀଡ଼ା ମହଲରେ ଏକ ପରିଚିତ ନାମ। ଛତିଶଗଡ଼ ବାସିନ୍ଦା ହୋଇଥିଲେ ମଧ୍ୟ ଓଡ଼ିଶାର କ୍ରୀଡ଼ା ଇକୋ ସିଷ୍ଟମ୍‌ର ସଫଳ ଉପଯୋଗ କରି ସେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ଓଡ଼ିଶା ଏଚ୍‌ପିସିର ଅନ୍ତେବାସୀ ହୋଇଥିବାରୁ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ନିକଟରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅନିମେଶ ଜାତୀୟ ରେକର୍ଡ ସହ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଛନ୍ତି। ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିବା ସହ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ଫେଡେରେଶନ କପ୍‌ରେ ସେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୦୧୫ରେ ଧରମବୀର ସିଂ ଏହି ମହାଦେଶୀୟ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟରଭାବେ ପୁରୁଷ ୨୦୦ ମିଟରରେ ଏକ ପଦକ ଜିତିଥିଲେ। ଏବେ ୨୦୨୫ରେ ପଦକ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଅନିମେଶ। ସେ କେବଳ ଜାତୀୟ ରେକର୍ଡ ଭାଙ୍ଗି ନାହାନ୍ତି ସ୍ପ୍ରିଣ୍ଟ ଟ୍ୟାଲେଣ୍ଟଙ୍କୁ ନେଇ ଓଡ଼ିଶା ଏକ ହବ୍‌ଭାବେ ବିକଶିତ ହେଉଥିବା ସେ ପ୍ରମାଣିତ କରିଛନ୍ତି। ଛତିଶଗଡ଼ର ଗ୍ରାମାଞ୍ଚଳରେ ଏକ ର' ଟ୍ୟାଲେଣ୍ଟରୁ ଭୁବନେଶ୍ୱରରେ ଏଲିଟ ଟ୍ରେନିଂ ନେଇ ସଫଳ ହେବା ପଛରେ ତାଙ୍କର କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଇକୋସିଷ୍ଟମ୍‌ର ଅବଦାନ ଅନେକ ରହିଛି।

୨୦୦୩ ଜୁନ୍ ୨ରେ ଛତିଶଗଡ଼ରେ ଜନ୍ମିତ ଅନିମେଶ ଛୋଟ ବେଳରୁ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇଥିଲେ। ସେ ଏକ କ୍ରୀଡ଼ା ପରିବାରରେ ଜନ୍ମଗ୍ରହଣ କରିଥିଲେ। ପୋଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଥିବା ତାଙ୍କ ବାପା ଜଣେ ପୂର୍ବତନ ଆଥ୍‌ଲେଟ ଏବଂ ମା' ହେଉଛନ୍ତି ହକି ଖେଳାଳି। ଆଥ୍‌ଲେଟିକ୍ସକୁ ଆସିବା ପୂର୍ବରୁ ଅନିମେଶ ଅମ୍ବିକାପୁର ସୈନିକ ସ୍କୁଲରେ ଫରୱାର୍ଡ ଭାବେ ଫୁଟବଲ ଖେଳୁଥିଲେ। ପରେ କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କୁ ପ୍ରେରଣା ଭାବେ ଗ୍ରହଣ କରି ଆଥ୍‌ଲେଟିକ୍ସକୁ ଆପଣେଇ ନେଇଥିଲେ। ରେକର୍ଡ ବ୍ରେକିଂ ସ୍ପ୍ରିଣ୍ଟ ମାଧ୍ୟମରେ ଟ୍ରାକ୍‌ରେ ପ୍ରଭାବ ବିସ୍ତାର କରି ବିଶ୍ୱକୁ ଚକିତ କରିଥିବା ଜାମାଇକାର ଉସେନ ବୋଲ୍ଟ ସ୍ୱର୍ଣ୍ଣ ପଦକ ଜିତିବା ସହ ପରବର୍ତ୍ତୀ ପିଢ଼ିକୁ ଅନୁପ୍ରେରିତ କରିଥିଲେ।

କଠିନ ପରିଶ୍ରମର ଫଳ ୨୦୨୫ରେ ଅନିମେଶଙ୍କ ପ୍ରଦର୍ଶନକୁ ନୂଆ ସ୍ତରକୁ ନେଇଥିଲା। କୋଚିରେ ଅନୁଷ୍ଠିତ ଜାତୀୟ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଅମ୍ଲାନ ବୋରଗୋହେନଙ୍କ ନାମରେ ଥିବା ୨୦.୫୨ ସେକେଣ୍ଡର ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ସେଠାରେ ସେ ୨୦.୪୦ ସେକେଣ୍ଡ ସମୟ ନେଇଥିଲେ। ଏହି ପ୍ରଦର୍ଶନ କେବଳ ତାଙ୍କୁ ସ୍ୱର୍ଣ୍ଣ ପଦକ ଦେଇ ନ ଥିଲା, ଏସିଆନ ସିଜନ ଲିଡରଭାବେ ପ୍ରତିଷ୍ଠା ଦେଇଥିଲା। ୧୦୦ ମିଟର ଇଭେଣ୍ଟରେ ସେ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲେ। ଓଡ଼ିଶାରେ ଟ୍ରେନିଂ ନେଇ ସେ ଏକାଧିକ ଇଭେଣ୍ଟରେ ସଫଳ ହେବାର ଏହା ପ୍ରମାଣ ଥିଲା। ୨୦୨୨ରେ ୨୩ ବର୍ଷରୁ କମ୍ ଜାତୀୟ ଓପନ ଚାମ୍ପିୟନଶିପ୍ ଅବସରରେ ଅନିମେଶଙ୍କ ପ୍ରତିଭା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ମାର୍ଟିନ ଓଏନ୍ସଙ୍କ ନଜରକୁ ଆସିଥିଲା। ଅନିମେଶଙ୍କ ଶାରୀରିକ ଗଠନ ଓ ପ୍ରତିଭାରେ ପ୍ରଭାବିତ ହୋଇ ଓଏନ୍ସ ତାଙ୍କୁ ଭୁବନେଶ୍ୱର ଟ୍ରାଏଲ୍ସକୁ ଡାକିଥିଲେ। ଓଏନ୍ସଙ୍କ ତତ୍ତ୍ୱାବଧାନରେ ଏବେ ଅନିମେଶଙ୍କ ଟେକ୍ନିକରେ ଅନେକ ଉନ୍ନତି ଆସିଛି।

ଭାରତୀୟ ସ୍ପ୍ରିଣ୍ଟିଂ ଷ୍ଟେଜ୍‌ରେ ଅନିମେଶଙ୍କ ରେକର୍ଡ ବ୍ରେକିଂ ଉତ୍ଥାନ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଓଡ଼ିଶା ଆଥ୍‌ଲେଟିକ୍ସ ଏକ ପାୱାରହାଉସରେ ପରିଣତ ହେବା ପଥରେ ଥିବାର ପ୍ରମାଣ ଦେଉଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ଏଚ୍‌ପିସିରେ ବିଶ୍ୱସ୍ତରୀୟ ଟ୍ରେନିଂ ଭିତ୍ତିଭୂମି, ଅନ୍ତର୍ଜାତୀୟ ସ୍ତରର କୋଚିଂ, ସ୍ପୋର୍ଟ୍ସ ସାଇନ୍ସ ସପୋର୍ଟ ଏବଂ ଆଥ୍‌ଲେଟିକ ଡେଭଲପ୍‌ମେଣ୍ଟର ସୁବିଧା ସୁଯୋଗ ରହିଛି। ଅନିମେଶଙ୍କ ପାଇଁ ଏହି ଇକୋସିଷ୍ଟମ ବିଶେଷ ଫଳପ୍ରଦ ହୋଇଛି। ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ସହ ପୁଷ୍ଟି, ଆହତ ସମସ୍ୟାର ସମାଧାନ, ଆର୍ଥିକ ପୁରସ୍କାର ଓ ପୋଷ୍ଟ-କ୍ୟାରିୟର ପ୍ଲାନିଂ ଯୋଗୁ ଓଡ଼ିଶା ଏବେ ଆଥ୍‌ଲେଟ୍‌ଙ୍କ ଆକର୍ଷଣରେ ରହିଛି। ରାଜ୍ୟରେ ଏବେ ତୃଣମୂଳ ସ୍ତରରେ କ୍ରୀଡ଼ା ପାଇଁ ବିନିଯୋଗ, କୋଚିଂ ଡେଭ୍‌ଲପମେଣ୍ଟ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ଅନିମେଶଙ୍କ ପରି ଖେଳାଳିଙ୍କୁ ଏକ୍ସପୋଜର ଦେବା ସହ ମୋଟିଭେଟ କରୁଛି। ଏବେ ତାଙ୍କ ଟ୍ରେନିଂ ସହ ଟେକ୍ନିକରେ ଉନ୍ନତି ଉପରେ ଫୋକସ କରାଯାଉଛି। ଅନ୍ତର୍ଜାତୀୟ ପୋଡିୟମ ମଣ୍ଡନ ସହ ଅଲିମ୍ପିକ୍ସରେ ଭାଗନେବା ସ୍ୱପ୍ନ ରହିଛି। କିମ୍ବଦନ୍ତୀ ଉସେନ ବୋଲ୍ଟଙ୍କ ପରି ହେବାପାଇଁ ଯଦିଓ ଆହୁରି ଅନେକ ପଥ ରହିଛି ତେବେ ସେ ଭାରତର ଶ୍ରେଷ୍ଠ ସ୍ପ୍ରିଣ୍ଟରରେ ପରିଣତ ହେବା ପଥରେ ରହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ନେବାଠାରୁ ଆରମ୍ଭ କରି ତାଙ୍କର ଜାତୀୟ ରେକର୍ଡ ଭାଙ୍ଗିବା ସଫଳତା ଦେଶର ଅନେକ ଯୁବ ଆଥ୍‌ଲେଟ୍‌ଙ୍କୁ ପ୍ରେରଣା ଦେବ ନିଶ୍ଚିତ। ଏକାଗ୍ରତା ବଜାୟ ରଖିବା ସହ ନିକଟ ଅତୀତରେ ଯେ ଅନିମେଶ ଅନ୍ତର୍ଜାତୀୟ ସ୍ପ୍ରିଣ୍ଟିଂ ଷ୍ଟେଜ୍‌ରେ ଭାରତର ଉପସ୍ଥିତି ଜାହିର କରିପାରିବେ ଏଥିରେ ଦ୍ୱିମତ ନାହିଁ।



### ସଂକ୍ଷେପରେ...

ନାମ: ଅନିମେଶ କୁଜୁର
ଜନ୍ମ: ୨୦୦୩, ଜୁନ୍ ୨, ଛତିଶଗଡ଼
ପ୍ରିୟ ଇଭେଣ୍ଟ/ଟାଇମିଂ
୧୦୦ ମିଟର ରେସ୍: ୧୦.୨୭ ସେକେଣ୍ଡ
୨୦୦ ମିଟର ରେସ୍: ୨୦.୩୨ ସେକେଣ୍ଡ (ଜାତୀୟ ରେକର୍ଡ)
(୪x୧୦୦ ଏବଂ ୪x୪୦୦ ମିଟର ରିଲେ ରେସ୍)
ପଦକ ରେକର୍ଡ
ଏସିଆନ ଚାମ୍ପିୟନଶିପ୍: ୨୦୦ ମିଟରରେ ବ୍ରୋଞ୍ଜ୍ (ଗୁମି, ୨୦୨୫)
ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି: ୨୦୦ ମିଟରରେ ସ୍ୱର୍ଣ୍ଣ (ଦୁବାଇ, ୨୦୨୫)
ମୋଟୋନେଟ ଜିପି: ୧୦୦ ମିଟରରେ ରୌପ୍ୟ (ଜିଭାସ୍କିଲା, ୨୦୨୪)।

# ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାରରେ ୮% ଅଭିବୃଦ୍ଧି

ଭୁବନେଶ୍ୱର,୫।୬

କ୍ରମାଗତ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ଦେଶରେ ବୃଦ୍ଧି ପାଉଛି। ଏପରିକି ସବୁ କ୍ଷେତ୍ରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ହେଉଛି ବୋଲି ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ (ଆଇଏସ୍‌ଏସ୍‌ଡିଏ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାରର ତଥ୍ୟ ଆଇଏସ୍‌ଏସ୍‌ଡିଏ ପକ୍ଷରୁ ଘୋଷଣା କରାଯାଇଛି। ଆସୋସିଏସନର ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୪.୮୫ ମିଲିୟନ ଟନ୍ ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୮%


ରତନ ଜିନ୍ଦଲ

ଅଧିକ ବୋଲି କୁହାଯାଉଛି।

୨୦୪୭ ସୁଦ୍ଧା ଭାରତ ୪୦ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ସବୁଜ ଶକ୍ତି, ଇଥାନଲ୍, ଜଳ ସଂରକ୍ଷଣ, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ କ୍ଷେତ୍ରରେ ପ୍ରୟୋଗ ବୃଦ୍ଧି ଯୋଗୁ ୨୦୪୦ ଆର୍ଥିକ ବର୍ଷ ସୁଦ୍ଧା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୧୨.୫-୧୨.୭ ମେଟ୍ରିକ୍ ଟନ୍ ଏବଂ ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ୧୯-୨୦ ମେଟ୍ରିକ୍ ଟନକୁ ବୃଦ୍ଧି ହେବ ବୋଲି ଆଇଏସ୍‌ଏସ୍‌ଡିଏ ଆକଳନ କରିଛି। ଏ ସମ୍ପର୍କରେ ଆଇଏସ୍‌ଏସ୍‌ଡିଏର ଅଧ୍ୟକ୍ଷ ରାଜାମଣି କୃଷ୍ଣମୂର୍ତ୍ତି କହିଛନ୍ତି, ସମଗ୍ର ବିଶ୍ୱ ସ୍ଥାୟିତା ଓ ସୁଦୃଢ଼ ଭିତ୍ତିଭୂମି ଆଡ଼କୁ ଗତି କରୁଥିବାବେଳେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ପ୍ରାସଙ୍ଗିକତା ବଢ଼ିବାରେ ଲାଗିଛି। ତଥାପି ଶସ୍ତା ମୂଲ୍ୟର ଆମଦାନୀ ଘରୋଇ ଉତ୍ପାଦନକାରୀଙ୍କୁ ଚ୍ୟାଲେଞ୍ଜ କରୁଛି। ଆଇଏସ୍‌ଏସ୍‌ଡିଏ କ୍ରମାଗତ ଭାବେ ଏହି ବିପଦ ପ୍ରତି ସତର୍କ କରାଇ ଆସୁଛି ଏବଂ ଆସୋସିଏସନ ଜୋର ଦେଇ କହିଛି, ଅନିୟନ୍ତ୍ରିତ ବାଣିଜ୍ୟ। ବିଶେଷକରି ଚାଇନା ଏବଂ ଭିଏତ୍‌ନାମ ପରି ଦେଶରୁ ଆମଦାନୀ, ଏହି କ୍ଷେତ୍ରରେ ଘରୋଇ ଉତ୍ପାଦନ ଏବଂ ନିଯୁକ୍ତିକୁ ପ୍ରଭାବିତ କରିପାରେ ବୋଲି ଆକଳନ କରିଛି। ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରି (ଇସ୍ପାତ ଶିଳ୍ପ) ର ଅଭିବୃଦ୍ଧି ପାଇଁ ଉଭୟ ସରକାର ଓ ଶିଳ୍ପ ଅଂଶୀଦାରମାନେ ସତର୍କ ରହିବା, ଆମଦାନୀ ଉପରେ ତୀକ୍ଷଣ ନଜର ରଖିବା ଏବଂ ଆବଶ୍ୟକ ପଦକ୍ଷେପରୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ ରହିଛି। ଭାରତରେ ସ୍ଥାପିତ ଷ୍ଟେନ୍‌ଲେସ୍ ଇସ୍ପାତ କ୍ଷମତା ୭.୫ ମେଟ୍ରିକ୍ ଟନ୍ ରହିଛି। ବର୍ତ୍ତମାନ ଏହାର ବ୍ୟବହାର ପ୍ରାୟ ୬୦% ରହିଛି, ଯଦି ଉପଯୁକ୍ତ ନୀତି ଏବଂ ଚାହିଦା ବଜାୟ ରୁହେ ତେବେ ଏଥିରେ ବୃଦ୍ଧି ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ଏ ନେଇ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧ୍ୟକ୍ଷ ରତନ ଜିନ୍ଦଲ କହିଛନ୍ତି, ଯଦି ଭାରତ ପ୍ରକୃତରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବାକୁ ଚାହୁଁଛି, ତେବେ ଷ୍ଟେନ୍‌ଲେସ୍ ଷ୍ଟିଲ ଏହାର ସବୁଠାରୁ ଶକ୍ତିଶାଳୀ ଭିତ୍ତିଭୂମି ହେବା ଆବଶ୍ୟକ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରୋଜେକ୍ଟ କରିବ ଏସିଏମ୍‌ଇ ଗ୍ରୁପ୍

ଭୁବନେଶ୍ୱର,୫।୬

ଭାରତର ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ଏସିଏମ୍‌ଇ ଗ୍ରୁପ ଓଡ଼ିଶାର ଗୋପାଳପୁରଠାରେ ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରୋଜେକ୍ଟ ଆରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ଏହାର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନକରିବା ପାଇଁ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ସେହିଭଳି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ଠାରେ ଟାଟା ଷ୍ଟିଲ୍ ସ୍ପେଶିଆଲ ଇକୋନୋମିକ ଜୋନ୍ (ଟାଟା ଏସ୍‌ଇଜେଡ୍)ରେ ଗୁରୁବାର ୫ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସରକାରୀ ଅଧିକାରୀ, ବ୍ୟବସାୟିକ ଲିଡର ଓ ଏସିଏମ୍‌ଇ ଗ୍ରୁପ୍ ଅଧିକାରୀମାନେ




ଉପସ୍ଥିତ ଥିଲେ। ସେହିପରି ଟାଟା ଏସ୍‌ଇଜେଡ୍ ମଧ୍ୟରେ ଏସିଏମ୍‌ଇ ଗ୍ରୁପର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରାଯିବ, ଯାହା କଠିନ ଶିଳ୍ପ କ୍ଷେତ୍ରଗୁଡ଼ିକୁ ଡିକାର୍ବୋନାଇଜ କରିବା ଏବଂ ଏକ ସବୁଜ ଭବିଷ୍ୟତ ପ୍ରତି ଭାରତର ରୂପାନ୍ତରଣକୁ ସମର୍ଥନ କରିବା ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି।

ଏସିଏମ୍‌ଇ ଗ୍ରୀନ୍ ହାଇଡ୍ରୋଜେନ୍ ଏସ୍‌ବିୟୁର ସିଓଓ ଅନୀଲ କୁମାର ତପାଡ଼ିଆ କହିଛନ୍ତି, ଏସିଏମ୍‌ଇ ଗ୍ରୁପ ଭାରତରେ ନିଜର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ୍ ସହ ଜଡ଼ିତ ହୋଇ ନିଜକୁ ଭାଗ୍ୟଶାଳୀ ମନେ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ଦ୍ରୁତ ଉଦ୍ୟୋଗୀକରଣ ବିକଶିତ ହେଉଛି। ଏଠାରେ ବିକଶିତ କରାଯାଉଥିବା ଗ୍ରୀଡ୍-କେନ୍ଦ୍ରିତ ଇକୋସିଷ୍ଟମ ଆମକୁ ଏକ ସବୁଜ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ସୁଯୋଗ ଦେଉଛି, ବିଭିନ୍ନ କ୍ଷେତ୍ରକୁ ଡିକାର୍ବୋନାଇଜ କରିବା ଲାଗି ଅଭିନବ ସମାଧାନ ପ୍ରଦାନ କରିବାର ଆମର ଲକ୍ଷ୍ୟକୁ ଅନୁସରଣ କରିବାକୁ ସକ୍ଷମ କରୁଛି। ଆମ ପ୍ରକଳ୍ପର କାର୍ଯ୍ୟାରମ୍ଭ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ ହେବ। ଗୋପାଳପୁରରେ ଟାଟା ଏସ୍‌ଇଜେଡ୍ ମଧ୍ୟରେ ଏସିଏମ୍‌ଇ ଗ୍ରୁପ୍ ୪,୦୦,୦୦୦ ଟନ୍ ଗ୍ରୀନ୍ ଆମୋନିଆର ବାର୍ଷିକ କ୍ଷମତା ସହ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବ।

# ଆଜିଠାରୁ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍

## ଭୁବନେଶ୍ୱରରେ ୩ ଦିନିଆ ମେଗା କାର୍ନିଭାଲ୍

ଭୁବନେଶ୍ୱର,୫।୬ (ଅଭୟ ଦାଶ)

ଉତ୍କଳ ବିଲ୍ଡର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୩ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଗ୍ରାଣ୍ଡ ପ୍ରପର୍ଟି ସେଲ୍' ଶୁକ୍ରବାରଠାରୁ ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ଲାଇଫ ହୋଟେଲଠାରେ ଆରମ୍ଭ ହେଉଛି। ଏହି ୩ ଦିନିଆ ମେଗା କାର୍ନିଭାଲ୍ ୨୦୨୫ ଜୁନ୍ ୬ରୁ ୮ ପର୍ଯ୍ୟନ୍ତ ଜାରି ରହିବ। ଏ ନେଇ ଉତ୍କଳ ବିଲ୍ଡର୍ସ ଗୁରୁବାର ଭୁବନେଶ୍ୱରର ୟୁନିଟ୍-୯ସ୍ଥିତ ଲାଇଫ୍ ହୋଟେଲରେ ଏକ ଖବରଦାତା ସମ୍ମିଳନୀ କରିଥିଲା। ଏହି ଅବସରରେ ଉତ୍କଳ ବିଲ୍ଡର୍ସର ଏମ୍‌ଡି ଶରଦ ବୈଦ ଏବଂ ନିର୍ଦ୍ଦେଶକ ଅମିତ ବୈଦ ପ୍ରମୁଖ ଯୋଗଦେଇ ଗ୍ରାଣ୍ଡ ପ୍ରପର୍ଟି ସେଲର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ




ଆଲୋକପାତ କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ୩ ଦିନିଆ ମେଗା କାର୍ନିଭାଲ୍‌ରେ ଉତ୍କଳ ବିଲ୍ଡର୍ସ ପକ୍ଷରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁଯୋଗ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏହି ସେଲ୍‌ର ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଉତ୍କଳ ବିଲ୍ଡର୍ସର ଏମ୍‌ଡି ଶରଦ ବୈଦ କହିଛନ୍ତି, ଏହି କାର୍ନିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ। ଭୁବନେଶ୍ୱରରେ ଉତ୍କଳ ବିଲ୍ଡର୍ସ ଦ୍ୱାରା ପ୍ରସ୍ତୁତ ଅନେକ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ନିର୍ମାଣ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ।

ସେହିଭଳି ଉତ୍କଳ ବିଲ୍ଡର୍ସର ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି, ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ପ୍ଲାଟଫର୍ମ ସୃଷ୍ଟି କରିଛୁ। ଏପରିକି ଶିଳ୍ପରେ ଏକ ବିରଳ ଭିତ୍ତି ସୃଷ୍ଟି କରିବା ପାଇଁ ଆମେ ସଫଳ ହୋଇପାରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ଉତ୍କଳ ବିଲ୍ଡର୍ସ ତା'ର ୩୫ତମ ଗୌରବମୟ ବର୍ଷ ପାଳନ କରୁଛି। ଦୀର୍ଘ ୩୫ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ଗ୍ରାହକ ଉତ୍କର୍ଷ ପାଳନ ଅବସରରେ 'ଉତ୍କଳ'ର ଯାତ୍ରା ଭିନ୍ନ ଏକ ମାଇଲଖୁଣ୍ଟ ପାଲଟିଛି, ଯାହା ପ୍ରଥମ ଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଏହି ପରିପ୍ରେକ୍ଷୀରେ ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ୱପ୍ନ ଅଫର୍, ଆକର୍ଷଣୀୟ ଉପହାର ଓ ସୁବିଧାଗୁଡ଼ିକୁ ନେଇ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଡେଭେଲପର ଦ୍ୱାରା ପ୍ରସ୍ତୁତ ସମ୍ପତ୍ତିର ମାଲିକ ହୋଇପାରିବେ। ଗତ ସାଢ଼େ ୩ ଦଶନ୍ଧି ଧରି ଉତ୍କଳ ତା'ର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି।

# ବଜାରରେ ସିସିପିଏଲ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୫।୬

ଭାରତର ପ୍ରମୁଖ କୃଷି ରସାୟନ ସମାଧାନ କମ୍ପାନୀ କ୍ରିଷ୍ଟାଲ୍ କ୍ରପ୍ ପ୍ରୋଟେକ୍ସନ୍ ଲିମିଟେଡ୍ (ସିସିପିଏଲ୍)ର ନୂତନ ଉତ୍ପାଦ 'ଜିଭୋରା'କୁ ସର୍ବଭାରତୀୟସ୍ତରେ ଶୁଭାରମ୍ଭ କରାଯାଇଛି। ଏହା ଏକ ପରବର୍ତ୍ତୀ ପିଢ଼ିର କୀଟନାଶକ ହୋଇଥିଲାବେଳେ କପାଚାଷ କ୍ଷେତ୍ରରେ ଶୋଷକ କୀଟପତଙ୍ଗଙ୍କ ବର୍ଦ୍ଧିତ ଆହ୍ୱାନକୁ ବିଶେଷ ଭାବେ ସମାଧାନ କରିବା ପାଇଁ ଡିଜାଇନ କରାଯାଇଛି। ଜିଭୋରା ପ୍ରାୟ ୫ ଲକ୍ଷ ଏକର କପା ଚାଷ କଭର କରିବ ଏବଂ ପ୍ରମୁଖ ବଜାରରେ ୫ଲକ୍ଷରୁ ଅଧିକ ଚାଷୀଙ୍କ ସହିତ ସିଧାସଳଖ ସଂଯୋଗ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ସିସିପିଏଲ୍‌ର ଏମ୍‌ଡି (ସିପି/ଫସଲ ସୁରକ୍ଷା) ଅଙ୍କୁର ଅଗ୍ରୱାଲ କହିଛନ୍ତି, ଏକ ପ୍ରମୁଖ ଗବେଷଣା-ସମ୍ବଳିତ କୀଟନାଶକ ଜିଭୋରାର ଶୁଭାରମ୍ଭ କରିଛି ଆମେ ବେଶ୍ ଉତ୍ସାହିତ ଅଛୁ। ଜିଭୋରା କେବଳ ଏକ କୀଟନାଶକ ନୁହେଁ,ଏହା ସୁସ୍ଥ ଫସଲ ଏବଂ ଉନ୍ନତ ଲାଭ ପାଇଁ କପାଚାଷୀମାନଙ୍କ ପାଇଁ ଏକ ପ୍ରତିଶ୍ରୁତି। ଏହାର ଦ୍ୱୈତ-କାର୍ଯ୍ୟ ପ୍ରଣାଳୀ ଏବଂ ଫାଇଟୋ-ଟନିକ୍ ପ୍ରଭାବ ସହିତ ଜିଭୋରା କୀଟପତଙ୍ଗଙ୍କୁ ଦୂରକରିବା ସହ ଉଦ୍ଭିଦ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ। ଜିଭୋରା କ୍ରିଷ୍ଟାଲର ଅଧିକୃତ ବଣ୍ଟନ ନେଟ୍‌ୱର୍କରେ ୫୦ଗ୍ରାମ, ୧୦୦ଗ୍ରାମ, ୨୫୦ଗ୍ରାମ, ୫୦୦ଗ୍ରାମ ଏବଂ ୧ କେଜି ପ୍ୟାକ୍ ଆକାରରେ ଉପଲବ୍ଧ ହେବ। ସଚେତନତା ଏବଂ ଠିକ୍ ବ୍ୟବହାରକୁ ବୃଦ୍ଧି କରିବା ପାଇଁ କ୍ରିଷ୍ଟାଲ୍ ପ୍ରମୁଖ କପା ଚାଷ କରୁଥିବା ରାଜ୍ୟଗୁଡ଼ିକରେ ଗ୍ରାମସ୍ତରୀୟ ଅଭିଯାନ, ଡେମୋ ଏବଂ କୃଷକ ପରାମର୍ଶ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିବ।

ସେହିଭଳି ସିସିପିଏଲର ଭିପି (ସେଲ୍ସ ଏବଂ ମାର୍କେଟିଂ) ସୌରଭ ସତ୍ୟବାଲି କହିଛନ୍ତି, କପା ଭାରତର ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫସଲ। ଜିଭୋରା ହେଉଛି ଚାଷୀମାନଙ୍କୁ ଏକ ବିଶ୍ୱସ୍ତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି, ଯାହା ବିଭିନ୍ନ କୀଟପତଙ୍ଗ ପର୍ଯ୍ୟାୟରେ କାମ କରିଥାଏ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୫।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୪ (୪୪୩.୭୯) ପଏଣ୍ଟ ବୃଦ୍ଧି ଘଟି ୮୧,୪୪୨(୮୧,୪୪୨.୦୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୧(୧୩୦.୭୦) ପଏଣ୍ଟ ବଢ଼ି ୨୪,୭୫୧ (୨୪,୭୫୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ସୂଚକାଙ୍କଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## OFFICE OF THE PRINCIPAL
## D.D.HIGHER SECONDARY SCHOOL, KEONJHAR

No.1732, Dt.30.05.2025

**ADVERTISEMENT**

No.CAD-635:Walk-in-Interview for selection of Guest Faculty to the different subjects for the Academic Session 2025-26 will be held in the University North Campus on 16.06.2025. For details visit the University website https://dduniversity.ac.in.

OIPR- Sd./- Principal

## OFFICE OF THE REVENUE DIVISIONAL COMMISSIONER, CENTRAL DIVISION, CUTTACK

No. 6376/SSD XVI-85/2020 Dated: 03.06.2025

**NOTICE FOR PERSONAL APPEAR BEFORE SLSC, RDC (CD), CUTTACK**

No. F-26: Sri Choudhary Nayak, S/o. Niranjan Nayak had joined in Khaleswar Primary School, Barang using SC Caste Certificate M.C. No. 2808/2001 and e-CAS/909 of 2020. Fake caste allegation is under scrutiny against the above person before the State Level Scrutiny Committee, (Central Division), Cuttack. Hence, he is directed to appear before the committee in the Office of the Revenue Divisional Commissioner, Central Division, Cuttack on 06.08.2025 at 10.30 A.M. failing which proceedings will continue as per law.

Sd./- Deputy Director, SSD-Cum-Member Convener, SLSC

OIPR-

## ROURKELA SMART CITY LIMITED, Rourkela

Udit Nagar, Rourkela-769012, Email: rourkelascl@gmail.com

BID ID:- RSCL/732/2025 Date:02.06.2025

**NOTICE INVITING TENDER**
**NATIONAL COMPETITIVE BIDDING**

No.C-432: The Chief Executive Officer, RSCL invites bids from eligible contractors for the following project:

| Sl. No. | Name of the Projects | Estimated Cost of the Project Rs. |
|---|---|---|
| 1 | Landscaping Work at Rourkela One on Percentage Rate Basis. | 31.46 Lakhs |

The Tender Fees of Rs.7,100/- to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-Procurement portal of Odisha https://tendersodisha.gov.in from 04.06.2025 to 16.06.2025 (upto 17.00 Hrs. IST). Pre-Bid Meeting will be held on 10.06.2025 at 12.30 P.M. in the Conference Hall of RSCL. For queries, intending bidder may contact Ar. Sarthak Sourav Rath, Architect, RSCL vide Phone No. 8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited

OIPR-

## BHUBANESWAR DEVELOPMENT AUTHORITY

Akash Shova Building, Pt.J.N. Marg, Bhubaneswar- 751001
Visit us at: http://www.bda.gov.in/

**'e' Procurement Notice**

**BID IDENTIFICATION NO. BDA/01-EE-III/2025-26**

No.316 Dated.03.06.25

No.CAD-660: Executive Engineer, Division No.-III, BDA, on behalf of Bhubaneswar Development Authority invites Percentage Rate Bids in Single Cover System to be received in online mode only for the work detailed below.

| | | | |
|---|---|---|---|
| 1. | No.of Works | - | Extension of Yoga Pindi and Construction of Shed over Yoga Pindi in N-1 Park, Nayapalli, Bhubaneswar |
| 2. | Estimated Cost | - | Rs.11.01 Lakh |
| 3. | Period of Completion | - | 45 (Forty Five) Days |
| 4. | Tender Cost | - | Rs.7,080/- including 18% GST (Online transfer by the last date & time for receipt of bids) |
| 5. | Earnest Money Deposit (EMD) | - | 1% of estimated cost put to tender (Online transfer by the last date & time for receipt of bids) |
| 6. | Date & Time of availability of Bid | - | 05.06.2025 to 5.00 P.M. of 16.06.2025 |
| 7. | Class of Contractor | - | 'D' & 'C' |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in/. Any Addendum/ Corrigendum/ Cancellation of tender can also be seen in the said website. **N.B. The quoted rate should be all inclusive but excluding G.S.T. applicable under works contract.**

Sd./- Executive Engineer
Division No-III, BDA

OIPR-

## OFFICE OF THE REGULATED MARKET COMMITTEE, KHARIAR ROAD

AT/PO- KHARIAR ROAD, DIST-NUAPADA, Pin-766104
E-Mail: rmckhariarroad@gmail.com

**INVITATION FOR BIDS**

Bid Reference No-02
Tender Call Notice No.314, Dt.31.05.2025

No.H-11: Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. www.tendersodisha.gov.in.

| | | |
|---|---|---|
| 1 | Nature of Work | Civil Works as mentioned in website |
| 2 | Estimated Cost | Rs.14.58 Lakhs |
| 3 | Period of Completion | As per DTCN |
| 4 | Date and Time of availability of the documents in the portal | 10.00 AM of dt.02.06.2025 to 5.00 PM of dt.17.06.2025 |
| 5 | Last date/time for receipt of Bids in the Portal | 17.06.2025 by 5.00 PM |
| 6 | Name and address of the Officer Inviting Bid | Collector Nuapada-Cum-Chairman, R.M.C. Khariar Road |

Further the details can be seen from the "Procurement Portal- www.tendersodisha.gov.in.

Sd./- Collector Nuapada-Cum-Chairman
R.M.C. Khariar Road

OIPR-

## GOVERNMENT OF ODISHA
## HIGHER EDUCATION DEPARTMENT
## BHUBANESWAR

No.N-

No.PT1-HE-UE-MISC-0014-2025 28754/HE, Dtd.03.06.2025

**Advertisement for appointment of Vice-Chancellor of State Public Universities of Odisha under Higher Education Department**

Applications are invited from eligible applicants below 66 years as of 01.12.2025 (i.e. **born on or after 02.12.1959**) for the position of Vice-Chancellor in **13 Public Universities of Odisha** as listed at Annexure- A. The applicant should be a distinguished academician of proven academic and administrative excellence and a well-rounded personality with a minimum of 10 years of experience as Professor in a University system or 10 years of experience in an equivalent position in reputed research and / or academic organization.

The post carries a fixed pay of Rs. 2,10,000/- (Rupees two lakhs and ten thousand) with Special Allowance of Rs. 11,250/- per month and other usual allowances such as Dearness Allowance. Provision of pay protection is applicable for candidates belonging to Central or State Government Public University or Institution. The tenure of the Vice-Chancellor will be four years from the date he/she assumes office or till he/she attains 70 years of age; whichever is earlier.

**Instructions for Submission of Application for the Post of Vice-Chancellor of Public Universities**

Applicants are advised to strictly adhere to the following guidelines while submitting their applications:

**1. Application Format and Submission Platforms**
- Applications must be submitted physically In the prescribed format (and digitally in HIMS website of which details shared below) available for download at the Department's website www.dhe.odisha.gov.in and the websites of the concerned universities.
- Applicants are also required to fill out the required application digitally in the HIMS Portal available at: hims.odisha.gov.in/Apalication-for-post-of-VC.
- The completed physical application form must be scanned and sent via **e-mail** in **PDF format only** to **hedsec.od@nic.in**, with the subject line: **"Application for the post of Vice-Chancellor of Public Universities."**
- After the scanned copy is sent through email, applicants are required to send the hard copy of the application physically to the department at the following address with clear mention at the envelope - "Application for the post of Vice-Chancellor of Public Universities"
- **Address:** Office of Commissioner Cum Secretary, Higher Education Department, Lok Seva Bhawan, Sachivalaya Marg, Bhubaneswar-751001
- The e-mail submission must be accompanied by the physical submission through India Post Speed Post and digitally in the HIMS portal as stated above, failure of which will lead to rejection of the application.

**2. Application for Multiple Universities**
- Applicants intending to apply for more than one university must submit **a single application** clearly indicating their **order of preference**, with the most preferred university listed first.
- This order of preference must also be clearly specified in the HIMS Module.
- However, the candidates may be asked to appear for interviews for each such university separately for different Universities.

**3. Submission Deadline**
- Both the **e-mailed application (PDF format)** and the **HIMS Module** must be submitted no later than **23:55 hours on 05.07.2025**.
- **Failure to complete both submissions** (HIMS Module and email) by the specified deadline shall result in **rejection of the application.**

**4. Submission of Hard Copy**
- In addition to the online submission, a **hard copy** of the same application (as e-mailed), **duly ink-signed** and accompanied by all supporting documents, must be sent by **SPEED POST (India Post) only and not through courier** to the undersigned. Any other mode of submission of application will be liable for rejection.
- The hard copy should reach the Department's office **on or before 10.07.2025.** However, any **hard copy of the applications received after 15.07.2025** will be **rejected**, even if the same is posted before the deadline through email and HIMS Module.

**5. Other Conditions**
- In case **multiple applications** are submitted by a candidate, only the **last valid submission** digitally submitted on HIMS portal (as per timestamp of the HIMS Module) will be considered. All previous submissions shall be rejected.
- **Late applications** received after the aforementioned deadlines via email, HIMS Module, or Indian Post **will not be considered** under any circumstances.

**6. Interview Process**
- Shortlisted candidates will be called for an interview before a **three-member Selection Committee.** The venue and schedule will be communicated in due course.

Sd/- Commissioner-cum-Secretary to Government
Higher Education Department
Lok Seva Bhawan, Sachivalaya Marg
Bhubaneswar-751001, Ph.:- (0674) 2536862

OIPR-

## OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH


Ph:06622-273343

(District Child Protection Unit)
Odisha State Child Protection Society, W & CD Department, Govt. of Odisha

Letter No.______/DCPU/SNG/2025 Date:

No.g-38: [illegible]

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.-୯୯୩୮୬୭୦୪୫୦/ ଅଫିସ୍-୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ.ନଂ.-୭୦୩୮୯୦୯୦୦୯/ ଅଫିସ୍-୦୬୬୨୨-୨୭୨୨୨୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ ବୟସ | ଲିଙ୍ଗ | ଉଦ୍ଧାର ହୋଇଥିବା ତାରିଖ ଓ ସ୍ଥାନ | ଶିଶୁର ଫଟୋ |
|---|---|---|---|---|---|
| ୧ | ଗଙ୍ଗା | ୧୦ ଦିନ | ଝିଅ | ସା, ବିସା, ସୁନ୍ଦରଗଡ଼/ କ୍ରେଡ୍‌ଲ ବେବି ପଏଣ୍ଟ/ ୨୨.୦୪.୨୦୨୫ |  |

OIPR- Sd./- District Child Protection Officer, Sundargarh

## WATER CORPORATION OF ODISHA
## OFFICE OF THE MANAGING DIRECTOR

WATCO

Ground Floor, Unnati Bhawan, Housing Board Colony, Satyanagar, Bhubaneswar, Odisha - 751007
Telefax: +91-674-2391444, e-mail: mail@watcoodisha.in / mdwatcoodisha@gmail.com

**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**

Bid Identification No. WATCO(W)-5/2025-26 Dt.28.05.2025
No. 3716 / Date: 28.05.2025
[File No. WAT-2570/2025-26]

**REQUEST FOR PROPOSAL (RFP) FOR CONSULTANCY Services for Authority's Engineer for Supervision of the Work "Improvement of Drinking Water Supply with 24×7 water supply system to Sambalpur Town" on EPC Contract in the State of ODISHA**

No. C-429: The MANAGING DIRECTOR, WATCO, Bhubaneswar under the administrative control of Housing & Urban Development Department, Government of Odisha, invites proposal for engaging Authority's Engineer (AE) on the basis of National Competitive Bidding for the work detailed in the table given below. The firm is advised to examine carefully all instructions in the RFP Document.

| S. N. | Name of the Water Supply Project | Bid ID No. | Bid Security (in Rs.) (Online) | Cost of Bid Document (in Rs.) (Online) | Assignment Period |
|---|---|---|---|---|---|
| 1 | Request for Proposal (RFP) for Consultancy Services for Authority's Engineer (AE) Services for Supervision of the work "Improvement of Drinking Water Supply with 24×7 water supply system to Sambalpur Town" on EPC Contract. | WATCO (W) 05/2025-26 | 16,97,000.00 | 10,000.00 + Rs.1,800.00 GST | 24 (Twenty Four) Months/End of the Project |

The complete RFP document can be viewed/downloaded from e-procurement portal of the State Government https://tendersodisha.gov.in from 04.06.2025 (11.00 Hrs. IST) to 25.06.2025 (17.00 Hrs. IST). RFP must be submitted online. RFP through any other mode shall not be entertained.

Name & Address of the Officer Inviting RFP: The MANAGING DIRECTOR, WATCO, Ground Floor, Unnati Bhawan, Satyanagar, Bhubaneswar - 751007, Dist.: Khordha, Odisha, India, Phone# +91-674-2391444, Email: mail@watcoodisha.in / mdwatcoodisha@gmail.com

Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd./- Managing Director, WATCO




# ଘରେ ଘରେ ପହଞ୍ଚାଯିବ ଡବଲ ଇଞ୍ଜିନ ସରକାରଙ୍କ ବାର୍ତ୍ତା


ଜିଲାସ୍ତରୀୟ କର୍ମଶାଳାରେ ଢେଙ୍କାନାଳ ଏମ୍ପିଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ।

**ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଭାଜପାର ଜିଲାସ୍ତରୀୟ କର୍ମଶାଳା**

**ଅନୁଗୋଳ,୫।୬ (ମାନସ ବିଶ୍ୱାଳ)**

କେନ୍ଦ୍ରରେ ମୋଦି ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ସରକାରଙ୍କ ୧ ବର୍ଷ ପୂର୍ତ୍ତିକୁ ନେଇ ଗୁରୁବାର ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାକୁ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି ଉଦ୍‌ଘାଟନ କରି ନିର୍ବାଚନ ପୂର୍ବରୁ ସଂକଳ୍ପପତ୍ରରେ ଦଳ ଯାହା ସବୁ ଲିପିବଦ୍ଧ କରିଥିଲା ତାହାସବୁ ପର୍ଯ୍ୟାୟ କ୍ରମେ ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ତେଣୁ ଦଳର କାର୍ଯ୍ୟକର୍ତ୍ତାମାନେ ଘରେ ଘରେ ଯାଇ ଡବଲ ଇଞ୍ଜିନ ସରକାରଙ୍କ ବାର୍ତ୍ତା ପହଞ୍ଚାଇବାକୁ ଏମ୍ପି ପାଣି ଆହ୍ୱାନ ଦେଇଥିଲେ।

ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ବିକଶିତ ଭାରତର ଅମୃତକାଳ ସଂକଳ୍ପ ଯାତ୍ରା ରାଜ୍ୟ, ଜିଲା, ମଣ୍ଡଳ, ଶକ୍ତିକେନ୍ଦ୍ର ପର୍ଯ୍ୟନ୍ତ କରାଯାଇ କେନ୍ଦ୍ର ଓ ରାଜ୍ୟର କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ନିକଟରେ କିପରି ପହଞ୍ଚାଯିବ ତାହାର ବିବରଣୀ ଦେଇଥିଲେ। ଜୁନ ୨୧ରେ ଯୋଗ ଦିବସକୁ ମଣ୍ଡଳସ୍ତରରେ ଏବଂ ଜୁନ ୨୩ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସକୁ ବୁଥ୍‌ସ୍ତରରେ ପାଳନ କରାଯିବା ସହ ଜୁନ ୨୫ କଂଗ୍ରେସ ସରକାରର ଏମର୍ଜେନସି ଦିନକୁ କଳା ଦିବସ ଭାବେ ଭାଜପା ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ତଥା ବୁଦ୍ଧିଜୀବୀ ସମ୍ମିଳନୀ କରିବ ବୋଲି ପ୍ରକାଶ କରିଥିଲେ। ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ, ସହ ସଂଯୋଜକ ଭାବେ ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ପ୍ରହ୍ଲାଦ ସାମଲ ଓ ପ୍ରତ୍ୟୁଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ ମାଝୀ, ପ୍ରକାଶ ମହାରଣା, ନମିତା ଦଳବେହେରା ଓ ବିଶ୍ୱଜିତ ମିଶ୍ର, ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରହ୍ଲାଦ ସାମଲ, ଦିଲୀପ ପ୍ରଧାନ, ରୋଜାଲିନ ଦାସ, ଯଶୋବନ୍ତ ବେହେରା, ଚିତ୍ତରଞ୍ଜନ ମେହେର, ବିଶ୍ୱରଞ୍ଜନ ପ୍ରଧାନ, ଚୌଧୁରୀ ପ୍ରଧାନ ଓ ଭବାନୀ ଜ୍ୟୋତିଷରାୟଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା।

# ଏନ୍‌ଟିପିସି କଣିହାଁ ପକ୍ଷରୁ ବିଶ୍ୱ ପରିବେଶ ଦିବସ



**ତାଳଚେର,୫।୬ (ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନ କଣିହାଁ ତରଫରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଜିଏମ୍ (ଓଆଣ୍ଡଏମ୍) ସତ୍ୟ ରାମକ୍ରିଷ୍ଣା, ଆଞ୍ଚଳିକ ଅଧିକାରୀ ଓଏସ୍‌ପିସିବି (ଅନୁଗୋଳ) ରମେଶ କୁମାର ଏକ୍କା ଏହି କାର୍ଯ୍ୟକ୍ରମ ଆରମ୍ଭ କରି ପରିବେଶ ସଂରକ୍ଷଣର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବେଶ ଅନୁକୂଳ ଜୀବନଶୈଳୀ ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ବଳୟରେ ରଖିବା ପାଇଁ ଏକକ-ବ୍ୟବହୃତ ପ୍ଲାଷ୍ଟିକ ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ୍ (ରକ୍ଷଣାବେକ୍ଷଣ ଏବଂ ଏଡିଏମ୍) ଏସ୍.ଏସ୍. ରାଓ ନିର୍ଦ୍ଦେଶକ (ଅପରେଶନ)ଙ୍କ ଏକ ବାର୍ତ୍ତା ପାଠ କରି ଏନ୍‌ଟିପିସିର ସ୍ଥାୟୀ ପ୍ରତିବଦ୍ଧତା ଏବଂ ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ପ୍ଲାଷ୍ଟିକ ଅପଚୟ ହ୍ରାସ କରିବାରେ ଏହାର ସକ୍ରିୟ ଭୂମିକାକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକକ-ବ୍ୟବହାର ପ୍ଲାଷ୍ଟିକର ସ୍ଥାୟୀ ବିକଳ୍ପଗୁଡ଼ିକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କପ୍‌ବ୍ୟାଗ ବଣ୍ଟନ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। ଏହାପରେ ବାଳିକା ସଶକ୍ତୀକରଣ ମିଶନର ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କଣିହାଁ ଟାଉନଶିପ୍ ପରିସରରେ ଏକ ସାମୂହିକ ଚାରାରୋପଣ ଅଭିଯାନ କରାଯାଇଥିଲା। ପରିବେଶଗତ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ କର୍ମଚାରୀ, ଗୃହିଣୀ ଏବଂ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ମୁଖ୍ୟ, ସିଆଇଏସ୍ଏଫ୍ କର୍ମଚାରୀ, ମହିଳା କ୍ଲବ ତନଭି ସଙ୍ଗମର ସଦସ୍ୟାଗଣ, କର୍ମଚାରୀ ସଂଘ ଏବଂ କାର୍ଯ୍ୟନିର୍ବାହୀ ସଂଘର ପ୍ରତିନିଧି, ବରିଷ୍ଠ ଅଧିକାରୀ, ସ୍କୁଲର ପ୍ରଧାନଶିକ୍ଷକ ଏବଂ ପିଲାମାନଙ୍କ ଉପସ୍ଥିତି ରହିଥିଲା।

# ୪୦ରୁ ଅଧିକ ଚାରା ରୋପଣ

**ଛେଣ୍ଡିପଦା,୫।୬(ଅଜିତ୍ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଶ୍ୱ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ ଉପରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥଲେ। ଏହାସହ ବିଦ୍ୟାଳୟ ପରିସରରେ ୪୦ରୁ ଅଧିକ ଚାରାରୋପଣ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ କୃଷ୍ଣ କୁମାର ଦାସ ଓ ଶିକ୍ଷକ ସରୋଜ ଭୂତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅନୁସୂଚିତ ଜନଜାତି ଆୟୋଗ କମିଶନରଙ୍କ ସହ ଆଲୋଚନା

**ତାଳଚେର,୫।୬ (ମନୋଜ ନନ୍ଦ)**


ଅନୁସୂଚିତ ଜନଜାତି ଆୟୋଗ କମିଶନର ଡ. ଆଶା ଲାକ୍ରାଙ୍କୁ ଭେଟୁଛନ୍ତି କାଉନସିଲ କର୍ମକର୍ତ୍ତାମାନେ।

ସର୍ବ ଭାରତୀୟ ଅନୁସୂଚିତ ଜାତି/ଜନଜାତି/ପଛୁଆବର୍ଗ କର୍ମଚାରୀ ସମନ୍ୱୟ କାଉନସିଲ ତାଳଚେର କୋଲ୍ ଫିଲଡ୍ସ ପକ୍ଷରୁ ବୁଧବାର ସମ୍ବଲପୁରସ୍ଥିତ ସର୍କିଟ ହାଉସଠାରେ ଭାରତ ସରକାରଙ୍କ ଅନୁସୂଚିତ ଜନଜାତି ଆୟୋଗ କମିଶନର ଡ. ଆଶା ଲାକ୍ରାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ସହିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। କାଉନସିଲ କର୍ମକର୍ତ୍ତାମାନେ କମିଶନର ଡ. ଲାକ୍ରାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ତାଳଚେର କୋଇଲା ଖଣି ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଆଲୋଚନା କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାସହିତ କଣିହାଁ ଅଞ୍ଚଳର ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଯୁବତୀଙ୍କ ବିଷୟରେ ଅବଗତ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଅନୁରୋଧ କରିଥିଲେ। ଏହି ଆଲୋଚନା ବେଳେ ସମନ୍ୱୟ କାଉନସିଲ ସଭାପତି ଅକ୍ଷୟ କୁମାର ନାଏକ, କାର୍ଯ୍ୟକାରୀ ସଭାପତି ଜି.ଡି. ଶିଳରତ୍ନ ବୋଦ୍ଧି, ସମ୍ପାଦକ ସନ୍ତୋଷ କୁମାର ନାଏକ, ଜିତେନ୍ଦ୍ର ନାଏକ, ସନ୍ତୋଷ ନାଏକ, ସାମାଜିକ କର୍ମୀ ତଥା ଉତ୍କଳ ଆମ୍ବେଦକର ସମାଜ ସେନା ଓଡ଼ିଶା ସଭାପତି ଧର୍ମେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟାପ୍ତ ଚାରା ରୋପଣ ଉପରେ ଗୁରୁତ୍ୱ

**ବଇଣ୍ଡା,୫।୬ (ପରିକ୍ଷିତ ସାହୁ)**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆଠମଲ୍ଲିକ ତାଲୁକ ଆଇନ ସେବା କମିଟି ଓ ସ୍ଥାନୀୟ ବନବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଆଠମଲ୍ଲିକ ସିଭିଲକୋର୍ଟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱ ପରିବେଶକୁ ସୁସ୍ଥ ରଖିବା ପାଇଁ ପର୍ଯ୍ୟାପ୍ତ ଚାରା ରୋପଣ କରିବା ଓ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ୍ତ ରହିବାକୁ ସଚେତନ କରାଇବାକୁ ପଡିବ ବୋଲି ଆଲୋଚନା ହୋଇଥିଲା। ପରେ ସିଭିଲକୋର୍ଟ ପରିସରରେ, ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର, ଏସ୍‌ଡିଜେଏମ୍ ସିଙ୍କୁନ ରାୟ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, କ୍ରିମିନାଲ ବାର ସଭାପତି ଅଞ୍ଜନ କୁମାର ପ୍ରଧାନ, ପୂର୍ବତନ ସଭାପତି ଘନଶ୍ୟାମ ବେହେରା ପ୍ରମୁଖ ଚାରା ରୋପଣ କରିଥିଲେ। ଏସ୍‌ଡିଜେଏମ୍ ସିଙ୍କୁନ ରାୟ, ଆଠମଲ୍ଲିକ୍ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ,ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ, ସିଭିଲ କୋର୍ଟ କର୍ମଚାରୀ ଓ ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୫।୬ (ଉଦୀପ୍ତ ପୁରୋହିତ)**

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଓଡ଼ିଶା ଜୈବବିବିଧତା ବୋର୍ଡ ଏବଂ ପ୍ରକୃତି ପରିବେଶ ବନ୍ୟଜୀବନ ସମିତିର ମିଳିତ ଆନୁକୂଲ୍ୟରେ ଆଠମଲ୍ଲିକ ବ୍ଲକ ମାଧପୁର ବନାଞ୍ଚଳ ଅନ୍ତର୍ଗତ କୁଦଗାଁ ଜୈବବିବିଧତା ପରିଚାଳନା ସମିତିର ପୀତବାସପୁର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଧପୁର ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁ, ବନପାଳ ସନ୍ତୋଷ କୁମାର ନାୟକ, କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତୀ, କୁଦଗାଁ ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ଅଭିମନ୍ୟୁ କର୍ଣ୍ଣ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ପ୍ରିୟବ୍ରତ ବେହେରା, ଓଡ଼ିଶା ଫରେଷ୍ଟ ସେକ୍ଟର ଡେଭଲପମେଣ୍ଟ ପ୍ରୋଜେକ୍ଟ କର୍ମକର୍ତ୍ତା ଅମରେଶ ପ୍ରସାଦ ଦାସ ଏବଂ କିଶୋରୀ ବଲ୍ଲଭ ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

# ଜିଲା ଆଇନସେବା ପ୍ରାଧିକରଣ ତରଫରୁ ପରିବେଶ ଦିବସ


ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଚାରବିଭାଗୀୟ ଅଧିକାରୀମାନେ।

**ଅନୁଗୋଳ,୫।୬(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଆଇନସେବା ପ୍ରାଧିକରଣ ତରଫରୁ ବିଶ୍ୱ ପରିବେଶ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଚାରା ରୋପଣ କରାଯାଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ହୃଷୀକେଶ ଆଚାର୍ଯ୍ୟ, ପରିବାର ଅଦାଲତର ବିଚାରପତି ଚୌଧୁରୀ ପ୍ରବୀର କୁମାର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମୟୀ ଆଚାର୍ଯ୍ୟ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତ ବିଚାରପତ ସଙ୍ଗୀତା ମିଶ୍ର, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବନିଲ କୁମାର ଖଟାଇ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରିତୁଶ୍ରୀ ମହାରଣା, ଅନୁଗୋଳ ବନାଞ୍ଚଳ ଅଧିକାରୀ ନୀତୀଶ କୁମାର, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜେ ଚାରା ରୋପଣ କରିବା ସହ ଅନ୍ୟକୁ ଏଥିପାଇଁ ସଚେତନ କରିବା ବୋଲି ମତବ୍ୟକ୍ତ କରିଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପିଜୁଳି, ବେଲ, ବଉଳ, ଅଶୋକ ଆଦି ଚାରା ରୋପଣ କରାଯାଇଥଲା। ଜିଲା ଆଇନସେବା ପ୍ରାଧିକରଣର ପାରା ଲିଗାଲ ଭଲ୍ୟୁଣ୍ଟର, ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକ, ବନ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ମହାବିଦ୍ୟାଳୟରେ ଚାରା ରୋପଣ

**ଅନୁଗୋଳ,୫।୬(ଜ୍ୟୋତିରଞ୍ଜନ ସାହୁ)**




ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ଯୁବ ରେଡ୍‌କ୍ରସ୍ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷ ଡା. ନୀଳାଞ୍ଚଳ ପଟେଲଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ଡା. ମନୋରଞ୍ଜନ ମିଶ୍ର, ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ବିଶ୍ୱାଳ, ଯୁବ ରେଡ୍‌କ୍ରସ୍ ପ୍ରାଧ୍ୟାପିକା ଡା. ଶାଶ୍ୱତୀ ଶୁଭଦର୍ଶିନୀ ଓ ଖଣ୍ଡ ଅଧିକାରୀ ପବିତ୍ର ମୋହନ ବେହେରାଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା। ପୁରାତନ ଛାତ୍ର ପରିଷଦ ସଚିବ ତଥା ସତ୍ୟସାଇ ସେବା ସଙ୍ଗଠନ ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ଜିଲାର ସମସ୍ତ ମହାବିଦ୍ୟାଳୟର ନାମଲେଖା ଭାରପ୍ରାପ୍ତ ଅଧ୍ୟାପିକା ଓ ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରସ୍ୱେଚ୍ଛାସେବୀ ତ୍ରିଦେବ ପ୍ରସାଦ ନନ୍ଦ, ରାଜେନ୍ଦ୍ର ହାଁସଦା, ହରିଶଙ୍କର ଦାସ, ଦିପେଶ କୁମାର ସାହୁ ପ୍ରମୁଖ ଆନୁଷଙ୍ଗିକ ବ୍ୟବସ୍ଥା ସମାପନ କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଉପରେ ଆଲୋଚନା

**ଅନୁଗୋଳ,୫।୬ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲାଷ୍ଟିକମୁକ୍ତ ପରିବେଶ ବିଷୟବସ୍ତୁ ଉପରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ) ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଜିଲାପାଳ, ସାତକୋଶିଆ ବନ୍ୟପ୍ରାଣୀ ବିଭାଗ ଏବଂ କେନ୍ଦୁଲିଫ ବିଭାଗର ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବନ କର୍ମଚାରୀ, ଭିଏସ୍ଏସ୍ ସଦସ୍ୟ, ଇକୋ କ୍ଲବ ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ପ୍ରୟାସ କରିବା ଏବଂ ଚାରା ଲଗାଇ ସ୍ୱଚ୍ଛ, ସୁସ୍ଥ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ପରେ ପରିବେଶ ସଂରକ୍ଷଣ ଏବଂ ପ୍ଲାଷ୍ଟିକ ମୁକ୍ତ ପଦକ୍ଷେପ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଏବଂ ସଙ୍ଗଠନଗୁଡ଼ିକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# ପ୍ଲାଷ୍ଟିକ୍ ହ୍ରାସ, ସବୁଜ ଭବିଷ୍ୟତ ଉପରେ ଗୁରୁତ୍ୱ

**ଅନୁଗୋଳ,୫।୬(ମାନସ ବିଶ୍ୱାଳ)**





ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଗୁରୁବାର ପ୍ଲାଣ୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। 'ବିଟ୍ ପ୍ଲାଷ୍ଟିକ ପଲ୍ୟୁଶନ ବା ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରନ୍ତୁ' ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ଲାଣ୍ଟ ପରିସରରେ ମିନି ମାରାଥନ, ଚାରାରୋପଣ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ଜେଏସ୍‌ପି ସଭାପତି (ଇସ୍ପାତ ଓ ଉପଯୋଗିତା) ଅତୁଲ ଦୁବେ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଏଥିରେ ଅଂଶଗ୍ରହଣ କରିଥିଲେ। ଅତୁଲ ଦୁବେ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ପରେ ୫ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା।

ଏହି ଅବସରରେ ଜେଏସ୍‌ପି ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଏମ୍ପି ନବୀନ ଜିନ୍ଦଲ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଥିଲେ, ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ସୁଦୂରପ୍ରସାରୀ। ଏହା ଗୁରୁତର ଭାବେ ପରିବେଶକୁ ପ୍ରଭାବିତ କରେ। ତେଣୁ ଏକକ ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା, ପୁନଃବ୍ୟବହାରଯୋଗ୍ୟ ବିକଳ୍ପଗୁଡ଼ିକୁ ବାଛିବା ସହ ସ୍ଥାୟୀ ବିକଳ୍ପକୁ ଗୁରୁତ୍ୱଦେଲେ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆସିପାରିବ। ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ବେହେରା ପରିବେଶ ଦିବସର ପୃଷ୍ଠଭୂମି ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜେଏସ୍‌ପି ସଭାପତି (ଇସ୍ପାତ ଓ ଉପଯୋଗିତା) ଦୁବେ ସମସ୍ତଙ୍କୁ ଦାୟିତ୍ୱବାନ ହେବାକୁ ଏବଂ ନିଜ କର୍ତ୍ତବ୍ୟପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିନ୍ଦଲନଗର ଟାଉନଶିପ୍ ବ୍ୟତୀତ ଉତ୍କଳ-ସି ଖଣି ଅଞ୍ଚଳରେ ମଧ ବିଶ୍ୱପରିବେଶ ଦିବସ ପାଳନ ସହ ଇଟିପି ପ୍ଲାଣ୍ଟ ଉଦ୍‌ଘାଟନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏସ୍‌ପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜାମୁନାଳୀର କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରାକୃତିକ ପଦ୍ଧତିରେ ଚାଷ କରୁଥିବା ୪୦ ଜଣ ଚାଷୀ ସୁସ୍ଥ ପରିବେଶ ପାଇଁ ଶପଥ ଗ୍ରହଣ କରିବା ସହ ଚାରା ରୋପଣ କରିଥିଲେ। ଏଥିରେ ଗ୍ରାମର ମୁଖିଆଙ୍କ ସମେତ ସରପଞ୍ଚ ଓ ପ୍ରଗତିଶୀଳ ଚିନ୍ତାଧାରାର ଅନେକ ନେତୃସ୍ଥାନୀୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ପଞ୍ଚାୟତକୁ ଆସୁନାହାନ୍ତି ଏଡିଇଓ

**ବିଡିଓଙ୍କୁ ଅଭିଯୋଗ କଲେ ସରପଞ୍ଚ**



**ବଇଣ୍ଡା,୫।୬(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତର ଏଡିଇଓ ନଚିକେତା ପ୍ରଧାନ ଠିକ୍ ଭାବେ ପଞ୍ଚାୟତକୁ ଆସୁ ନ ଥିବା ସରପଞ୍ଚ ସୁଲୋଚନା ବୀର ଗୁରୁବାର ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସରପଞ୍ଚ ଉଲ୍ଲେଖ କରିଛନ୍ତି, ଆମ୍ବପାଳ ପଞ୍ଚାୟତରେ ନିଯୁକ୍ତି ପାଇଥିବା ଏଡିଇଓ ଠିକ୍ ଭାବରେ ଆସୁନାହାନ୍ତି। ତାଙ୍କୁ ଅନ୍ୟ ଏକ ପଞ୍ଚାୟତ ଦାୟିତ୍ୱ ବ୍ଲକ ପ୍ରଶାସନ ଦେଇଥିବା ବେଳେ ବିଭିନ୍ନ ସମୟରେ ପଞ୍ଚାୟତକୁ ଆସୁନାହାନ୍ତି। ପଞ୍ଚାୟତରେ ବର୍ତ୍ତମାନ ଏମ୍‌ଜିଏନ୍‌ଆର୍‌ଇଜିଏରେ କାମ ହେଉଥିଲେ ମଧ ଡିମାଣ୍ଡ ପଠାଉ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ଶ୍ରମିକମାନେ ମଜୁରି ଟଙ୍କା ମଧ୍ୟ ପାଇପାରୁ ନାହାନ୍ତି। ନୂତନ ଜବ୍‌କାର୍ଡ ମିଳିପାରୁନାହିଁ। ଏ ନେଇ ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ସମ୍ପୃକ୍ତ ଏଡିଇଓଙ୍କୁ ୨ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ତଥାପି ତଦନ୍ତ କରାଯିବ। ଏଡିଇଓ ନଚିକେତା ପ୍ରଧାନ କହିଛନ୍ତି, ଅନେକ ସମୟରେ ଆମ୍ବପାଳ କାର୍ଯ୍ୟ କରିବା ପାଇଁ ଯାଉଛି। ୨ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିବାରୁ ଉଭୟ ପଞ୍ଚାୟତକୁ ଯିବାକୁ ପଡୁଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୬/୨୦୨୫ | Bhubaneswar, Friday, June 6/ 2025

# ଭାରତ ବିପକ୍ଷ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ

**ଲଣ୍ଡନ, ୫।୬ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଚଳିତ ମାସ ୨୦ରୁ ଲିଡ୍ସଠାରେ ଆରମ୍ଭ ହେବ। ସିରିଜର ପ୍ରଥମ ଟେଷ୍ଟ ପାଇଁ ଗୁରୁବାର ୧୪ ଜଣିଆ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏଥିରେ ୩୬ ବର୍ଷୀୟ ଫାଷ୍ଟ ବୋଲର କ୍ରିସ୍ ଓକ୍ସଙ୍କୁ ସାମିଲ କରାଯାଇଛି। ଓକ୍ସ ଏ ପର୍ଯ୍ୟନ୍ତ ୫୭ଟି ଟେଷ୍ଟ ଖେଳି ୧୮୧ଟି ଉଇକେଟ ନେଇଛନ୍ତି ଏବଂ ୧୯୭୦ ରନ କରିଛନ୍ତି। ୨୦୧୮ ସିରିଜରେ ଲର୍ଡ୍ସଠାରେ ଭାରତ ବିପକ୍ଷରେ ଇଂଲଣ୍ଡ ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ମ୍ୟାଚରେ ସେ ୧୩୭ ରନରେ ଅପରାଜିତ ରହିବା ସହ ୪ଟି ଉଇକେଟ ନେଇଥିଲେ। ମ୍ୟାଚରେ ଇଂଲଣ୍ଡ ଏକ ଇନିଂସ ଓ ୧୫୯ ରନରେ ବିଜୟୀ ହୋଇଥିଲା। ୨୦୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ଜେମି ଓଭର୍ଟନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମେ' ୨୯ ତାରିଖରେ ବର୍ମିଂହାମଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ଅବସରରେ ତାଙ୍କ ଡାହାଣ ହାତ ଅଙ୍ଗୁଳି ଭାଙ୍ଗିଥିଲେ ମଧ୍ୟ ତାଙ୍କୁ ଦଳରେ ନିଆ ଯାଇଛି। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୩୧ ବର୍ଷୀୟ ଓଭର୍ଟନ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳିଥିଲେ। ଇଂଲଣ୍ଡ ମେଡିକାଲ ଟିମ୍ ଦୈନନ୍ଦିନ ଭିତ୍ତିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ବେନ୍ ଷ୍ଟୋକ୍ସ ଅଧିନାୟକ ମନୋନୀତ ହୋଇଥିବାବେଳେ ଏକମାତ୍ର ସ୍ପିନର ଭାବେ ସୋଏବ ବଶିର ଦଳରେ ରହିଛନ୍ତି। ଚଳିତ ଗ୍ରୀଷ୍ମଋତୁ ପ୍ରାରମ୍ଭରେ ଜିମ୍ବାୱେ ବିପକ୍ଷ ଏକମାତ୍ର ଟେଷ୍ଟରେ ବଶିର ୯ ଉଇକେଟ ନେଇଥିଲେ।



କ୍ରିସ୍ ଓକ୍ସ

ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳିଥିବା ଜ୍ୟାକବ ବେଥେଲ ଓ ପେସ୍ ବୋଲର ସାମ୍ କୁକ୍‌ଙ୍କୁ ଦଳରେ ନିଆଯାଇଛି। ସରେର ଗସ ଆଟକିନସନ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ପୀଡ଼ିତ ଥିବାରୁ ମନୋନୟନ ପାଇଁ ଉପଲବ୍ଧ ହୋଇ ନ ଥିଲେ।

ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଜବାଷ୍ଟନଠାରେ ଦ୍ୱିତୀୟ ଟେଷ୍ଟ ଜୁଲାଇ ୨ରୁ ୬ ପର୍ଯ୍ୟନ୍ତ ଖେଳାଯିବ। ଲର୍ଡ୍ସରେ ତୃତୀୟ ଟେଷ୍ଟ ଜୁଲାଇ ୧୦ରୁ ୧୪, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଚତୁର୍ଥ ଟେଷ୍ଟ ଏବଂ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ୫ମ ତଥା ଅନ୍ତିମ ଟେଷ୍ଟ ଅନୁଷ୍ଠିତ ହେବ।

**ଇଂଲଣ୍ଡ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ସୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରେଣ୍ଡନ କାର୍ସ, ସାମ୍ କୁକ୍, ଜ୍ୟାକ କ୍ରଲି, ବେନ୍ ଡକେଟ, ଜେମି ଓଭର୍ଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ, ଜୋଶ୍ ଟଙ୍ଗ୍, କ୍ରିସ୍ ଓକ୍ସ।

# ଇରାନୀ-ଭାଭାସୋରିଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**ପ୍ୟାରିସ, ୫।୬ (ଏପି)**

ତୃତୀୟ ସିଡ୍ ଇଟାଲିଆନ ଯୋଡ଼ି ସାରା ଇରାନୀ ଓ ଆନ୍ଦ୍ରିଆ ଭାଭାସୋରି ଚତୁର୍ଥ ସିଡ୍ ଆମେରିକୀୟ ଯୋଡ଼ି ଟେଲର ଟାଉନ୍‌ସେଣ୍ଡ ଓ ଇଭାନ କିଙ୍ଗ୍‌ଙ୍କୁ ୬-୪, ୬-୨ରେ ପରାସ୍ତ କରି ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମିକ୍ସଡ ଡବଲ୍ସ ଟାଇଟଲ। ହାସଲ କରିଛନ୍ତି। ଇଟାଲିଆନ ଯୋଡ଼ିଙ୍କର ଏହା ହେଉଛି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହାପୂର୍ବରୁ ସେମାନେ ଗତବର୍ଷ ୟୁଏସ୍ ଓପନ ଚାମ୍ପିୟନ ହୋଇଥିଲେ। ଇରାନୀଙ୍କ ପାଇଁ କିନ୍ତୁ ରୋଲାଣ୍ଡ ଗ୍ୟାରୋସଠାରେ ଏହା ଆଉ ଏକ ଟ୍ରଫି। ଗତବର୍ଷ ସେ ତାଙ୍କ ଦେଶର ଜସ୍ମିନୀ ପାଓଲିନିଙ୍କୁ ସାଥୀ କରି ମହିଳାଙ୍କ ଡବଲ୍ସରେ ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥିଲେ। ୩୮ ବର୍ଷୀୟା ଇରାନୀ ୨୦୧୨ ଫ୍ରେଞ୍ଚ ଓପନ ସିଙ୍ଗଲ୍ସ ରନରଅପ୍ ହୋଇଥିଲେ। ଏଠାରେ ଆସନ୍ତାବର୍ଷ ଟାଇଟଲ ଜିତିବା ପାଇଁ ସେମାନେ ଆଶା ରଖିଥିବା ସେ କୋର୍ଟ ଫିଲିପ୍-ଚାଟ୍ରିଅର ସେ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି।


ଟ୍ରଫି ସହ ମିକ୍ସଡ୍ ଡବଲ୍ସ ଚାମ୍ପିୟନ ସାରା ଇରାନୀ ଓ ଆନ୍ଦ୍ରିଆ ଭାଭାସୋରି।




# ଶ୍ରେୟାଂଶୀ, ଇଭାନ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୫।୬ (ତପନ ସ୍ୱାଇଁ)**

**ଜାତୀୟ ୭ ବର୍ଷରୁ କମ୍ ଚେସ୍**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ଗୁରୁବାର ଶେଷ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟର ବାଳିକା ବର୍ଗରେ ରାଜସ୍ଥାନର ଶ୍ରେୟାଂଶୀ ଜୈନ ଓ ବାଳକରେ ଗୋଆର ଇଭାନ ଆଣ୍ଟୋନିଓ ଟେଲେସ ଚାମ୍ପିୟନ ହୋଇଛନ୍ତି। ଶ୍ରେୟାଂଶୀ ସବୁଯାକ ମ୍ୟାଚ ଜିତି ଏକମାତ୍ର ୯ ପଏଣ୍ଟ ହାସଲ କରିଛନ୍ତି। ତାମିଲନାଡୁର କେ. ଆନିକା ୭.୫ ପଏଣ୍ଟ ସହିତ ରନରଅପ୍ ଓ ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ୬.୫ ପଏଣ୍ଟ ସହିତ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଭାନ ୮.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅକ୍ତିଆର କରିଛନ୍ତି। ପୁଡୁଚେରୀର ଦୁଭେଶ ମିଲନ ପି. ୭.୫ ପଏଣ୍ଟ ସହିତ ଦ୍ୱିତୀୟ ଓ ମହାରାଷ୍ଟ୍ରର ଅଂଶ ଦଧିଚ ୭.୫ ପଏଣ୍ଟ ପାଇ ତୃତୀୟରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ରିୟାଂଶ ଅଗ୍ରୱାଲ ୫ ପଏଣ୍ଟ ସହିତ ୬୬ତମ ସ୍ଥାନ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ସର୍ବଭାରତୀୟ ଚେସ୍ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁଣ୍ଡୁ ଓ ମନିଷ କୁମାର, ଅଲ୍ ଆସାମ ଚେସ୍ ଆସୋସିଏଶନର ସମ୍ପାଦକ ରାଜୀବ ଧର , ସର୍ବଭାରତୀୟ ଚେସ୍ ମହାସଂଘର କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ମହାସଂଘର ହେଡ୍ ଅଫ୍ ଅପରେଶନ ଅଜିତ ବର୍ମା ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଆର୍‌ସିବି, କେଏସ୍‌ସିଏ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର

**ବେଙ୍ଗାଲୁରୁ, ୫।୬ (ପି.ଟି.)**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି), ଇଭେଣ୍ଟ ମ୍ୟାନେଜମେଣ୍ଟ ଫାର୍ମ ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, କର୍ନାଟକ ରାଜ୍ୟ କ୍ରିକେଟ୍ ଆସୋସିଏଶନ (କେଏସ୍‌ସିଏ) ବିରୋଧରେ ଗୁରୁବାର ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଜଣେ ପୋଲିସ ଅଧିକାରୀ ଅଭିଯୋଗ କରିବା ପରେ କୁବନ ପାର୍କ ଥାନାରେ ମାମଲା ରୁଜୁ କରାଯାଇଛି। ଏଫ୍‌ଆଇଆର୍‌ରେ ଆର୍‌ସିବିକୁ ପ୍ରଥମ ଅଭିଯୁକ୍ତ, ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଦ୍ୱିତୀୟ ଅଭିଯୁକ୍ତ ଓ କେଏସ୍‌ସିଏକୁ ତୃତୀୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଏହି ମାମଲାକୁ ତଦନ୍ତ ଲାଗି ଅପରାଧ ତଦନ୍ତକାରୀ ବିଭାଗକୁ ପଠାଇ ଦିଆଯାଇଛି।

ପୋଲିସ ମୁତାବକ, ଭାରତୀୟ ନ୍ୟାୟ ସହିଂତାର ଦଫା ୧୦୫, ୧୧୫ (ଜାଣିଶୁଣି ଆଘାତ ଦେବା), ୧୧୮ (ବିପଜ୍ଜନକ ଅସ୍ତ୍ର ଦ୍ୱାରା ଗଭୀର ଆଘାତ ଦେବା), ୧୨୧ (ସରକାରୀ କର୍ମଚାରୀଙ୍କୁ ଜାଣିଶୁଣି ଆଘାତ ଦେବା), ୧୯୦ (ବେଆଇନ ଭାବେ ଏକତ୍ରିତ ହୋଇଥିବା ପ୍ରତ୍ୟେକ ସଦସ୍ୟ), ୧୩୨ (ସରକାରୀ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରୁ ନିବୃତ୍ତ କରିବା ପାଇଁ ଆକ୍ରମଣ କିମ୍ବା ଅପରାଧିକ ବଳ ପ୍ରୟୋଗ କରିବା) ଓ ୧୨୫ (୧୨) (ଅନ୍ୟମାନଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦପୂର୍ଣ୍ଣ କରୁଥିବା କାର୍ଯ୍ୟ)ରେ ମାମଲା ରୁଜୁ କରାଯାଇଛି। ରାଜ୍ୟ ସରକାର ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି, ଯାହାର ବେଙ୍ଗାଲୁରୁ ଅର୍ବାନ ଡେପୁଟି କମିଶନର ଜି ଜଗଦିଶ ନେତୃତ୍ୱ ନେବେ।

# ଗୁକେଶଙ୍କ ସମେତ ୧୫ ଭାରତୀୟଙ୍କୁ ଯୋଗ୍ୟତା

**ନୂଆଦିଲ୍ଲୀ, ୫।୬ (ପି.ଟି.):** ସେପ୍ଟେମ୍ବର ୩ରୁ ୧୬ ପର୍ଯ୍ୟନ୍ତ ଉଜ୍‌ବେକିସ୍ତାନର ସମରକନ୍ଦଠାରେ ୨୦୨୫ ଫିଡେ ଗ୍ରାଣ୍ଡ ସୁଇସ୍ ଓ ଓମେନ୍ସ ଗ୍ରାଣ୍ଡ ସୁଇସ୍ ଚେସ୍ ଟୁର୍ନାମେଣ୍ଟ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ବିଶ୍ୱ ଚାମ୍ପିୟନ ଡି. ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ବୈଶାଳୀ ଆର୍ ଓ କୋନେରୁ ହମ୍ପିଙ୍କ ସମେତ ୧୫ ଭାରତୀୟ ଖେଳାଳି ଯୋଗ୍ୟତା ହାସଲ କରିଛନ୍ତି। ଗୁକେଶ ଓ ପ୍ରଜ୍ଞାନନ୍ଦଙ୍କ ବ୍ୟତୀତ ଫିଡେ ଗ୍ରାଣ୍ଡ ସୁଇସ୍ (ଓପନ)ରେ ଭାଗ ନେବାକୁଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଅର୍ଜୁନ ଏରିଗାଇସି, ବିଦାମ୍ବରମ ଅରବିନ୍ଦ, ଭିଦିତ ଗୁଜରାଠୀ, ପେଣ୍ଟାଲ ହରିକ୍ରିଷ୍ଣା, ନିହାଲ ସରିନ୍, ରୌନାକ ସାଧୱାନୀ, ମୁରଲୀ କାର୍ତ୍ତିକେୟନ, ଅଭିମନ୍ୟୁ ପୁରଣିକ ଓ ଆର୍ଯ୍ୟନ ଚୋପ୍ରା। ଅନ୍ୟପକ୍ଷରେ ଓମେନ୍ସ ଗ୍ରାଣ୍ଡ ସୁଇସ୍‌ରେ ହାରିକା ଦ୍ରୋଣାଭାଲି ଓ ଦିବ୍ୟା ଦେଶମୁଖଙ୍କ ସହିତ ବୈଶାଳୀ ଓ ହମ୍ପି ଯୋଗ ଦେଇଛନ୍ତି। ଭାନ୍ତିକା ଅଗ୍ରୱାଲ ରିଜର୍ଭ ଖେଳାଳି ମନୋନୀତ ହୋଇଛନ୍ତି।

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବ ଆର୍‌ସିବି

**ବେଙ୍ଗାଲୁରୁ, ୫।୬ (ପି.ଟି.)**

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବିଜୟ ଉତ୍ସବ ପାଳନ ବେଳେ ଦଳଚକଟାରେ ମୃତ୍ୟୁବରଣ କରିଥିବା ୧୧ଜଣ ସମର୍ଥକଙ୍କ ପରିବାରକୁ ଫ୍ରାଞ୍ଚାଇଜ ତରଫରୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୁଧବାର ବିରାଟ କୋହଲି ଏବଂ ତାଙ୍କ ଦଳର ଖେଳାଳିମାନଙ୍କୁ ଦେଖିବାଲାଗି

**ଆଇପିଏଲ୍ ଦଳାଚକଟା**

ଲକ୍ଷ ଲକ୍ଷ ଲୋକଙ୍କର ଭିଡ଼ ଜମିଥିଲା। ଫଳରେ ଦଳଚକଟା ହୋଇଥିଲା ଏବଂ ୧୧ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ଆର୍‌ସିବି ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ବୁଧବାରର ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ଘୋଷଣା କରାଯାଇଛି। ଏହା ଆରସିବି ପରିବାରକୁ ଖୁବ୍ ଦୁଃଖ ଦେବା ସହ ବ୍ୟଥିତ କରିଛି। ଘଟଣାରେ ଅନ୍ୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ସହାୟତା ପାଇଁ ପାଣ୍ଠି ଯୋଗାଡ଼ କରାଯାଉଛି। ଏହି ଦୁଃଖଦ ଘଟଣାର ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ କରାଯାଉଛି। ୧୫ ଦିନ ମଧ୍ୟରେ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଟ୍ରଫି ହାସଲ କରିବାର ପରଦିନ ବିଜୟ ଉତ୍ସବର ଆୟୋଜନ କରାଯାଇଥିବାରୁ ଆର୍‌ସିବିକୁ କଡ଼ା ସମାଲୋଚନା କରାଯାଉଛି। କାରଣ ଖୁବ୍ କମ୍ ସମୟ ମଧ୍ୟରେ ଏଭଳି ଏକ ଇଭେଣ୍ଟର ଆୟୋଜନ ଲାଗି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବା ସ୍ଥାନୀୟ ପ୍ରଶାସନ ଓ ପୋଲିସଙ୍କ ପକ୍ଷେ ସମ୍ଭବପର ନ ଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଇତିମଧ୍ୟରେ ବୁଧବାର ଇଭେଣ୍ଟର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇ ସାରିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ଏବଂ ଫ୍ରାଞ୍ଚାଇଜ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯିବାର ଆବଶ୍ୟକତା ଥିଲା ବୋଲି ସେ କହିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ